ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୧/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 21/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 298 | ମୂଲ୍ୟ ₹୭/-




## ବୁମ୍ରାଙ୍କୁ ୪ଉଇକେଟ ସଫଳତା

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୪ ଉଇକେଟ ସଫଳତା ପାଇଛନ୍ତି ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍ରା।

୧୫

୦୨

## ଧ୍ରୁବୀ ପଟେଲ ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍

ଆମେରିକାର କମ୍ପ୍ୟୁଟର ଇନ୍‌ଫର୍ମେଶନ ସିଷ୍ଟମ୍ ଛାତ୍ରୀ ଧ୍ରୁବୀ ପଟେଲ ଚଳିତ ବର୍ଷର ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ହୋଇଛନ୍ତି।



**ଆଜିର ସମ୍ପାଦକୀୟ**

ଉଚିତ ପଦକ୍ଷେପ

**ଆଜିର ମନ୍ତବ୍ୟ**

“ଆମିଷ ମିଶାଇ ତିରୁପତି ଲଡୁ ତିଆରି କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହି ଅଭିଯୋଗ ଉପରେ ଏଫ୍‌ଏସ୍‌ଏସ୍‌ଏଆଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

-ଜେ.ପି. ନଡ୍ଡା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ









# କେନ୍ଦ୍ରକୁ ହାଇକୋର୍ଟ ଝଟକା

## ଆଇଟି ନିୟମରେ ସଂଶୋଧନ ସମ୍ବିଧାନ ବିରୋଧୀ

## ସରକାର ଫେକ୍ ନ୍ୟୁଜ୍‌ର ସଂଜ୍ଞା ନିରୂପଣ କରିପାରିବେ ନାହିଁ

ମୁମ୍ବାଇ,୨୦।୯

ସୂଚନା ଓ ପ୍ରଯୁକ୍ତି (ଆଇଟି) ଆଇନ ଅଧୀନରେ ଫ୍ୟାକ୍ଟ ଚେକିଂ ୟୁନିଟ୍ (ଏଫ୍‌ସିୟୁ) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଉଦ୍ୟମକୁ ଝଟ୍‌କା ଲାଗିଛି। ଷ୍ଟାଣ୍ଡଅପ କମେଡିଆନ୍ କୁନାଲ କାମରାଙ୍କ ଆବେଦନର ଶୁଣାଣି କରି ଶୁକ୍ରବାର ବମ୍ବେ ହାଇକୋର୍ଟ ଏହାକୁ ସମ୍ବିଧାନ ବିରୋଧୀ କହି ଖାରଜ କରିଦେଇଛନ୍ତି। ଫେକ୍ ନ୍ୟୁଜ କ'ଣ ତାହା କେନ୍ଦ୍ର ନିର୍ଦ୍ଧାରଣ କରିପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକର କୁନାଲଙ୍କ ପିଟିଶନର ଶୁଣାଣି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଫେକ୍ ନ୍ୟୁଜ୍‌କୁ ଚିହ୍ନଟ କରିବା ପାଇଁ କେନ୍ଦ୍ରକୁ ଫ୍ୟାକ୍ଟ-ଚେକ୍ ୟୁନିଟ୍ ପ୍ରତିଷ୍ଠା ସକାଶେ କ୍ଷମତା ପ୍ରଦାନକାରୀ ଆଇଟି ସଂଶୋଧନ ନିୟମ, ୨୦୨୩ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୧୯ର ପରିପନ୍ଥୀ। ଏହି ବିଷୟରେ ବିସ୍ତୃତ ଭାବେ ବିଚାର କରିବା ପରେ ସରକାରଙ୍କ ସଂଶୋଧିତ ନିୟମ ଅନୁଚ୍ଛେଦ ୧୪ (ସମାନତା ଅଧିକାର), ୧୯ (ବାକ୍ ଓ ଅଭିବ୍ୟକ୍ତି ଅଧିକାର) ଏବଂ ୧୯(୧)(ଜି) (ବୃତ୍ତିଗତ ସ୍ୱାଧୀନତା ଓ ଅଧିକାର) ବିରୋଧରେ ଯାଉଥିବା ଜଣାପଡ଼ିଛି। ତେଣୁ ଆଇଟି ନିୟମରେ ପ୍ରସ୍ତାବିତ ସଂଶୋଧନକୁ ଖାରଜ କରାଯାଉଛି। ଆଇଟି ରୁଲ୍ସରେ ରହିଥିବା 'ଜାଲ୍, ମିଥ୍ୟା ଓ ବିଭ୍ରାନ୍ତିକର' ସଂଜ୍ଞାରେ କୌଣସି ସ୍ପଷ୍ଟତା ନ ଥିବାରୁ ଏହା ଏକ ଭୁଲ୍ ପଦକ୍ଷେପ ବୋଲି ଜଷ୍ଟିସ୍ ଚନ୍ଦୁରକର କହିଛନ୍ତି।

ଗତ ଜାନୁଆରୀରେ ବମ୍ବେ ହାଇକୋର୍ଟର ଏକ ଖଣ୍ଡପୀଠ ଏହି ପ୍ରସଙ୍ଗରେ ବିଭାଜିତ ରାୟ ଦେବା ପରେ ଉକ୍ତ ମାମଲା ଜଣେ ତୃତୀୟ ବିଚାରପତିଙ୍କ ନିକଟକୁ ଶୁଣାଣି ପାଇଁ ପଠାଯାଇଥିଲା। ଜାନୁଆରୀରେ ଜଷ୍ଟିସ୍ ଗୌତମ ପଟେଲ ଏବଂ ନୀଳା ଗୋଖଲେଙ୍କ ଖଣ୍ଡପୀଠ ଏହା ଉପରେ ପୃଥକ୍ ପୃଥକ୍ ରାୟ ଦେଇଥିଲେ। ଜଷ୍ଟିସ୍ ପଟେଲ ରୁଲ୍ସକୁ ଖାରଜ କରିଦେଇଥିବାବେଳେ ଜଷ୍ଟିସ୍ ଗୋଖଲେ ଏହାକୁ ବଳବତ୍ତର ରଖିଥିଲେ। ଜଷ୍ଟିସ୍ ପଟେଲ କହିଥିଲେ, ଏହି ନିୟମ ସେନ୍‌ସରଶିପ୍ ସହ ସମାନ। କିନ୍ତୁ ଜଷ୍ଟିସ୍ ଗୋଖଲେ ମୁକ୍ତ ଅଭିବ୍ୟକ୍ତିକୁ ଏହା ବିଶେଷ ପ୍ରଭାବିତ କରୁ ନ ଥିବା ଦର୍ଶାଇଥିଲେ। ଫ୍ୟାକ୍ଟ-ଚେକ୍ ୟୁନିଟ୍ ଗଠନ ନେଇ କେନ୍ଦ୍ର ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଉପରେ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ। ସର୍ବୋଚ୍ଚ ଅଦାଲତ କହିଥିଲେ, ବମ୍ବେ ହାଇକୋର୍ଟ ଏହି ନିୟମର ସାମ୍ବିଧାନିକ ବୈଧତା ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସରକାର ଏହାକୁ କାର୍ଯ୍ୟକାରୀ ☞ପୃଷ୍ଠା-୪

# କମିଶନର କହିଥିଲେ କ୍ୟାମେରା ଲାଗିଛି, କ୍ରାଇମବ୍ରାଞ୍ଚର ନା

## ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଖାଡ଼ ଅନ୍ୟାୟ




- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ସେନା ଅଧିକାରୀ
- ରାସ୍ତାରେ ଧକ୍କା ମାରିଥିବା ୭ ଜଣଙ୍କୁ ଅଟକ ରଖାଯାଇଛି
- ରାଜ୍ୟ ମହିଳା କମିଶନ ଅଧକ୍ଷା ଗଲେ ଭରତପୁର ଥାନା
- ଏମ୍ସରୁ ଡିସ୍‌ଚାର୍ଜ ହେଲେ ଅଙ୍କିତା, ଆଜି ଦେବେ ଏତଲା

ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭୁବନେଶ୍ୱର ଭରତପୁର ଥାନାରେ ଦିଆଯାଇଥିବା ଅକଥନୀୟ ନିର୍ଯାତନା ଏବେ ଜାତୀୟ ସ୍ତରର ପ୍ରସଙ୍ଗ ପାଲଟିଛି। ଦେଶର ବିଭିନ୍ନ ମହଲରୁ ଓଡ଼ିଶା ପୋଲିସକୁ ନିନ୍ଦା କରାଯାଉଥିବା ଦେଖିବାକୁ ମିଳୁଛି। ଏହି ଘଟଣାରେ ପ୍ରତ୍ୟେକ ଦିନ ପୋଲିସ ବିରୋଧରେ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏପରି କି ଭରତପୁର ଥାନାରେ ସିସିଟିଭି କ୍ୟାମେରା ନ ଥିବା ବିଷୟ ପୋଲିସର ବଡ଼ ତ୍ରୁଟି ବୋଲି ଧରାଯାଉଛି। କମିଶନରେଟ ପୋଲିସ ଅଧୀନରେ ଥିବା ଭରତପୁର ମଡେଲ ଥାନାରେ କାହିଁକି ସିସିଟିଭି କ୍ୟାମେରା ଲଗାଯାଇ ନ ଥିଲା ବୋଲି ପ୍ରଶ୍ନ ଉଠୁଥିବାବେଳେ କମିଶନର ସଞ୍ଜୀବ ପଣ୍ଡାଙ୍କ ଏକ ଭିଡିଓ ଏହି କଥାରେ ଆହୁରି ଦ୍ୱନ୍ଦ୍ୱ ବଢ଼ାଇଦେଇଛି। ନିଜେ ପୋଲିସ କମିଶନର ପଣ୍ଡା ଥାନା ☞ପୃଷ୍ଠା-୪

## ଭରତପୁର ଘଟଣାରେ ଦେଶ ସ୍ତବ୍ଧ: ପ୍ରିୟଙ୍କା ଗାନ୍ଧୀ


ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ଆର୍ମି ଅଫିସର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି ନିର୍ଯାତନା ଘଟଣା ଏବେ ଜାତୀୟସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣାରେ ଚାରିଆଡ଼ୁ ଓଡ଼ିଶା ପୋଲିସ ସମାଲୋଚନାର ଶିକାର ହେଉଛି। ଜାତୀୟସ୍ତର ନେତାମାନେ ମଧ୍ୟ ଏହାକୁ ନିନ୍ଦା କରୁଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ଓଡ଼ିଶା ☞ପୃଷ୍ଠା-୪

## ଦୋଷୀଙ୍କ ବିରୋଧରେ ହେବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୯(ସୁନିତ୍ ମିଶ୍ର)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭରତପୁର ଥାନା ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ କରାଯାଇଥିବା ଆକ୍ରମଣ ଏବଂ ଅତ୍ୟାଚାର ଘଟଣାରେ ଶେଷରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁ ଖୋଲିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ୍ସ ଆକାଉଣ୍ଟରେ ☞ପୃଷ୍ଠା-୪




## ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ ହ୍ୟାକ୍

ନୂଆଦିଲ୍ଲୀ,୨୦ା୯(ପି.ଟି.)

ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଶୁକ୍ରବାର ହ୍ୟାକ୍ ହୋଇଛି। ଆମେରିକୀୟ କମ୍ପାନୀ ରିପଲ୍ ଲାବ୍ସ ଦ୍ୱାରା ବିକଶିତ କ୍ରିପ୍ଟୋକରେନ୍ସିର ପ୍ରଚାରପ୍ରସାର କରାଉଥିବା ଭିଡିଓ ଏଥିରେ ପ୍ରଦର୍ଶିତ ହେଉଛି। ହ୍ୟାକ୍ ହୋଇଥିବା ଚ୍ୟାନେଲରେ ପ୍ରଦର୍ଶିତ ବ୍ଲାଙ୍କ୍ ଭିଡିଓରେ ‘ବ୍ରାଡ୍ ଗାର୍ଲିଂହାଉସ: ରିପଲ ରେସ୍ପଣ୍ଡସ୍ ଟୁ ଦି ଏସ୍ଇସିସ୍ ୨ ବିଲୟନ ଡଲାର ଫାଇନ! ଏକ୍ସଆର୍‌ପି ପ୍ରାଇସ୍ ପ୍ରେଡିକ୍ସନ’ ଶୀର୍ଷକ ଲେଖା ରହିଛି। ସୁପ୍ରିମକୋର୍ଟ ଉକ୍ତ ୟୁଟ୍ୟୁବ୍ ଚ୍ୟାନେଲକୁ ବନ୍ଦ କରିଦିଆଯାଇଛି ଓ ଖୁବ୍‌ଶୀଘ୍ର ଏହା କାର୍ଯ୍ୟ କରିବ ବୋଲି ଏହାର ୱେବ୍‌ସାଇଟ୍‌ରେ ଏନ ନୋଟିସ ପୋଷ୍ଟ କରାଯାଇ ଜଣାଇଦିଆଯାଇଛି। ସାମ୍ବିଧାନିକ ପୀଠରେ ତାଲିକାଭୁକ୍ତ ମାମଲା ଏବଂ ଜନସ୍ୱାର୍ଥ ମାମଲାଗୁଡ଼ିକର ଶୁଣାଣିର ସିଧାପ୍ରସାରଣ ପାଇଁ ସୁପ୍ରିମକୋର୍ଟ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟବହାର କରିଥାନ୍ତି।

## ମାଓବାଦୀଙ୍କୁ ଅସ୍ତ୍ରତ୍ୟାଗ ପାଇଁ ଶାହାଙ୍କ ଆହ୍ୱାନ

ନୂଆଦିଲ୍ଲୀ,୨୦ା୯(ପି.ଟି.)

ମାଓବାଦୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ତ୍ୟାଗକରି ଆତ୍ମସମର୍ପଣ କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଅପିଲ୍ କରିଛନ୍ତି। ସେମାନେ ଯଦି ହିଂସାତ୍ମକ ପନ୍ଥା ପରିତ୍ୟାଗ ନ କରନ୍ତି, ତେବେ ଲାଲ୍ ଆତଙ୍କର ମୂଳୋତ୍ପାଟନ କରିବାକୁ ଅଭିଯାନ ଆରମ୍ଭ ହେବ ବୋଲି ଶାହା ଚେତାବନୀ ଦେଇଛନ୍ତି। ଶାହା ନିଜ ବାସଭବନରେ ଛତିଶଗଡ଼ ମାଓବାଦୀ ହିଂସାକାଣ୍ଡ ଘଟଣା ଉପରେ ଉଦ୍‌ବୋଧନ ଦେଇ କହିଥିଲେ, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ସେମାନଙ୍କର ଶେଷ ନିଃଶ୍ୱାସ ନେବେ। ସେମାନଙ୍କୁ ସମୂଳେ ବିନାଶ କରାଯିବ। ମାଓବାଦ ଉଭୟ ମାନବ ଜାତି ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବିପଦ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।



# ଲୋକଙ୍କ ଆସ୍ଥା ସହ ଖେଳ

## ସୁପ୍ରିମକୋର୍ଟ ଗଲା ତିରୁପତି ଲଡ୍ଡୁ ବିବାଦ: ରିପୋର୍ଟ ମାଗିଲା କେନ୍ଦ୍ର

**ବିଶ୍ୱର ସବୁଠୁ ଧନୀ ଠାକୁର ତିରୁପତି ବାଲାଜୀ। ମନ୍ଦିର ଲଡ୍ଡୁର ଇତିହାସ ୩୦୦ ବର୍ଷ ପୁରୁଣା। ୧୭୧୫ ଅଗଷ୍ଟ ୨ରେ ପ୍ରଥମ ଥର ପାଇଁ ଏହି ପ୍ରସାଦ ଠାକୁରଙ୍କ ନିକଟରେ ଅର୍ପଣ କରାଯାଇଥିଲା। ସେବେଠୁ ବାଲାଜୀଙ୍କ ଲଡ୍ଡୁର ଶୁଦ୍ଧତା ବଜାୟ ରଖିବା ପାଇଁ ଏହାର ପ୍ରସ୍ତୁତି ପ୍ରଣାଳୀକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଆସିଛି। ଏହାସତ୍ତ୍ୱେ ଆମିଷ ବ୍ୟବହାର କରି ଲଡ୍ଡୁ ତିଆରି କରାଯିବା ଅନେକ କୋଟି ଭକ୍ତଙ୍କ ଆସ୍ଥା ସହ ଖେଳ ବୋଲି ବିଶ୍ୱବ୍ୟାପୀ ଶ୍ରଦ୍ଧାଳୁମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଶୁକ୍ରବାର ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ କେନ୍ଦ୍ର ସରକାର ଏହା ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜନୈତିକ ଲାଭ ପାଇଁ ଭଗବାନଙ୍କୁ ବ୍ୟବହାର କରୁଥିବା କହି ୱାଇଏସ୍‌ଆର୍‌ସିପି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ ତାଙ୍କ ପୂର୍ବ ସରକାର ବିରୋଧରେ ଆଗତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

ନୂଆଦିଲ୍ଲୀ,୨୦ା୯

ତିରୁପତି ଲଡ୍ଡୁରେ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଏବଂ ମାଛ ତେଲ ରହିଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର ଶୁକ୍ରବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରର ପ୍ରଥମ ୧୦୦ ଦିନ ଉପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଖାଦ୍ୟ ନିରାପତ୍ତା ମାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତିରୁପତି ଲଡ୍ଡୁରେ ପ୍ରାଣୀ ଚର୍ବି ଓ ମାଛ ତେଲ ରହିଥିବା ଖବର ପ୍ରକାଶ ପାଇବା ପରେ ନଡ୍ଡା ଚନ୍ଦ୍ରବାବୁଙ୍କ ସହ କଥା ହୋଇଥିଲେ। ସେ ସବିଶେଷ ରିପୋର୍ଟ ପଠାଇବା ପରେ ତାହାକୁ ଅନୁଧ୍ୟାନ କରାଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବ।

ତିରୁପତିର ପ୍ରସିଦ୍ଧ ଭେଙ୍କଟେଶ୍ୱର ମନ୍ଦିରରେ ଲଡ୍ଡୁଗୁଡ଼ିକୁ ପ୍ରସାଦ ଭାବେ ଅର୍ପଣ କରାଯାଉଥିଲା। ପ୍ରତିଦିନ ସେଠାକୁ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହି ଲଡ୍ଡୁ ବଣ୍ଟାଯାଉଥିଲା। ତେବେ ଏଥିରେ ପ୍ରାଣୀ ଚର୍ବି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିଲା ବୋଲି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିବା ପରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ଗମ୍ଭୀର ଚିନ୍ତାଜନକ। ସବିଶେଷ ତଦନ୍ତ ସହ ଅପରାଧୀଙ୍କୁ ଦଣ୍ଡ ମିଳିବା ଆବଶ୍ୟକ ବୋଲି ଜୋଷୀ କହିଛନ୍ତି।

ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସରକାର ସମୟରେ ତିରୁପତି ଲଡୁରେ ବ୍ୟବହୃତ ଘିଅକୁ ଗୁଜରାଟର ଏକ ସରକାରୀ ଲାବରେଟୋରିରେ ପରୀକ୍ଷା କରାଯିବା ପରେ ସେଥିରେ ଗୋରୁ ଚର୍ବି, ଘୁଷୁରି ଚର୍ବି,

### ରାଜନୈତିକ ଫାଇଦା ପାଇଁ ମୁଖ୍ୟମନ୍ତ୍ରୀ ଭଗବାନ୍‌ଙ୍କୁ ବ୍ୟବହାର କରୁଛନ୍ତି: ଜଗନ



ଜଗନ୍‌ମୋହନ୍ ରେଡ୍ଡୀ

ମାଛ ତେଲ ରହିଥିବା ଗତ ଜୁଲାଇରେ ରିପୋର୍ଟ ଆସିଥିଲା। ଚନ୍ଦ୍ରବାବୁ ଉକ୍ତ ରିପୋର୍ଟକୁ ଲୋକଲୋଚନକୁ ଆଣିବା ପରେ ଭକ୍ତ ମହଲରେ ହଇଚଇ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଓ ଭାବାବେଗ ସହ ଖେଳ କରାଯାଇଥିବା ଅଭିଯୋଗ ହୋଇଛି। ଲଡୁ ପାଇଁ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଥିବା ଚନ୍ଦ୍ରବାବୁଙ୍କ ଅଭିଯୋଗକୁ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ସମର୍ଥନ ଜଣାଇଛି। ମନ୍ଦିରରେ ଅପମିଶ୍ରଣ ପରୀକ୍ଷା ସୁବିଧା ନ ଥିବାରୁ ଘିଅ ଯୋଗାଣକାରୀ ଏହାର ଫାଇଦା ଉଠାଉଥିଲେ ବୋଲି ଟିଟିଡି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଲ ରାଓ କହିଛନ୍ତି। ଲାବ୍ ରିପୋର୍ଟ ଆସିବା ପରେ ତୁରନ୍ତ ଘିଅ ଯୋଗାଣ ବନ୍ଦ କରାଯିବା ସହ ଉକ୍ତ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରାଯାଇଥିଲା। ଏବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ରାଓ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କ ତାଙ୍କ ଅଭିଯୋଗ ପାଇଁ ସମାଲୋଚନା କରିଛନ୍ତି। ରାଜନୈତିକ ଫାଇଦା ପାଇଁ ଏଭଳି ବ୍ୟକ୍ତି ଭଗବାନଙ୍କୁ ବ୍ୟବହାର କରିପାରନ୍ତି ବୋଲି ଜଗନ କହିଛନ୍ତି। ତିରୁମାଲା ମନ୍ଦିରରେ ପ୍ରସାଦ ଭାବେ ବ୍ୟବହୃତ ଲଡ୍ଡୁ ସହ ବହୁ କୋଟି ଶ୍ରଦ୍ଧାଳୁଙ୍କର ଗଭୀର ଧର୍ମୀୟ ଭାବନା ଜଡ଼ିତ। ୱାଇଏସ୍‌ଆର୍‌ସିପି ସରକାର ସମୟରେ ଅପମିଶ୍ରିତ ଘିଅ ମନ୍ଦିରକୁ ଲଡ୍ଡୁ ତିଆରି ପାଇଁ ଆସୁଥିଲା ବୋଲି ଟିଡିପି ମୁଖପାତ୍ର ଆନମ ଭେଙ୍କଟରମଣ ରେଡ୍ଡୀ ଖବରଦାତା ସମ୍ମିଳନୀରେ ଜୁଲାଇ ୧୭ର ଲାବ୍ ରିପୋର୍ଟ ଉପସ୍ଥାପନ କରି ଅଭିଯୋଗ କରିଥିଲେ। ତେବେ ରାଜନୈତିକ ପ୍ରେରଣାରେ ଏଭଳି ଭିତ୍ତିହୀନ ଅଭିଯୋଗ ଅଣାଯାଇଥିବା କହି ଟିଟିଡିର ପୂର୍ବତନ ଅଧ୍ୟକ୍ଷ ତଥା ୱାଇଏସ୍‌ଆର୍‌ସିପିର ବରିଷ୍ଠ ନେତା ୱାଇ.ଭି. ସୁବା ରେଡ୍ଡୀ ଏହାକୁ ଖଣ୍ଡନ କରିଥିଲେ।



### ସିବିଆଇ ତଦନ୍ତ ଦାବିକଲେ ଶର୍ମିଳା



ତିରୁପତି ଲଡ୍ଡୁ ବିବାଦ ଶୁକ୍ରବାର ସୁପ୍ରିମକୋର୍ଟରେ ପହଞ୍ଚିଛି। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ପାଇଁ ଜଣେ ଆଇନଜୀବୀ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ସେ ଆବେଦନରେ ଦର୍ଶାଇଛନ୍ତି, ଯେ ଲଡୁରେ ବ୍ୟବହୃତ ଘିଅରେ ଗୋରୁ ଚର୍ବି ଓ ମାଛ ତେଲ ରହିଥିବା ଜଣାପଡ଼ିବା ପରେ ଏହା ଅଗଣିତ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଏହା ହିନ୍ଦୁ ଧର୍ମର ମୌଳିକ ପ୍ରଥାର ଉଲ୍ଲଂଘନ ବୋଲି ସେ କହିଛନ୍ତି। ହିନ୍ଦୁଧର୍ମର ପବିତ୍ର ପ୍ରଥାଗୁଡ଼ିକର ସୁରକ୍ଷା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି। ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇ.ଏସ୍. ଶର୍ମିଳା ଦାବି କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେପଟେ ମାଡ୍ରାସ ହାଇକୋର୍ଟର ଆଇନଜୀବୀ ବି. ଜଗନ୍ନାଥ ତିରୁପତିଙ୍କ ଲଡ୍ଡୁ ତିଆରେ ବ୍ୟବହୃତ ଘିଅରେ ପଶୁ ଚର୍ବି ମିଶ୍ରଣ ଘଟଣାରେ ଜଗନମୋହନ ରେଡ୍ଡୀଙ୍କ ବିରୋଧରେ ତାମିଲନାଡୁ ପୋଲିସରେ ଏତଲା ଦାଏର କରିଛନ୍ତି। ସେ ଅଭିଯୋଗର ନକଲ ପୋଲିସ ଡିଜି ଏବଂ ଗ୍ରେଟର ଚେନ୍ନାଇ ପୋଲିସ କମିଶନରଙ୍କ ନିକଟକୁ ପଠାଇଛନ୍ତି।



ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଶୁକ୍ରବାର ଅନୁଷ୍ଠିତ ‘ପିଏମ୍ ବିଶ୍ୱକର୍ମା’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଜଣେ କାରିଗରଙ୍କଠାରୁ ପ୍ରଭୁ ଜଗନ୍ନାଥଙ୍କ କଳାକୃତି କିଣୁଛନ୍ତି।

## ଝାଡ଼ଖଣ୍ଡ ସହ ସୀମା ସିଲ୍ କଲା ପଶ୍ଚିମବଙ୍ଗ

### ରାସ୍ତାରେ ଅନେକ ହଜାର ଟ୍ରକ୍

ରାଞ୍ଚି,୨୦ା୯

ପଶ୍ଚିମବଙ୍ଗ ସରକାର ଗୁରୁବାର ସନ୍ଧ୍ୟାରେ ଦିବ୍ରୁଗଡ଼ ଚେକ୍‌ପୋଷ୍ଟ ସିଲ୍ କରିଦେଇଥିବାରୁ ଝାଡ଼ଖଣ୍ଡରୁ ଯାଉଥିବା ହଜାର ହଜାର ଭାରିଯାନ ୧୯ ନମ୍ବର ଜାତୀୟ ରାଜପଥରେ ଅଟକି ରହିଛି। ଆନ୍ତଃରାଜ୍ୟ ସୀମାକୁ ୩ ଦିନ ପାଇଁ ସିଲ୍ କରିବା ନିମନ୍ତେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଝାଡ଼ଖଣ୍ଡକୁ ସୁରକ୍ଷିତ ରଖିବା ପାଇଁ ଦାମୋଦର ଭ୍ୟାଲି କର୍ପୋରେଶନ (ଡିଭିସି) ଡ୍ୟାମ୍‌ରୁ ଜଳ ଛାଡ଼ିଦେବାରୁ ପଶ୍ଚିମବଙ୍ଗରେ ବନ୍ୟା ହୋଇଥିବା ଦର୍ଶାଇ ମମତା ଝାଡ଼ଖଣ୍ଡ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ଝାଡ଼ଖଣ୍ଡ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ପଶ୍ଚିମବଙ୍ଗରେ ମାନବକୃତ ବନ୍ୟା ପାଇଁ ମମତା ଡିଭିସିକୁ ଦାୟୀ କରିଛନ୍ତି। ଏହି ନିଗମ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ସେ ଧମକ ଦେଇଛନ୍ତି। ଅଗଷ୍ଟ ୪ରେ ମମତା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଟେନୁଘାଟରୁ ହଠାତ୍ ପ୍ରଚୁର ଜଳ ଛାଡ଼ିଦିଆଯିବାରୁ ପଶ୍ଚିମବଙ୍ଗରେ ବନ୍ୟା ସୃଷ୍ଟି ହୋଇଥିବା ମମତା ହେମନ୍ତଙ୍କୁ କହିବା ସହ ଏଥିପ୍ରତି ସତର୍କ ରହିବାକୁ ନିବେଦନ କରିଥିଲେ।

### ଇସ୍ରାଏଲ୍‌ର ଘନ ଘନ ଏୟାରଷ୍ଟ୍ରାଇକ୍

## ହେଜ୍‌ବୋଲ୍ଲା କମାଣ୍ଡର ନିହତ

ବେରୁଟ୍,୨୦ା୯

ଲେବାନନ୍‌ର ବେରୁଟ୍‌ରେ ଶୁକ୍ରବାର ଇସ୍ରାଏଲ୍ ପକ୍ଷରୁ ଘାତକ ଆକ୍ରମଣ କରାଯାଇଛି। ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର ବରିଷ୍ଠ କମାଣ୍ଡର ଇବ୍ରାହିମ୍ ଅକିଲ ନିହତ ହୋଇଛନ୍ତି। ଏଥିସହ ଅନ୍ୟ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୯ ଜଣ ଆହତ ହୋଇଥିବା ଲେବାନନ୍ ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

ପ୍ରାୟ ବର୍ଷେ ହେଲା ଇସ୍ରାଏଲ୍-ଗାଜା ଯୁଦ୍ଧରେ ହମାସ୍‌କୁ ହେଜ୍‌ବୋଲ୍ଲା ସହଯୋଗ କରିଆସୁଛି। ଏହା ପୂର୍ବରୁ ହେଜ୍‌ବୋଲ୍ଲାକୁ ଉଚିତ ଶିକ୍ଷା ଦେବା ପାଇଁ ଇସ୍ରାଏଲୀ ସ୍ପାଏ ଏଜେନ୍ସି ମୋସାଦ ରଣନୀତି ସ୍ଥିର କରିଥିଲା। ତଦନୁସାରେ ଗତ ମଙ୍ଗଳବାର ଓ ବୁଧବାର ଲଗାତର ଭାବେ ପେଜର, ୱାକିଟକି, ଇଣ୍ଟରକମ୍, କାର୍ ରେଡିଓ ଏବଂ ହାମ୍ ସୋଲାର ସିଷ୍ଟମ୍ ଭଳି ଉପକରଣଗୁଡ଼ିକରେ ବିସ୍ଫୋରଣ ଘଟିବାରେ ଲାଗିଲା।



ଇବ୍ରାହିମ୍ ଅକିଲ

ଏହି ଅତର୍କିତ ଆକ୍ରମଣରେ ଅନେକ ମୃତାହତ ହୋଇଥିଲେ। ଗୁରୁବାର ଇସ୍ରାଏଲ୍ ପକ୍ଷରୁ ଦକ୍ଷିଣ ଲେବାନନ୍‌ର କେତେକ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସରଲ୍ଲା ଏହାର କଡ଼ା ଜବାବ ଦିଆଯିବ ବୋଲି ଇସ୍ରାଏଲ୍‌କୁ ଚେତାବନୀ ଦେଇଥିଲେ। ତାଙ୍କ ସଶସ୍ତ୍ର ସଦସ୍ୟମାନେ ଇସ୍ରାଏଲ୍‌କୁ ୧୪୦ ରକେଟ୍ ଛାଡ଼ିଥିଲେ। ଏହାର ଦିନକ ପରେ ଇସ୍ରାଏଲୀ ସେନା

### ଗାଜାରେ ୩୪ ପାଲେଷ୍ଟିନୀୟ ମୃତ

ବେରୁଟ୍ ନିକଟ ଦାହିୟେ ସହରସ୍ଥିତ ଆତଙ୍କବାଦୀ ସଙ୍ଗଠନର କେତେକ ଆଡ୍ଡାକୁ ଟାର୍ଗେଟ କରିଛି, ଯହିଁରେ ଇବ୍ରାହିମ୍ ଅକିଲ ନିହତ ହୋଇଛନ୍ତି। ଅକିଲ ଏହା ପୂର୍ବରୁ ହେଜ୍‌ବୋଲ୍ଲାର ରଦୱାନ୍ ଫୋର୍ସ ଏବଂ ସର୍ବୋଚ୍ଚ ସାମରିକ ସଂସ୍ଥା ଜିହାଦ କାଉନ୍‌ସିଲ ମୁଖ୍ୟ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୮୩ରେ ବେରୁଟ୍‌ସ୍ଥିତ ଆମେରିକୀୟ ଦୂତାବାସ ବିସ୍ଫୋରଣରେ ଅକିଲଙ୍କ ସମ୍ପୃକ୍ତିକୁ ନେଇ ପରରାଷ୍ଟ୍ର ବିଭାଗ ତାଙ୍କ ଉପରେ କଟକଣା ଜାରି କରିଥିଲା। ଗୋଲାନ୍ ହାଇଟ୍ସ, ସଫେଦ ଓ ଅପର ଗଲି ଭଳି କେତେକ ସ୍ଥାନରେ ଶତାଧିକ ମିଶାଇଲ ମାଡ଼ କରାଯାଇଛି। ଗାଜାରେ ଇସ୍ରାଏଲ୍‌ର ଆକ୍ରମଣରେ ଶୁକ୍ରବାର ୩୪ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଶିଶୁ ଥିବା ଜଣାପଡ଼ିଛି।


## ଆମେରିକାରେ ଭାରତୀୟ ଦୂତାବାସ ଅଧିକାରୀଙ୍କ ରହସ୍ୟଜନକ ମୃତ୍ୟୁ

**ନୂଆଦିଲ୍ଲୀ,୨୦ା୯:** ଆମେରିକାର ୱାଶିଂଟନ ଡିସିସ୍ଥିତ କାର୍ଯ୍ୟାଳୟରେ ବୁଧବାର ଜଣେ ଭାରତୀୟ ଦୂତାବାସ ଅଧିକାରୀଙ୍କର ରହସ୍ୟଜନକ ସ୍ଥିତିରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ସିକ୍ରେଟ୍ ସର୍ଭିସ ମୃତ୍ୟୁ ଘଟଣାର ତଦନ୍ତ କରୁଛି। ସେ ଆତ୍ମହତ୍ୟା କରିଛନ୍ତି କିମ୍ବା କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ତାଙ୍କ ମୃତଦେହକୁ ଭାରତ ପଠାଇବା ପାଇଁ ପରିବାର ସଦସ୍ୟ ଓ ଅଧିକାରୀମାନଙ୍କ ସହ ଭାରତୀୟ ଦୂତାବାସ ଯୋଗାଯୋଗରେ ରହିଛି। ପରିବାରର ପ୍ରିଭେସୀ ପାଇଁ ମୃତ ଅଫିସରଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯାଇ ନାହିଁ।

## ପାକ୍ ମନ୍ତବ୍ୟ: ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା

ନୂଆଦିଲ୍ଲୀ,୨୦ା୯

କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ବେଦବ୍ୟାସଚାର ଶ୍ରୀଶାନନ୍ଦ ନିକଟରେ ଏକ ମାମଲାର ଶୁଣାଣି ବେଳେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ସୁପ୍ରିମକୋର୍ଟ ରାଜ୍ୟର ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ମାଗିଛନ୍ତି। ବିଚାରପତି ଶୁଣାଣି ବେଳେ ବେଙ୍ଗାଲୁରୁର ଏକ ମୁସଲମାନ ବହୁଳ ଅଞ୍ଚଳକୁ ‘ପାକିସ୍ତାନ’ କହିବା ସହ ମହିଳା ଆଇନଜୀବୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଶୁଣାଣି ସମୟର



ଜଷ୍ଟିସ୍ ବେଦବ୍ୟାସଚାର ଶ୍ରୀଶାନନ୍ଦ

ଏକ ଭିଡିଓକୁ ସର୍ବୋଚ୍ଚ ଅଦାଲତ ବିଚାର ପାଇଁ ଗ୍ରହଣ କରିଥିଲେ। ନ୍ୟାୟିକ ବ୍ୟବସ୍ଥାର ମର୍ଯ୍ୟାଦା ରକ୍ଷାକରିବା ଜରୁରୀ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି। ଅଦାଲତରେ ବିଚାର ଚାଲିଥିବାବେଳେ ଜଣେ ବିଚାରପତିଙ୍କର ଏଭଳି ମନ୍ତବ୍ୟକୁ ନେଇ ଖଣ୍ଡପୀଠ ଚିନ୍ତାବ୍ୟକ୍ତ କରିବା ସହ ସାମ୍ବିଧାନିକ କୋର୍ଟର ବିଚାରପତିମାନଙ୍କ ପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ସ ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ଦେଇଛନ୍ତି। ସୋସିଆଲ ମିଡିଆଗୁଡ଼ିକ ସକ୍ରିୟ ଥିବାରୁ ବିଚାରପତି ମନ୍ତବ୍ୟ ଦେବାବେଳେ ସତର୍କ ରହିବା ଜରୁରୀ।

## ଅସୁରକ୍ଷିତ ଖାଦ୍ୟ: ବର୍ଷକୁ ୪.୨ ଲକ୍ଷ ମୃତ୍ୟୁ

ନୂଆଦିଲ୍ଲୀ,୨୦ା୯(ପି.ଟି.)

ବିଶ୍ୱରେ ଅସୁକ୍ଷିତ ଖାଦ୍ୟ ଖାଇ ପ୍ରତିବର୍ଷ ୬୦୦ ନିୟୁତ ଲୋକ ରୋଗଗ୍ରସ୍ତ ହେଉଥିବାବେଳେ ୪ ଲକ୍ଷ ୨୦ ହଜାର ପ୍ରାଣ ହରାଉଛନ୍ତି। ଅସୁରକ୍ଷିତ ଖାଦ୍ୟ ଉପରେ ଖାଦ୍ୟ ନିୟନ୍ତ୍ରକମାନଙ୍କ ଲଗାମ ରହୁନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଅଧନୋମ୍ ଘେବ୍ରେୟେସସ୍ ଶୁକ୍ରବାର ଏହି ଉଦ୍‌ବେଗଜନକ ବିଷୟ ପ୍ରକାଶ କରିଛନ୍ତି।

ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଗ୍ଲୋବାଲ ଫୁଡ୍ ରେଗୁଲେଟର୍ସ ସମିଟ୍‌କୁ ଏକ ଭିଡିଓ ମେସେଜ୍‌ରେ ସମ୍ବୋଧିତ କରି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଘେବ୍ରେୟେସସ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ନୂତନ କାରିଗରି, ବୈଶ୍ୱିକୀକରଣ ଓ ଶିଳ୍ପାୟନ ଯୋଗୁ ଆମ ଖାଦ୍ୟ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଅସୁରକ୍ଷିତ ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଥିବା ଲୋକଙ୍କ ମଧ୍ୟରୁ ୭୦% ୫ ବର୍ଷରୁ କମ୍ ବୟସର ଶିଶୁ। ଏହାର ମୁକାବିଲା କ୍ଷେତ୍ରରେ ଖାଦ୍ୟ ନିୟନ୍ତ୍ରକ ସମୁଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱର ୩ ନିୟୁତ ଲୋକ ପୁଷ୍ଟିକର ଖାଦ୍ୟ ଖାଇବାକୁ ପାଉ ନ ଥିବାରୁ ଏହାର ସମାଧାନ ଦିଗରେ ସମନ୍ୱିତ ଉଦ୍ୟମର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟକର ଓ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଭଳି ଖାଦ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ସମନ୍ୱୟର ଆବଶ୍ୟକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମେରିକାର ଧ୍ରୁବୀ ପଟେଲ ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍

ୱାଶିଂଟନ,୨୦ା୯(ପି.ଟି.)

ଆମେରିକାର କମ୍ପ୍ୟୁଟର ଇନ୍‌ଫର୍ମେଶନ ସିଷ୍ଟମ୍ ଛାତ୍ରୀ ଧ୍ରୁବୀ ପଟେଲଙ୍କୁ ଚଳିତ ବର୍ଷର ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ଘୋଷଣା କରାଯାଇଛି। ଧ୍ରୁବୀ ବଲିଉଡ୍ ଅଭିନେତ୍ରୀ ହେବା ସହ ୟୁନିସେଫ୍ ଆମ୍ବାସାଡର ହେବାକୁ ଲକ୍ଷ୍ୟ ରଖିଛନ୍ତି। ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ଜିତିବା ଏକ ଅବିଶ୍ୱସନୀୟ ସମ୍ମାନ। ଏହା ମୁକୁଟଠାରୁ ମଧ୍ୟ ବହୁ ଅଧିକ। ଏହା ମୋର ଐତିହ୍ୟ, ମୂଲ୍ୟବୋଧର ପ୍ରତିନିଧିତ୍ୱ କରିବା ସହ ବିଶ୍ୱସ୍ତରରେ ଅନ୍ୟମାନଙ୍କୁ ପ୍ରେରଣା ଦେବାର ସୁଯୋଗ ବୋଲି ଧ୍ରୁବୀ ନ୍ୟୁଜର୍ସିର ଏଡିସନ୍‌ଠାରେ ମୁକୁଟ ଜିତିବା ପରେ ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରତିଯୋଗିତାରେ ସୁରିନାମ୍‌ର ଲିସା ଆବ୍‌ଡୋଲହକ୍ ପ୍ରଥମ ରନର-ଅପ୍ ହୋଇଥିବାବେଳେ ନେଦରଲାଣ୍ଡସ୍‌ର ମାଳବିକା ଶର୍ମା ଦ୍ୱିତୀୟ ରନର୍-ଅପ୍ ହୋଇଛନ୍ତି। ମିସେସ୍ ବର୍ଗରେ ତ୍ରିନିଦାଦ ଏବଂ ଟବାଗୋର ସୁ ଆନ୍ ମୌଛେଟ୍ ବିଜେତା ହୋଇଥିବାବେଳ ସ୍ନେହ ନାମ୍ବିଆର ପ୍ରଥମ ଏବଂ ପୱନଦୀପ୍ କୌର ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ନାବାଳିକା ବର୍ଗରେ ଗୁଆଡେଲୁପ୍‌ର ସିଏରା ସୁରେଟ୍ ମିସ୍ ଟିନ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ମୁକୁଟ ପିନ୍ଧିଥିବାବେଳେ ନେଦରଲାଣ୍ଡସ୍‌ର ଶ୍ରେୟା ସିଂ ଏବଂ ସୁରିନାମ୍‌ର ଶ୍ରଦ୍ଧା ଟେଡ୍‌ଜୋ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ନ୍ୟୁୟର୍କର ଇଣ୍ଡିଆ ଫେଷ୍ଟିଭାଲ କମିଟି ଏହି ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରିଥାଏ। ଭାରତୀୟ ଆମେରିକୀୟ ନୀଲମ ଏବଂ ଧର୍ମାତ୍ମା ଶରନ କମିଟିର ମୁଖ୍ୟ ରହିଛନ୍ତି।



ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ଧ୍ରୁବୀ ପଟେଲ (ମଝି)ଙ୍କ ସହ ମିସ୍ ଟିନ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ବିଜେତା ସିଏରା ସୁରେଟ୍ ଏବଂ ମିସେସ୍ ଇଣ୍ଡିଆ ବିଜେତା ସୁ ଆନ୍ ମୌଛେଟ।




# ଆଜିଠୁ ୩ଦିନ ରତ୍ନଭଣ୍ଡାରର ବୈଷୟିକ ସର୍ଭେ

**ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)**

■ ଅପରାହ୍ନ ୧ଟାରୁ କାର୍ଯ୍ୟ ଶେଷ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ
■ ଆନନ୍ଦ ବଜାରରୁ ମହାପ୍ରସାଦ କ୍ରୟ କରିପାରିବେ ଭକ୍ତ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ସେପ୍ଟେମ୍ବର ୨୧, ୨୨ ଏବଂ ୨୩ ତାରିଖ ତିନିଦିନ ଧରି ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହେବ। ପ୍ରତ୍ୟହ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ଭେ ପାଇଁ ସମୟ ସ୍ଥିର ହୋଇଥିବା ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନଭଣ୍ଡାରର ବାକି ଥିବା ବୈଷୟିକ ସର୍ଭେ ଶେଷ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହାପରେ ଏଏସ୍ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତାରିଖ ସ୍ଥିର କରାଯାଇଛି। ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସର୍ଭେ କରାଯିବ। ତେଣୁ ଏହି ୩ଦିନ ଶ୍ରୀବିଗ୍ରହଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା ଲାଗି ଆବଶ୍ୟକ ସମୟ ଦେବାକୁ ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷ ନୀତି ନିର୍ଘଣ୍ଟ ଅନୁଯାୟୀ, ଅପରାହ୍ନ ୧ଟାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶିପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିପାରିବେ।

ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହୋଇଥିଲା। ସେହିଦିନ ସର୍ଭେ ସମୟରେ ଏଏସ୍ଆଇ ବୈଷୟିକ ଟିମ୍‌ର ମୁଖ୍ୟ, ସିଏସ୍ଆଇଆର୍, ଏନ୍‌ଜିଆର୍‌ଆଇର ମୁଖ୍ୟ ବୈଜ୍ଞାନିକ ଆଉ ଏକ ରାଉଣ୍ଡ ସର୍ଭେ କରିବାକୁ ମତ ଦେଇଥିଲେ। ରାଡାର୍ ପେନିଟ୍ରେଟିଂ ସିଷ୍ଟମ ତଥା ଅନ୍ୟ ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ସର୍ଭେ କରିବା ପରେ ହିଁ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ବୈଷୟିକ ଟିମ୍ ପ୍ରସ୍ତାବ ଦେଇଥିଲା। ସେପ୍ଟେମ୍ବର ୨୪ରୁ ଦଶହରା (ଷୋଳ ପୂଜା) ସମ୍ପର୍କିତ ନୀତିକାନ୍ତି ଆରମ୍ଭ ହେବା ପୂର୍ବରୁ ବାକି ଥିବା ସର୍ଭେ ଶେଷ କରି ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ନିଜ ପତ୍ରରେ ଗୁରୁତ୍ୱାରୋପ କରିଥିଲେ। ତେଣୁ ଏଏସ୍ଆଇ ନିର୍ଦ୍ଧାରିତ ତାରିଖ ସୁଦ୍ଧା ସର୍ଭେ ସାରିବାକୁ ନିଷ୍ପତ୍ତି ନେଇଛି।

# 'ବିଜେଡି ପ୍ରତିଶ୍ରୁତି ଅନୁଯାୟୀ ଷ୍ଟିଲ୍ ପ୍ଲାଣ୍ଟ କୁଆଡ଼େ ଗଲା'

**କେନ୍ଦୁଝର,୨୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାକୁ ଶୁକ୍ରବାରଠାରୁ ୩ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ନିଜ ଜିଲାକୁ ଏହା ଦ୍ୱିତୀୟ ଗସ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲାଇଭ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ଯୋଗଦେଇ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଜେଡି ଶାସନ ସମୟରେ କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ପ୍ରତିଶ୍ରୁତି ଦେବା ସହ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଷ୍ଟିଲ୍ ପ୍ଲାଣ୍ଟ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଜିଲାର ବିକାଶ ପାଇଁ ସମସ୍ତେ ମିଶି କାର୍ଯ୍ୟ କରିବାକୁ କହିବା ସହ ଲାଇଭ୍ ସେଭର୍ସ ଗ୍ରୁପ୍‌ର ସଦସ୍ୟଙ୍କ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ପୂର୍ବାହ୍ନ ୧୧ଟା୫ରେ ରାଇସୁଆଁସ୍ଥିତ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରାରେ ସହରସ୍ଥିତ ଅଡିଟୋରିୟମଠାରେ ଆୟୋଜିତ ଲାଇଭ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ପ୍ରଫେସର ଅଭିମନ୍ୟୁ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଜୟ କେନ୍ଦୁଝର, ଜୟ ଜଗନ୍ନାଥ କହିବା ସହ ଜିଲାର ଆରାଧ୍ୟ ଦେବୀ ମା' ତାରିଣୀ ଓ ବଳଦେବଜୀଉଙ୍କୁ ସ୍ମରଣକରି ଅଭିଭାଷଣ ଆରମ୍ଭ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ନୁହନ୍ତି, ଆପଣଙ୍କ ସେହି ମୋହନ


କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ଲାଇଭ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖୁଛନ୍ତି।

## ୩ ଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

■ ଲାଇଭ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଲେ
■ ଗାଁରେ ଫୁଟ୍‌ବଲ ଖେଳ ଦେଖିଲେ, ଲୋକଙ୍କ ସହ କଥା ହେଲେ

ଭାଇ ହୋଇ ରହିବାକୁ ଚାହାନ୍ତି ବୋଲି କହିଥିଲେ। ରତ୍ନଗର୍ଭା କେନ୍ଦୁଝରବାସୀ ଖୁସି ହେବା କଥା, କିନ୍ତୁ ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟ ଦେଖିବାକୁ ମିଳିଛି। ଆଜି ଯେଉଁମାନେ ନେତା ହୋଇଛନ୍ତି, ଏଠୁ ନେଇ ନେତା ହୋଇଛନ୍ତି ବୋଲି କହିଥିଲେ। ଆମ ଭିତରେ ସଚେତନତାର ଅଭାବ ହେଉ ବା ପ୍ରଶାସନରେ ଅବହେଳା ପାଇଁ ଆମେ ଏ ସବୁଥିରୁ ବଞ୍ଚିତ ଅଛନ୍ତି। କେନ୍ଦୁଝର ଜିଲାକୁ ପ୍ରଧାନମନ୍ତ୍ରୀ ଡିଏମ୍ଏଫ୍ ପାଣ୍ଠିରେ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି। ଜିଲାର ଓମ୍ୱାଡସିର ଅନେକ କୋଟି ଟଙ୍କା ପୂର୍ବ ସରକାର ନେଇଗଲେ। ସେ ଏବେ ରିଭ୍ୟୁ ଆରମ୍ଭ କରିଛନ୍ତି। ଶିଳ୍ପପତିଙ୍କୁ ଜିଲାରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ପରାମର୍ଶ ଦିଆଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକ ମଧ୍ୟ କହୁଥିଲେ ଓଡ଼ିଶାରେ ଦ୍ୱିତୀୟ ଷ୍ଟିଲ୍ ପ୍ଲାଣ୍ଟ ଯଦି ହେବ କେନ୍ଦୁଝରରେ ହେବ। ବିଜେଡି ଶାସନ ସମୟରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା ତା' ପାଇଁ ଧନ୍ୟବାଦ ସଭା ମଧ୍ୟ ହେଲା। ଆଜି ପର୍ଯ୍ୟନ୍ତ କାହିଁକି ସେ ଷ୍ଟିଲ୍ ପ୍ଲାଣ୍ଟ ହେଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାହା ଚାଲିଲା। ଏଥିସହ ବଡ଼ବିଲରୁ ଚମ୍ପୁଆ ୮ ଥାକିଆ ରାସ୍ତା ହେବ। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ହେବାକୁ ଯାଉଛି। ଏହାଦ୍ୱାରା ଜିଲାର ଅନେକ ଉନ୍ନୀତ ହେବ। କେନ୍ଦୁଝରିଆ ଏକାଠି ହୋଇ ଜିଲାର ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିମଧ୍ୟରେ ବିଭିନ୍ନ ଜିଲାରୁ ଆସିଥିବା ସାମାଜିକ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଲାଇଫ୍ ସେଭର୍ସ ଗ୍ରୁପ୍ ସଦସ୍ୟଙ୍କୁ ରକ୍ତଦାନ କରିବା ସହ ଗଛ ମଧ୍ୟ ଲଗାଇବାକୁ ପରାମର୍ଶ ଦେଇଥିଲେ। ଆଜି ପର୍ଯ୍ୟନ୍ତ ୧୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରକ୍ତଦାନ କରି ଜୀବନ ରକ୍ଷା କରିଥିବା, ୭୦୦ରୁ ଉର୍ଦ୍ଧ୍ୱ ଶବ ସଂସ୍କାର ଓ ଶୁଦ୍ଧିକ୍ରିୟା କରିଥିବାରୁ ଏହି ଗ୍ରୁପ୍‌କୁ ସାଧୁବାଦ ଜଣାଇଥିଲେ। ଗ୍ରୁପ୍‌ରେ ମୋତେ ସାମିଲ କରିବେ କି ବୋଲି ପଚାରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନଭୋଜନ କରି ନିଜ ଗ୍ରାମ ରାଇକଳାକୁ ଯାଇ ସେଠାରେ ଫୁଟ୍‌ବଲ ଖେଳ କାର୍ଯ୍ୟକ୍ରମରେ ଅତିଥିଭାବେ ଭାଗନେଇ ଖେଳ ଦେଖିଥିଲେ। ସେଠାରେ ଗ୍ରାମର ଲୋକଙ୍କ ସହ ମିଶିଥିଲେ।

# ସରୋଜିନୀ ସାହୁ ପାଇବେ 'ଶାରଳା ପୁରସ୍କାର'

**ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ଚଳିତବର୍ଷ ବିଶିଷ୍ଟ ଲେଖିକା ସରୋଜିନୀ ସାହୁ ପାଇବେ ୪୫ତମ 'ଶାରଳା ପୁରସ୍କାର'। ୨୦୧୯ରେ ସୃଜନ ଇଣ୍ଡିଆ ଦ୍ୱାରା ପ୍ରକାଶିତ ତାଙ୍କ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୬ରେ ଇଣ୍ଡିଆ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଲେଖିକାଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୫ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିକାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ନିଶ୍ଚିତ ଭାବେ ନୂଆ ପିଢ଼ିର ଲେଖକମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ଲେଖିକା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଝଙ୍କାର ପୁରସ୍କାର (କ୍ଷୁଦ୍ରଗଳ୍ପ), ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର, ଅଖିଳ କଥା ସମ୍ମାନ, ପ୍ରଜାତନ୍ତ୍ର ପୁରସ୍କାର, ଲାଡ୍‌ଲି ମିଡିଆ ଆୱାର୍ଡ ସହିତ ଆହୁରି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ


ସରୋଜିନୀ ସାହୁ

## ସୁଦର୍ଶନ ଓ ତାନସେନ୍‌ଙ୍କୁ 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ'


ସୁଦର୍ଶନ ସାହୁ  ତାନସେନ ସିଂ

କଳାକ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ଭାସ୍କର୍ଯ୍ୟଶିଳ୍ପୀ ସୁଦର୍ଶନ ସାହୁ ଏବଂ କଣ୍ଠଶିଳ୍ପୀ ତାନସେନ ସିଂଙ୍କୁ 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ ୨୦୨୪' ମିଳିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

'ଶାରଳା ପୁରସ୍କାର' ଚୟନ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ଡ. ଭଗବାନ ଜୟସିଂହ, ପ୍ରଫେସର କାଳୀଦାସ ମିଶ୍ର, ଡ. ଗୌରହରି ଦାସ, ସଦାନନ୍ଦ ତ୍ରିପାଠୀ, ବୈଜୟନ୍ତୀ ମିଶ୍ର, ସଂଯୁକ୍ତା ମହାନ୍ତି ଏବଂ ତାପସ କୁମାର ସାମନ୍ତରାୟ ବିଚାରକ ଥିଲେ। ସେହିପରି 'ଇଲା ବଂଶୀଧର ପଣ୍ଡା କଳା ସମ୍ମାନ' ପାଇଁ ସଙ୍ଗୀତ ବିଭାଗରେ ସୁସ୍ମିତା ଦାସ, ରତିକାନ୍ତ ଶତପଥୀ, ଶରତ ନାୟକ ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକୀଲ, ସତ୍ୟଭୂଷଣ ହୋତା ଓ ବୀରେନ୍ଦ୍ର ପାଣି ବିଚାରକ ଥିଲେ ବୋଲି ଶୁକ୍ରବାର ଇମ୍ପାକ୍ଟ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

# ଝାଡ଼ାବାନ୍ତିରେ ୩ ମୃତ,୩୦ ଆକ୍ରାନ୍ତ

**ବାରିପଦା,୨୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଡାକ୍ତରଖାନାରେ ଚିକିତ୍ସିତ ଆକ୍ରାନ୍ତମାନେ।

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଗୁଡ଼ିଆଲବନ୍ଧ ପଞ୍ଚାୟତ ଆଲବନ୍ଧ ଗ୍ରାମ ବାଥୁଡ଼ିସାହିରେ ଝାଡ଼ାବାନ୍ତିଜନିତ ରୋଗରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏହାବ୍ୟତୀତ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ଆଲବନ୍ଧ ଗ୍ରାମର ରାଜକିଶୋର ନାଏକ(୬୨), କରଞ୍ଜିଆ ଅଞ୍ଚଳର ନିଦ୍ରାବତୀ ନାଏକ(୫୦) ଓ ଅନ୍ୟ ଜଣେ ଚାଉଳିଆଶୋଳ ଗ୍ରାମର ନାବାଳକ। ଆକ୍ରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପହଞ୍ଚି ଚିକିତ୍ସାସେବା ଯୋଗାଇଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ଶୁଦ୍ଧିକ୍ରିୟା ଭୋଜି ଖାଇବା ପାଇଁ ୧୭ ତାରିଖରେ ଗ୍ରାମର ଶତାଧିକ ଲୋକ ପହଞ୍ଚିଥିଲେ। ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ନିମନ୍ତେ ସେଠାରେ ପ୍ରସ୍ତୁତ ହୋଇଥିବା ମାଛ, ଭାତ, ଡାଲମା, ଖଟା ଆଦି ସମସ୍ତେ ଖାଇଥିଲେ। ଭୋଜି ଖାଇବାର ପରଦିନ ହଠାତ୍ କେତେଜଣଙ୍କର ପେଟଯନ୍ତ୍ରଣା ହେବା ସହ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହା ବ୍ୟାପିବାରୁ ଗ୍ରାମର ୪୦ରୁ ୫୦ଜଣ ଆକ୍ରାନ୍ତ ହୋଇଥିଲେ ବୋଲି ଚିକିତ୍ସିତ ହେଉଥିବା ଗ୍ରାମର ଧରଣୀଧର ନାଏକ, ସୁଜିତ କୁମାର ନାଏକ ଓ ହେମନ୍ତ ଶେଖର ନାଏକ କହିଛନ୍ତି। ଗୁରୁତରମାନଙ୍କୁ ପିଆର୍‌ଏମ୍ ମେଡିକାଲର ଝାଡ଼ାବାନ୍ତି ୱାର୍ଡରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି। ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳା, ଜଣେ ବୃଦ୍ଧ ଓ ଜଣେ ୭ବର୍ଷର ଶିଶୁଙ୍କୁ ମିଶାଇ ମୋଟ ୩ଜଣଙ୍କର ମୃତ୍ୟୁ ଘଟିଛି। ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ମେଡିକାଲ ଟିମ୍ ପହଞ୍ଚି ଖାଦ୍ୟ ଓ ପାଣିର ନମୁନା ସଂଗ୍ରହକରି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମିଶ୍ରଙ୍କୁ ପଚାରିବାରୁ ଗ୍ରାମରେ ଥିବା ଖୋଲା କୂଅରୁ ପାଣି ନେଇ ଭୋଜି ପ୍ରସ୍ତୁତ ହୋଇଥିଲା। ଖାଦ୍ୟ ଯାଞ୍ଚ ଅଧିକାରୀ, ବଡ଼ସାହି ଡାକ୍ତରଖାନାର ଚିକିତ୍ସାଧିକାରୀଙ୍କ ସମେତ ତିନୋଟି ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ଜଳଉତ୍ସଗୁଡ଼ିକରୁ ଜଳ ନମୁନା ସଂଗ୍ରହକରି ଯାଞ୍ଚ ନିମନ୍ତେ ପଠାଯାଇଛି। ତେବେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଛି ଓ ନାବାଳକଙ୍କ ମୃତ୍ୟୁକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ।

# ମିଶନ ଶକ୍ତି ଅଡିଟୋରିୟମ, କଲ୍ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୯(ଅନିଲ ଦାସ)**

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପୋଖରୀପୁଟ ସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଶୁକ୍ରବାର ମିଶନ ଶକ୍ତି ବିଭାଗର କଲ୍ ସେଣ୍ଟର ଓ ଅଡିଟୋରିୟମର ଉଦ୍‌ଘାଟନ କରିଛନ୍ତି। ୭ କୋଟି ୫୯ ଲକ୍ଷ ବ୍ୟୟରେ ନିର୍ମିତ ୪୦୦ ଆସନ ବିଶିଷ୍ଟ ଏହି ଅଡିଟୋରିୟମ ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ବିଭିନ୍ନ ବୈଠକ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ଏସ୍‌ଏଚ୍‌ଜି ଉତ୍ପାଦର ଲୋକାର୍ପଣ ଆଦି ସମାରୋହ ପାଇଁ ଏହା ଏକ ବୃହତ୍ ଭିତ୍ତିଭୂମି ଯୋଗାଇବ। ଏହା ଏସ୍‌ଏଚ୍‌ଜି ଏବଂ ସେମାନଙ୍କ ମହାସଂଘଗୁଡ଼ିକ ନିମନ୍ତେ ଅତ୍ୟନ୍ତ ଲାଭକାରୀ ହେବା ସହିତ ଓଡ଼ିଶାରେ ମହିଳା ସଙ୍ଗଠନଗୁଡ଼ିକର ଅବିରତ ବିକାଶ ଏବଂ ସଶକ୍ତୀକରଣରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

ଏତଦ୍‌ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଭବନ ପରିସରରେ 'ମିଶନ ଶକ୍ତି କଲ୍ ସେଣ୍ଟର'ର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି କଲ୍ ସେଣ୍ଟରଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ନୂତନ ପଦକ୍ଷେପ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ଯୋଗାଇବ। ଏହି କଲ୍ ସେଣ୍ଟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘମାନଙ୍କ ପ୍ରଶ୍ନ କିମ୍ବା ଅଭିଯୋଗର ସମାଧାନରେ ସହାୟକ ହେବ। ଏଥିପାଇଁ ଟୋଲ୍ ଫ୍ରି ନମ୍ବର ୧୫୫୨୭୬ ସକାଳ ୧୦ଟାଠାରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟକ୍ଷମ ରହିବ।

ମିଶନ ଶକ୍ତି ବିଭାଗର ୧୦୦ ଦିନର ସଫଳତା ଅନ୍ତର୍ଗତ ମିଶନ ଶକ୍ତି ସଦସ୍ୟାଙ୍କୁ ୧୭୫ କୋଟି ଟଙ୍କାର ସୁଧ ଫେରସ୍ତ, ୫୩୦ କୋଟି ଟଙ୍କାର ସରକାରୀ ବ୍ୟବସାୟ, ୨.୨ ଲକ୍ଷରୁ ଅଧିକ ଲକ୍ଷପତି ଦିଦି, ୭୫୦ ଉତ୍ପାଦକ ଗୋଷ୍ଠୀ ସୃଷ୍ଟି, ୧୦୦ଟି ମିଶନ ଶକ୍ତି ରିଟେଲ ମାର୍ଟ ପ୍ରତିଷ୍ଠା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୨୩୪୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦେବାର ସଫଳତାର ଲକ୍ଷ୍ୟ ପୂରଣ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ବିଭାଗର ପ୍ରୟାସ ଓ ସଂକଳ୍ପକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂଙ୍କ ସମେତ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଲିନୀ ପଣ୍ଡିତ, ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଭିନୀତ ଭରଦ୍ୱାଜ, ଅତିରିକ୍ତ ସଚିବ ସୁସ୍ମିତା ପଟ୍ଟନାୟକ, ବିଭାଗର ସମସ୍ତ ଅଧିକାରୀ ତଥା 'ଇଡ୍‌କୋ'ର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବିଭାଗୀୟ ଅଧିକାରୀ ପିସି ମାଗୁଥିବା ସ୍ତ୍ରୀ ପ୍ରିୟଙ୍କାଙ୍କ ଅଭିଯୋଗ

## ଫରେଷ୍ଟର ଆତ୍ମହତ୍ୟା ମାମଲା

### ସଞ୍ଜୟଙ୍କ ପରିବାରକୁ ଭେଟି ତଦନ୍ତ ପ୍ରତିଶ୍ରୁତି ଦେଲେ ଜଙ୍ଗଲ ପରିବେଶ ମନ୍ତ୍ରୀ

**ରାୟଗଡ଼ା,୨୦।୯(ଆଶିଷ ରଞ୍ଜନ ପଣ୍ଡା)**


ସଞ୍ଜୟଙ୍କ ପରିବାର ଲୋକଙ୍କଠାରୁ ମନ୍ତ୍ରୀ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ଦୀର୍ଘ ୧୨ ବର୍ଷ ବନ ବିଭାଗ ସିଲ୍‌ଭିକଲ୍‌ଚର ଡିଭିଜନରେ କାର୍ଯ୍ୟରତ ଥିଲେ ରାୟଗଡ଼ା ସହର ଶୁଣ୍ଡିସାହିର ଲବଣୀ ନାୟକଙ୍କ ସାନ ପୁଅ ସଞ୍ଜୟ ନାୟକ। ବିଭାଗୀୟ ଅଧିକାରୀଙ୍କୁ ୫୦ ପ୍ରତିଶତ ପିସି ଦେଇ ନ ପାରି ମାନସିକ ଭାରସାମ୍ୟ ହରାଇ ଗତ ୧୮ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣାରେ କାର୍ଯ୍ୟରତ ଥିବା ବେଳେ ସରକାରୀ ବାସଭବନରେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସୁବୁଦ୍ଧି ଶୁକ୍ରବାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାୟଗଡ଼ା ଗସ୍ତରେ ଯାଇଥିବା ବେଳେ ଶୁକ୍ରବାର ସଞ୍ଜୟଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରିୟଙ୍କା ତାଙ୍କର ଥଇଥାନ ଓ ସ୍ୱାମୀଙ୍କ କାମର ବକେୟା ଟଙ୍କା, ଅନ୍ୟ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମଧ୍ୟ ସଞ୍ଜୟଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତକରି ନ୍ୟାୟ ପାଇଁ ଦାବି କରିଛନ୍ତି।

ସଞ୍ଜୟ ୨୦୧୨ରେ ବନ ବିଭାଗ ସିଲ୍‌ଭିକଲ୍‌ଚରରେ ଚାକିରି ପାଇଥିଲେ। ପ୍ରଥମେ ରାୟଗଡ଼ା, ପରେ କୋରାପୁଟ ଏବଂ ୨୦୨୦ରୁ ଭବାନୀପାଟଣାରେ ନିୟୋଜିତ ଥିଲେ। ହେଲେ ରାୟଗଡ଼ା ସିଲ୍‌ଭିକଲ୍‌ଚର ଡିଭିଜନ ମୁଖ୍ୟ ଦେବେନ୍ଦ୍ର ବେହେରାଙ୍କୁ ପିସି ବା କମିଶନ ଦେଇ ନ ପାରିବାରୁ ମାନସିକ ଚାପରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା ପୂର୍ବରୁ ଏକ ସୁଇସାଇଡ୍ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ବିଭାଗୀୟ ଅଧିକାରୀ ଦେବେନ୍ଦ୍ରଙ୍କୁ ପିସି ଦେଇ ନ ପାରିବାରୁ ଆତ୍ମହତ୍ୟା କରିଥିବା ସେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ପ୍ରିୟଙ୍କାଙ୍କ ସହ ଆଲୋଚନା କରିବା ସମୟରେ ତାଙ୍କୁ ସଞ୍ଜୟ ବିଭିନ୍ନ ସମୟରେ ଅଧିକାରୀ ଦେବେନ୍ଦ୍ର ଗତ ୩ବର୍ଷ ମଧ୍ୟରେ ମାନସିକ ନିର୍ଯାତନା ଦେଉଥିବା, ୫୦ ପ୍ରତିଶତ ପିସି ମାଗିବା, ପିସି ନ ଦେଲେ ବିଲ୍ ବନ୍ଦ ଆଦି ବିଷୟରେ ସୂଚନା ଦେଇଥିଲେ। ପ୍ରିୟଙ୍କାଙ୍କ କହିବାନୁସାରେ, ନର୍ସରିରେ ଚାରା ଉତ୍ପନ୍ନ ପାଇଁ ମାଟି ଅଙ୍କୁରଣ, ବେଡ୍ ପ୍ରସ୍ତୁତି, ବିଭିନ୍ନ କିସମର ମଞ୍ଜି ବୁଣିବା, ପଲିଥିନ୍ ପ୍ୟାକିଂ, କାର୍ଯ୍ୟାଳୟ ପକ୍ଷରୁ ଚାରା ବଣ୍ଟନ ଓ ସାର ଆଦି ସଞ୍ଜୟ ବାହାରୁ କିଣିଥାନ୍ତି। ଏଥିପାଇଁ ଆବଶ୍ୟକ ମଜୁରିଆଙ୍କୁ ମଧ୍ୟ ଯୋଗାଡ଼କରି କାମରେ ଲଗାଇଥାନ୍ତି। ଏସବୁ ସରିବା ପରେ ତା'ର ମଷ୍ଟରରୋଲ ଓ ବିଲ୍ ପ୍ରସ୍ତୁତି କରି ଦେବେନ୍ଦ୍ରଙ୍କୁ ହସ୍ତାନ୍ତର କରିଥାନ୍ତି। ଅଧିକାରୀ ଉକ୍ତ ବିଲ୍ ଅନୁମୋଦନ ପରେ ବିଭାଗରୁ ଟଙ୍କା ମିଳିଲେ ତା'ର ହିସାବ କରିଥାନ୍ତି ସଞ୍ଜୟ। ତେବେ ଏହି ବିଲ୍ ଅନୁମୋଦନ ବେଳେ ଏହାର ୫୦ ପ୍ରତିଶତ ପିସି ବାବଦରେ ଦେବେନ୍ଦ୍ର ମାଗୁଥିବା ସଞ୍ଜୟ ପ୍ରିୟଙ୍କାଙ୍କୁ କହିଥିଲେ।

ପ୍ରକାଶ ଯେ, ଗତ ୧୮ରେ କଳାହାଣ୍ଡି ଜିଲାର ଭବାନୀପାଟଣାରୁ ସଞ୍ଜୟଙ୍କ ପରିବାରକୁ ସୂଚନା ଆସିଥିଲା ସେ ଆତ୍ମହତ୍ୟା କରିଛନ୍ତି। ଏହି ଖବର ପାଇ ଭବାନୀପାଟଣା ଯାଇଥିଲେ ବଡ଼ଭାଇ ରବି। ସେଠାରେ ପୋଲିସକୁ ଘଟଣା ବିଷୟରେ ପଚାରିଥିଲେ। କଳାହାଣ୍ଡି ଏସ୍‌ପିଙ୍କ ସମ୍ମୁଖରେ ରବି ସାନଭାଇ ଲେଖିଯାଇଥିବା ସୁଇସାଇଡ୍ ନୋଟ୍ ପଢ଼ିଥିଲେ। ଉକ୍ତ ନୋଟ୍‌ରେ ରାୟଗଡ଼ା ସିଲ୍‌ଭିକଲ୍‌ଚର ଡିଭିଜନର ସିଲ୍‌ଭିକଲ୍‌ଚରିଷ୍ଟ ତଥା ବନଖଣ୍ଡ ଅଧିକାରୀ ଦେବେନ୍ଦ୍ର ନର୍ସରି କାର୍ଯ୍ୟ ଖର୍ଚ୍ଚ ବିଲ୍ ଅନୁମୋଦନ ପାଇଁ ୫୦ ପ୍ରତିଶତ ପିସି ମାଗୁଥିଲେ। ଗତ ଦିନରେ ୭ ଲକ୍ଷ, ଏସି, ଫ୍ୟାନ୍, ମନ୍ଦିର ପାଇଁ ଚାନ୍ଦା, ବୋର୍‌ୱେଲ ଖନନ ଆଦି ପିସି ବାବଦରେ ଦେବାକୁ ଦେବେନ୍ଦ୍ର ବାରମ୍ବାର ସଞ୍ଜୟଙ୍କୁ କହୁଥିଲେ। ତାହା ନ ଦେଲେ ପଦୋନ୍ନତି ବନ୍ଦ ସହ ମାନସିକ ନିର୍ଯାତନା ଦେଉଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଥିବା ରବି ସୂଚନା ଦେଇଥିଲେ। ସେହି ସମାନ ଅଭିଯୋଗ ରଖିଛନ୍ତି ପ୍ରିୟଙ୍କା।

## ଭାଇ ମୃତ୍ୟୁର ନ୍ୟାୟ ମାଗୁଛି

**ଭବାନୀପାଟଣା,୨୦।୯ (ଉତ୍ତମ କୁମାର ଦାଶ)**

ମୃତ ଫରେଷ୍ଟର ସଞ୍ଜୟ ନାୟକଙ୍କ ଭାଇ ରବି ନାରାୟଣ ନାୟକ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ଭାଇ ମୃତ୍ୟୁର କାରଣ ଆତ୍ମହତ୍ୟା ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟା। ରାୟଗଡା ଡିଏଫ୍‌ଓ ଦେବେନ୍ଦ୍ର କୁମାର ବେହେରା ତାଙ୍କୁ ନିର୍ଯାତନା ଦେଇଛନ୍ତି। ଗତ ୧୦ ମାସ ହେବ ଡିଏଫ୍‌ଓ ବେହେରା ନିର୍ଯାତନା ଦେଇଆସୁଥିବା ଭାଇ ପକେଟରୁ ମିଳିଥିବା ସୁଇସାଇଡ୍ ନୋଟରେ ଉଲ୍ଲେଖ ରହିଛି। ସମାଜରେ ତାଙ୍କର ନିର୍ମଳ ଭାବମୂର୍ତ୍ତି ହେତୁ ସେ ଏ କଥାକୁ କାହାସହ ବାଣ୍ଟି ନ ଥିଲେ। ଶେଷରେ ସେ ମୃତ୍ୟୁ ପଥ ବାଛିଥିଲେ। ତାଙ୍କ ମୃତ୍ୟୁର ନ୍ୟାୟ ମାଗୁଛି ବୋଲି ରବି ନାରାୟଣ ଭିଡିଓ ପୋଷ୍ଟ କରିଛନ୍ତି।


ରବି ନାରାୟଣ ନାୟକ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ଲିଟେରାରି ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭରତପୁର ଥାନାରେ ସେନା ଅଧିକାରୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ରାଜ୍ୟ ନାଗରିକ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପତ୍ରକାର ସଂଘର ପଞ୍ଚଦଶତମ ପ୍ରତିଷ୍ଠା ଦିବସ ଓ ରାଜ୍ୟ କାର୍ଯ୍ୟକାରିଣୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଷ୍ଟ୍ରୀୟ ପୋଷଣ ମାସ, ସ୍ଥାନ: ମଧୁର ମୟୀ ଆଦର୍ଶ ଶିକ୍ଷାନିକେତନ, ଲକ୍ଷ୍ମୀସାଗର, ସମୟ: ଅପରାହ୍ନ ୧ଟା।
- 'କନ୍ୟା ଅନମୋଲ ହୈ' ର ପ୍ରତିଷ୍ଠା ଦିବସ ଓ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ହୋଟେଲ କେଶରୀ, ରେଲୱେ ଷ୍ଟେଶନ ପାଖ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୩ଟା।
- ଏମ୍‌ସ ଭୁବନେଶ୍ୱରର ୧୨ତମ ବାର୍ଷିକ ଉତ୍ସବ, ସ୍ଥାନ: ଏମ୍‌ସ ପରିସର, ସମୟ: ଅପରାହ୍ନ ୩ଟା।
- ସ୍ମୃତି ସାନ୍ତ୍ୱନାର ୧୪ତମ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୧୫।
- ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ୧୨ତମ ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ସଙ୍ଗମ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଭିଯୋଗ ଶୁଣାଣି, ସ୍ଥାନ- କଟକ ସର୍କିଟ ହାଉସ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା ଓ ସମାବେଶ, ସ୍ଥାନ: କଟକ ବିଜୁ ପଟ୍ଟନାୟକ ଛକ ନିକଟ ଖ୍ରୀଷ୍ଟିଆନ୍ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୨ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସ୍ୱଚ୍ଛ ସାଗର ଅଭିଯାନ ଅବସରରେ ବେଳାଭୂମି ସଫେଇ, ସ୍ଥାନ: ପୁରୀ ହୋଟେଲ ସମ୍ମୁଖ ବେଳାଭୂମି, ସମୟ: ସକାଳ ୭ଟା।
- ସ୍ପନ୍ଦନ ପକ୍ଷରୁ ବେଳାଭୂମି ସଫେଇ, ସ୍ଥାନ: ପେଣ୍ଠକଟା ବେଳାଭୂମି, ସମୟ: ସକାଳ ୭ଟା ୩୦।
- ସ୍ପନ୍ଦନ ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଅବସରରେ ଚାରାରୋପଣ, ସ୍ଥାନ: ଖଡ଼ିପଦା ଶାନ୍ତି ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଶାନ୍ତି ଉପଲକ୍ଷେ ମାନବ ଶୃଙ୍ଖଳ ଓ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ଅଠରନଳା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ବ୍ଲକ ମହିଳା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ, ସ୍ଥାନ: ବୀରଗୋବିନ୍ଦପୁର ଅଙ୍ଗନୱାଡ଼ି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସକାରାତ୍ମକ ଶାନ୍ତି ସମ୍ମିଳନୀ, ସ୍ଥାନ: ହୋଟେଲ ହଲିଡେ ରିସୋର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ବୈଠକ, ସ୍ଥାନ: ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଆନ୍ତଃଜିଲା ସିନିୟର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲା ଦଳ ଚୟନ ଶିବିର, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳା, ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁ ପକ୍ଷରୁ ଆନ୍ତର୍ଜାତିକ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ସକାଳ ୬ଟା ୩୦ରୁ ୮ଟା ୩୦।

## ଭଦ୍ରକ
- ପିସି କାରବାର ବିରୋଧରେ ଗଣଧାରଣା, ସ୍ଥାନ: ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନସମାବେଶ ଓ ବିକାଶ ମେଳା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଶ୍ରୀ ହନୁମାନଙ୍କ ପୂଜା, ଯଜ୍ଞ, ଭଜନ କୀର୍ତ୍ତନ, ସ୍ଥାନ: ତଅଁର, ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୭ ଟା।
- ଶନି ମନ୍ଦିରରେ ମାନସିକ ମେଳା, ପୂଜା, ହୋମ, ନାମ ସଂକୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ବ୍ଲକସ୍ତରୀୟ ଖେଳକୁଦ ଓ କ୍ରିକେଟ ପ୍ରତିଯୋଗିତା,ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ଲୋଗୋ ଉନ୍ମୋଚନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତୋଷ ବିଶେଷର ଲୋକାର୍ପଣ, ସ୍ଥାନ: ମାର୍କେଟସାହି, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ସିପିଏମ୍ ପକ୍ଷରୁ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର ଆର୍‌ଏମସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ଛତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ:ବୁଗୁଡ଼ା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ସଚେତନତା ବୈଠକ , ସ୍ଥାନ: ଛତ୍ରପୁର ବ୍ଲକ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୩ଟା ୩୦।

## କନ୍ଧମାଳ
- ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟିର ତାଲିମ ଶିବିର, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆନ୍ତର୍ଜାତିକ ତଟ ସଫେଇ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ନୂଆବଜାର ପାରାଦୀପ, ସମୟ: ସକାଳ ୭ଟା।
- କୋଷ୍ଟଗାର୍ଡ ପକ୍ଷରୁ ଆନ୍ତର୍ଜାତିକ ତଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସମୁଦ୍ର ବେଳାଭୂମି, ପାରାଦୀପ, ସମୟ: ସକାଳ ୮ଟା।
- ଜବହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଡମ୍ଫର ସଂଘ ପକ୍ଷରୁ ବିଶ୍ୱକର୍ମା ମଣ୍ଡପ ପାଖରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: କାକଟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଳିମି, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ୮ମ ଆରପିଡିଏସି ବୈଠକ, ସ୍ଥାନ : ଯାଜପୁର ରୋଡ ସେଲିବ୍ରେସନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗଡ଼ମଧୁପୁର କାଇଞ୍ଜ କୁଞ୍ଜରେ କାରିଗରମାନଙ୍କ ସାଧାରଣ ସୁବିଧାକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଗଡ଼ମଧୁପୁର କାଇଞ୍ଜ କୁଞ୍ଜ, ସମୟ: ସନ୍ଧ୍ୟା: ୬ଟା।

## ନୟାଗଡ଼
- ଜିଲା ପରିଷଦର ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାର ୨ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- କମ୍ରେଡ଼ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୟାଗଡ଼ କେସି କ୍ଲବ, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା
- ଜିଲାସ୍ତରୀୟ ବିକାଶ ମେଳାର ୨ୟ ଦିନ, ସ୍ଥାନ: ରେଲୱେ ଖେଳ ପଡିଆ, ରାୟଗଡା,ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ
- ରାଜ୍ୟସରକାରଙ୍କ ୧୦୦ ଦିନ ପୂର୍ତ୍ତି ନେଇ ୩ ଦିନିଆ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ପୋଲିସ ପଡିଆ, କୋରାପୁଟ,ସମୟ : ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ନାଗରିକ ପରିଷଦ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୭ଟା।
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୭ଟା।
- ମହାନଗର ନିଗମ ପକ୍ଷରୁ ୨୬ ନମ୍ବର ୱାର୍ଡର ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଫାଟକସ୍ଥିତ ବ୍ରିଜ ଧାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିକାଶ ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମନ୍ଦଲିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ଲୋଇସିଂହା ବିଦ୍ୟୁତ୍ ସମସ୍ୟା ସମାଧାନସମ୍ବନ୍ଧୀୟ ଜିଆରଏଫ କ୍ୟାମ୍ପ୍, ସ୍ଥାନ:ଲୋଇସିଂହା ବିଦ୍ୟୁତ୍ ଏସଡ଼ିଓଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ଷ୍ଟେଟ୍ ଲେଭେଲ ଆଡଲ୍ଟ ବିସିଜି ଭେକ୍‌ସିନେଶନ୍ କେମ୍ପେନ୍, ସ୍ଥାନ: ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କନ୍ଧପାଲିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୨୦ ।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ଓମଫେଡ୍ ଡାଏରୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ: କଳାପଥର ସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିସର, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ଡାକ୍ତର ନିଯୁକ୍ତି ଦାବିରେ ଅନଶନ, ସ୍ଥାନ: ସରକାରୀ ଡାକ୍ତରଖାନା ସମ୍ମୁଖ, ଝାରବନ୍ଧ, ସମୟ: ସକାଳ ୯ଟା।
- ଜାରିଂ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ପୂର୍ଣ୍ଣା, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଲୁମିନି ଆସୋସିଏଶନର ସାଧାରଣ ସଭା, ସ୍ଥାନ: ଅତାବିରା କଲେଜ, ଅତାବିରା, ସମୟ: ଅପରାହ୍ନ ୨ଟା।
- ଜାତୀୟ ସେମିନାର, ସ୍ଥାନ: ସମ୍ମିଳନୀ କକ୍ଷ, ଅଞ୍ଚଳ କଲେଜ, ପଦ୍ମପୁର, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନିମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବୀମା କର୍ମଚାରୀଙ୍କ ଖୋଲା ଅଧିବେଶନ, ସ୍ଥାନ: ସହରସ୍ଥିତ ମେଗଦୁତ ହୋଟେଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପାଇଁ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଶିବଶକ୍ତି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ଏକତା କ୍ଲବ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତ ଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା, ସମୟ: ସକାଳ ୯ଟା୩୦।

## ରାଉରକେଲା
- ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ ମାରାଥନ, ସ୍ଥାନ: ଆମ୍ବାଗନ ଛକ, ସମୟ: ସକାଳ ୭ଟା ୩୦।
- ଫାଇନାନ୍ସ ଇନ୍‌ଫ୍ଲୁଏନ୍ସର ନେହା ନାଗରଙ୍କ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ବିବିଏ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଆରଆରଆରସି ପକ୍ଷରୁ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବିତରଣ, ସ୍ଥାନ: କଳିଙ୍ଗ ବିହାର ସାଂସ୍କୃତିକ ଭବନ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଲାଲ୍ ବିଲ୍‌ଡିଂ ଏରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡେଙ୍ଗୁ ସମସ୍ୟା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ ଗିରିଜାଟୋଲି ବସ୍ତିବାସୀ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ପାନପୋଷ ଭାଜପା ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆର୍‌ଜିଏଚ୍, ସମୟ: ପୂର୍ବାହ୍ନ ୧୧ଟା।
- ଚ୍ୟାମ୍ବର ଅଫ୍ କମର୍ସର ସ୍ଥାପନା ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ବୀର ବାଜି ରାଉତ ଫୁଟବଲ କ୍ଲବ ଗୋଇଲୋ ଆନୁକୂଲ୍ୟରେ ୨ଦିନିଆ ବୀର ବାଜି ରାଉତ ଫୁଟବଲ କପ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ତିଳେଇବଣି ବ୍ଲକ ଗୋଇଲ ଖେଳ ପଡିଆ, ସମୟ: ସକାଳ ୯ଟା।
- ଭାଜପା ସଦସ୍ୟତା ଅଭିଯାନ, ସ୍ଥାନ: ଭାଜପା ପାର୍ଟି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ହିଁ ସେବା ଅନ୍ତର୍ଗତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦନାର୍ଦନପାଲି ଗ୍ରାମପଞ୍ଚାୟତ ଛେପଲିପାଲି, ତିଳେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ 'ନିପୁନ ଓଡିଶା' ମିଶନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ଜିଲା ସୂଚନା ଶିକ୍ଷା ସଞ୍ଚାର କାର୍ଯ୍ୟକ୍ରମ ଓ ବିକାଶ ମେଳା-୨୦୨୪ର ଦ୍ୱିତୀୟ ଦିବସ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା-୨୦୨୪ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- କେସିଙ୍ଗା ଏନ୍‌ଏସି ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ତେଲନଦୀ ପମ୍ପ୍‌ହାଉସ ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ନର୍ଲା ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ମନର ସ୍ଥିତିକୁ ଦୋଦୁଲ୍ୟମାନ ଅବସ୍ଥାରେ ରଖିପାରେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ ମାତ୍ର କାମ ମଧ୍ୟ ଅଟକିବ ନାହିଁ। ସାହିତ୍ୟ ଚର୍ଚ୍ଚା, ଅଧ୍ୟାପନା, ପ୍ରକାଶନ, ପ୍ରଶାସନିକ ସେବା, କ୍ରୀଡା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶନିଙ୍କ ଶୁଭସଂସ୍ଥାନ ଆପଣଙ୍କୁ ପ୍ରତ୍ୟେକ କାମରେ ନିୟନ୍ତ୍ରଣ ମଧ୍ୟରେ ରଖିବ। ବୁଧାଦିତ୍ୟ ଯୋଗ ପ୍ରଭାବରେ କାର୍ଯ୍ୟ ହାସଲ ସହ ଅର୍ଥଲାଭ ପାଇଁ ବାଧକ ନ ହୋଇପାରେ। କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସ୍ୱାସ୍ଥ୍ୟ ପ୍ରତି ସଚେତନ ନ ହେଲେ ପଶ୍ଚାତେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ମିଥୁନ** ରାଶ୍ୟାଧିପ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଆପଣଙ୍କ ଦ୍ୱାରା ଉପକୃତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟ ସାଧିତ ହେବ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନିରର୍ଥକ ହେବନାହିଁ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ର ହେତୁ ଆନୁଷ୍ଠାନିକ କାମରେ ନିଜର ଦକ୍ଷତା ପ୍ରମାଣିତ କରି ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। ସମସ୍ୟା ମଧ୍ୟରେ ବ୍ୟବସାୟରେ ସଫଳତା ହାସଲ କରିବାର ଆଶା ରହିଛି। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣି ପାରନ୍ତି।

**ସିଂହ** କର୍ମସ୍ଥାନରେ ବୃହସ୍ପତିଙ୍କ ଅବସ୍ଥାନ ପାରିବାରିକ ଜୀବନକୁ ରଙ୍ଗିମନ୍ତ କରିବ। ଆଜି ଯାହା ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। ସକାଳୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ତଥାପି ସାମୟିକ ଭାବରେ ସନ୍ଦେହକୁ କେନ୍ଦ୍ରକରି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି।

**କନ୍ୟା** ବ୍ୟୟାଧିପତିଙ୍କ ପ୍ରଭାବରୁ ଖର୍ଚ୍ଚ ବୃଦ୍ଧିଜନିତ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ। ଆଜି ଜଣେ ବନ୍ଧୁ ଆପଣଙ୍କ ଉପରେ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଭିଳାଷ ପୂରଣ ଦିଗରେ ଚେଷ୍ଟିତ ହେବେ। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଅଶାନ୍ତ ରହିବାକୁ ପଡ଼ିପାରେ।

**ତୁଳା** ସମୟର ପ୍ରତିକୂଳତାଜନିତ ଆପଣଙ୍କ କାର୍ଯ୍ୟହାନି ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତା ବୃଦ୍ଧି କରିବ। ଦିନ ମଧ୍ୟରେ ଯେତେ ସାବଧାନତା ଅବଲମ୍ବନ କଲେ ମଧ୍ୟ କାମ ଶୃଙ୍ଖଳିତ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ ଏବଂ ଲାଭାନ୍ୱିତ ହେବେ। କର୍ମକ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା** ଗୁରୁଙ୍କ କୃପା ଦୃଷ୍ଟିରୁ ଆପଣଙ୍କ କୃତି ଓ କୃତିତ୍ୱଜନିତ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। କୌଣସି ମତ ଓ ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଜମିଜମାର ସମସ୍ୟା ବଢ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂରହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** ଅତୀତ ଘଟଣାକୁ ସ୍ମରଣ କରି ଆଜି ଜମା ଶାନ୍ତିରେ ଶୋଇପାରିବେନି। ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପ୍ରିୟଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରନ୍ତି।

**ମକର** ସପ୍ତମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ଅନୁରାଗ, ବ୍ୟବସାୟରେ ସଫଳତା, ଯାତ୍ରାରେ ଆଶା ପୂରଣ ହେତୁ ଖୁସି ରହିବେ। ସାମାଜିକ ସ୍ତରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ସମସ୍ୟା ବିଜଡିତ ରହିଲେ ମଧ୍ୟ ପ୍ରତ୍ୟେକ କାମକୁ ଯଥାବିଧି ସମ୍ପନ୍ନ କରିବାରେ ପଶ୍ଚାଦ୍‌ପଦ୍ ହେବେ ନାହିଁ। ସ୍ୱଗୃହୀ ରାଶ୍ୟାଧିପତିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କାମକରିବା ଜନିତ ଆଜି ଦିନଟି ଅର୍ଥବ୍ୟୟର ସମୟ ଅଟେ।

**ମୀନ** ଆଜିର ଯାତ୍ରା ସମୟରେ ଜଣେ ବାଲ୍ୟବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହି ଯାଇପାରେ। ତୃତୀୟସ୍ଥ ବୃହସ୍ପତି ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନେବା ଭଲହେବ।

ଆଜି ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ଆଶ୍ୱିନ କୃଷ୍ଣ ଚତୁର୍ଥୀ, ଶନିବାର, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀର ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ୦୭।୧୫ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୮।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କମିଶନର କହିଥିଲେ ...

ଉଦ୍‌ଘାଟନ ଦିନ ସେଠାରେ ଅତ୍ୟାଧୁନିକ କ୍ୟାମେରା ଲଗାଯାଇଥିବା କଥା ଗଣମାଧ୍ୟମ ଆଗରେ କହିଥିଲେ। ହେଲେ ଏବେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ତଦନ୍ତ କରିବା ସମୟରେ ଥାନାରେ କ୍ୟାମେରା ନାହିଁ ବୋଲି କହିଛନ୍ତି। ଏପରି କି ଡିସିପି ପ୍ରତୀକ ସିଂଙ୍କୁ ଥାନାରେ କ୍ୟାମେରା ଥିଲା କି ନାହିଁ ବୋଲି ଧରିତ୍ରୀ ପକ୍ଷରୁ ଗତ ୧୭ ତାରିଖରେ ପଚରାଯାଇଥିଲାବେଳେ ସେ ମଧ୍ୟ ଏକଥାରେ ଭୁଲ୍ ତଥ୍ୟ ଦେଇଥିବା ଜଣାପଡ଼ିଛି। ଥାନାରେ କ୍ୟାମେରା ଲାଗି ନ ଥିବାରୁ ଚିଠି ଲେଖାଯାଇଥିଲା ବୋଲି ଡିସିପି କହିଥିଲେ। ତେବେ କ୍ୟାମେରାକୁ ନେଇ ଏତେ ପ୍ରକାର କଥା ଉଚ୍ଚସ୍ତରୀୟ ପୋଲିସ ଅଧିକାରୀମାନଙ୍କ ମୁହଁରୁ ଆସିବା ବିଷୟ ସମସ୍ତଙ୍କ ଚିନ୍ତା ବଢ଼ାଇବା ସ୍ୱାଭାବିକ।

ସେପ୍ଟେମ୍ବର ୧୪ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ଏହି ଘଟଣାରେ ପୋଲିସର ଭୁଲ୍ ଲୁଚାଇବା ଲାଗି ନାନା ଉଦ୍ୟମ କରାଯାଉଛି। ଗୁରୁଭକ୍ତ ଏବଂ ତାଙ୍କ ବାନ୍ଧବୀଙ୍କୁ ରାସ୍ତାରେ ଅଟକାଇ ଧକ୍କା ମାରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୭ ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଟିମ୍ ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨ ଥର ଭରତପୁର ଥାନାକୁ ଆସି ତଦନ୍ତ କରିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ୪ କର୍ମଚାରୀଙ୍କ ବିରୋଧରେ ଦୁଇଟି ଆପରାଧିକ ମାମଲା ରୁଜୁ କରାଯାଇଛି। ହେଲେ କେଉଁସବୁ ମାମଲା ରୁଜୁ ହୋଇଛି, ସେନେଇ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ପଚରାଯିବା ସମୟରେ, ସେ ବିସ୍ତୃତ ତଥ୍ୟ ଦେଇନାହାନ୍ତି। କିଛି ସମୟ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଲିଖିତ ପ୍ରେସ୍ ବିଜ୍ଞପ୍ତି ଦିଆଯିବ ବୋଲି ପ୍ରଥମେ କହିଥିବାବେଳେ ପରବର୍ତ୍ତୀ ସମୟରେ ତାହା ଶନିବାର ମିଳିବ ବୋଲି କହିଛନ୍ତି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଯାହା କରୁଛି, ସେକଥାକୁ ସ୍ପଷ୍ଟ ଭାବେ ଆଗକୁ ଆଣୁ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି।

ଅନ୍ୟପକ୍ଷରେ ରାଜ୍ୟ ମହିଳା କମିଶନ ଏହି ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ମାମଲାକୁ ନିଜ ଆଡୁ ଗ୍ରହଣ କରି ତଦନ୍ତ କରୁଛୁ। ଭରତପୁର ଥାନାରେ ଯାହାସବୁ ଡକ୍ୟୁମେଣ୍ଟ ରହିଛି ତାହାକୁ ଗ୍ରହଣ କରିଛୁ। ଯେହେତୁ କ୍ରାଇମବ୍ରାଞ୍ଚ ଅନେକ ଡକ୍ୟୁମେଣ୍ଟ ସାଙ୍ଗରେ ନେଇଯାଇଛି, ସେଥିଲାଗି ପୀଡ଼ିତାଙ୍କ ଘରକୁ ଯାଇ ସେମାନଙ୍କ ସହିତ ଆଲୋଚନା କରାଯିବ। ଏହାପରେ କ୍ରାଇମବ୍ରାଞ୍ଚ ଅଫିସ ଯାଇ ସେଠାରେ ମଧ୍ୟ ଆଲୋଚନା କରାଯିବ। ଏହାପରେ କମିଶନ ପକ୍ଷରୁ ଏକ କମିଟି ଗଠନ କରି ଅଧିକ ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ତାହା ସରକାରଙ୍କୁ ଦେବା ସହ ଡିଜିପିଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ ବୋଲି ବେହେରା କହିଛନ୍ତି। ସେହିପରି ସେନା ପକ୍ଷରୁ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସେନାର ବରିଷ୍ଠ ଅଧିକାରୀ ତଥା ସେଣ୍ଟ୍ରାଲ ଇଣ୍ଡିଆର କମାଣ୍ଡିଂ ଜେନେରାଲ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କୁ ଚିଠି ଲେଖି ମାମଲାରେ ନିଜ ଆଡୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଥାନାରେ ସିସିଟିଭି ଲାଗି ନ ଥିବା ଓ ଜଣେ ସେନା ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କ ଉପରେ ଅମାନବୀୟ ଅତ୍ୟାଚାର କରାଯିବା ଘଟଣାରେ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ସମସ୍ତ ଘଟଣାକ୍ରମ ଉପରେ ନଜର ପକାଇଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଓଡ଼ିଶା ପୋଲିସର ଏକ ଖରାପ ଚିତ୍ର ଏବେ ଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚି ସାରିଥିବା ବେଳେ ଅମାନବୀୟ କାର୍ଯ୍ୟ ଘଟାଇଥିବା ଆଇଆଇସି ଏବଂ ଅନ୍ୟ ୪ କର୍ମଚାରୀଙ୍କୁ ଗିରଫଦାରିରୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଛି। ରାସ୍ତାରେ କମେଣ୍ଟ ମାରିଥିବା ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗୋଟିଏ ଦିନରେ ଖୋଜି ଆଣିଛି। ଅଟକ ରଖିଥିବା ୭ ଜଣଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ର। ସେମାନଙ୍କ ଘର ପଟିଆ ଓ ଚନ୍ଦକା ଅଞ୍ଚଳରେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ଚନ୍ଦକା ଥାନାରେ ଅଟକ ରଖାଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରି ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ତେବେ ପୋଲିସ ଗୁରୁଭକ୍ତ ଏବଂ ଅଙ୍କିତାଙ୍କ ପ୍ରତି କାହିଁକି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିଥିଲା ସେକଥା ଉପରେ କ୍ରାଇମବ୍ରାଞ୍ଚ କେତେ ଗୁରୁତ୍ୱ ଦେଉଛି ତାହା ସ୍ପଷ୍ଟ ଜଣାପଡୁନାହିଁ। ଅନ୍ୟପକ୍ଷରେ ଡିସିପି ପ୍ରତୀକ ସିଂ ଏକ ଜାତୀୟ ଗଣମାଧ୍ୟମକୁ ୨ଦିନ ତଳେ ଦେଇଥିବା ପ୍ରତିକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ଉକ୍ତ ଘଟଣାରେ ଡିସିପି ପୋଲିସଠାରୁ ଅଧିକ ଗୁରୁଭକ୍ତ ଏବଂ ତାଙ୍କ ବାନ୍ଧବୀଙ୍କୁ ଭୁଲ୍ ବୋଲି ଦର୍ଶାଇଥିଲେ। ଏହାକୁ ନେଇ ଏବେ ଚାରିଆଡୁ ପ୍ରଶ୍ନ ଉଠୁଛି। ତାଙ୍କର ଏଭଳି ପ୍ରତିକ୍ରିୟା ପରେ ପୋଲିସ ଭିତରେ ଭିତରେ ନିଜ ଭୁଲ୍ ଲୁଚାଇବାକୁ ସବୁ ପ୍ରକାର ବଳ ଲଗାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଅଙ୍କିତା ପ୍ରଧାନ ଶୁକ୍ରବାର ସନ୍ଧ୍ୟାରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ସେ ଶନିବାର ଥାନାରେ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଏତଲା ଦେବେ ବୋଲି ଗୁରୁଭକ୍ତ ସୂଚନା ଦେଇଛନ୍ତି।

### ଭରତପୁର ଘଟଣାରେ ...

ପୋଲିସକୁ ସହାୟତା ମାଗିବାକୁ ଯାଇଥିବା ସେନା ଅଫିସରଙ୍କ ବାନ୍ଧବୀଙ୍କ ପ୍ରତି ପୋଲିସ ଯେଉଁଳି ବର୍ବର ବ୍ୟବହାର ଏବଂ ଯୌନ ହିଂସା କରିଛି ତାକୁ ନେଇ ସାରା ଦେଶ ସ୍ତବ୍ଧ। ଅଯୋଧ୍ୟାରେ ଗଣବଳାତ୍କାରର ଶିକାର ହୋଇଥିବା ଦଳିତ ଆଦିବାସୀଙ୍କ ସହ ପୋଲିସ ଅନ୍ୟାୟ ଆଚରଣ କରିଛି। ତାଙ୍କୁ ନ୍ୟାୟଦେବା ପରିବର୍ତ୍ତେ ଚାପ ପ୍ରୟୋଗ କରିଛି। କାରଣ ଖବର ଅନୁଯାୟୀ, ଅଭିଯୁକ୍ତ ଜଣକ ଭାଜପା ସହ ଜଡ଼ିତ। ସାରା ଦେଶରେ ଭାଜପା ସରକାର ପୋଲିସକୁ ରକ୍ଷକରୁ ଭକ୍ଷକରେ ପରିଣତ କରିବାକୁ ନେଇ କାର୍ଯ୍ୟ କରିଚାଲିଛନ୍ତି। ଭାଜପା ସରକାରଙ୍କ ମହିଳା ବିରୋଧୀ ନୀତି ଏବଂ ପୋଲିସର ଆପରାଧିକ ଆଭିମୁଖ୍ୟରୁ କ୍ଷମତାସୀନ ବ୍ୟକ୍ତି ସୁରକ୍ଷା ପାଉଛନ୍ତି। ଏଭଳି ସ୍ଥିତିରେ ଦେଶର ମହିଳାମାନେ ନ୍ୟାୟ ପାଇଁ କ'ଣ କରିବେ, କେଉଁଠିକୁ ଯିବେ ବୋଲି ପ୍ରିୟଙ୍କା 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମଧ୍ୟ ଓଡ଼ିଶାର ଡବଲ ଇଞ୍ଜିନ ସରକାରଙ୍କୁ ଟାର୍ଗେଟ୍ କରିବାକୁ ପଛାଇ ନାହାନ୍ତି। ସୁପ୍ରିୟା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଥିବାବେଳେ ପୋଲିସ ବର୍ବରତା ପ୍ରସଙ୍ଗରେ କିଛି ନ କହିବା ଦୁର୍ଭାଗ୍ୟଜନକ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ସେନା ମୁଖ୍ୟ ଜେନେରାଲ ଭି.କେ.ସିଂହ ମଧ୍ୟ ଭରତପୁର ଥାନା ପୋଲିସର ବର୍ବରତାକୁ ନିନ୍ଦା କରିବା ସହ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କହିଛନ୍ତି।

### ଦୋଷୀଙ୍କ ବିରୋଧରେ...

ଉଲ୍ଲେଖ କରାଯାଇଛି ଯେ, ଭାରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ସହିତ ଥିବା ଜଣେ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ ଅଭିଯୋଗକୁ ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ଘଟଣାର ଯାଞ୍ଚ କରି ତୁରନ୍ତ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ରିପୋର୍ଟ ପ୍ରାପ୍ତ ହେବା ମାତ୍ରେ ଆଇନ ଅନୁଯାୟୀ ଦୋଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ମହିଳା ହିଂସା ବିରୋଧରେ ସରକାର 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରୁଛନ୍ତି ଏବଂ ମହିଳା ନିର୍ଯାତନାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏମ୍‌ସ ଯାଇ ପୀଡ଼ିତା ଅଙ୍କିତା ପ୍ରଧାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଏହାସହ ପ୍ରଭାତୀ ଏହି ଘଟଣା ନେଇ ଡିସିପି ପ୍ରତୀକ ସିଂଙ୍କ ସହ ଆଲୋଚନା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଶୂନ୍ୟ ସହନଶୀଳତା ହେଉଛି ସରକାରଙ୍କ ପ୍ରତିବଦ୍ଧତା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରୁଛି। ଖୁବ୍ କମ୍ ଦିନରେ ରିପୋର୍ଟ ଆସିବ, ଏହା ଉପରେ ସରକାର ନଜର ରଖିଛନ୍ତି। ଯିଏ ବି ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ହୁଅନ୍ତୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### କେନ୍ଦ୍ରକୁ ହାଇକୋର୍ଟ ...

କରିପାରିବେ ନାହିଁ। କୁନାଲ କାମରା ଓ ଅନ୍ୟ ଆବେଦନକାରୀମାନେ ନିଜ ପିଟିଶନରେ ଦର୍ଶାଇଥିଲେ, କେନ୍ଦ୍ରର ସଂଶୋଧନ ବାକ୍ ଓ ଅଭିବ୍ୟକ୍ତି ପରିପ୍ରକାଶ ଉପରେ ଏକ କଟକଣା। ଆବେଦନକାରୀମାନେ ଏହାକୁ କେନ୍ଦ୍ର ସରକାରଙ୍କ ଅନ୍‌ଲାଇନ ସେନ୍‌ସରଶିପ୍ ବୋଲି ଅଭିଯୋଗ ଆଣିଥିଲେ। ଏହାଦ୍ୱାରା ଅନାବଶ୍ୟକ ଭାବେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଦର୍ଶାଇଥିଲେ।

# ଆମେରିକାରେ ଅଚ୍ୟୁତ ସାମନ୍ତଙ୍କ ନାମରେ ଖୋଲିବ ଗବେଷଣା କେନ୍ଦ୍ର



ଭୁବନେଶ୍ୱର,୨୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଆମେରିକାର ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କ(କ୍ୟୁନି)ରେ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନାମରେ ଗବେଷଣା କେନ୍ଦ୍ର ଖୋଲିବ। ଆସନ୍ତା ମାସରେ 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ ଅଫ୍ ଦି କ୍ୟୁନି କ୍ରେଷ୍ଟ ଇନ୍ଷ୍ଟିଚ୍ୟୁଟ୍ (ଏ ଏ ସ୍ ଆ ଇ ଆ ଇ ସି ସି ଆ ଇ ) ନାମରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏନେଇ ଶୁକ୍ରବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ୟୁନି ବିଶ୍ୱବିଦ୍ୟାଳୟ ସଭାପତି ଡ. ମିଲ୍‌ଟନ ସାଣ୍ଟିଆଗୋ ଘୋଷଣା କରିଛନ୍ତି। ଏହି ଗବେଷଣା କେନ୍ଦ୍ରରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଉପରେ ଗବେଷଣା, ଶିକ୍ଷା ବିନିମୟ ସହ ଅଚ୍ୟୁତଙ୍କ କାର୍ଯ୍ୟକଳାପ ଉପରେ ଗବେଷଣା ଓ ଅଧ୍ୟୟନ କରିବେ। କ୍ୟୁନି ସଭାପତି ଡ. ସାଣ୍ଟିଆଗୋ ମୁମ୍ବାଇ ଏବଂ ହାଇଦ୍ରାବାଦସ୍ଥିତ ଆମେରିକା ଦୂତାବାସର କନ୍‌ସଲ ଜେନେରାଲଙ୍କୁ ନେଇ ଏକ ୧୫ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ ଓଡ଼ିଶାର କଳା ସଂସ୍କୃତି ଉପରେ ଆମେରିକାର ଏକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିନିମୟ ଓ ଗବେଷଣା କରାଯିବା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ହାଇଦ୍ରାବାଦରେ ଅବସ୍ଥାପିତ ଆମେରିକା କନ୍‌ସଲ ଜେନେରାଲ ଆଲେକଜାଣ୍ଡର ମାକ୍ ଲରେନ, ମୁମ୍ବାଇରେ ଅବସ୍ଥାପିତ ଆମେରିକା କନ୍‌ସଲ ଜେନେରାଲ ସୀତା ରାଇଟର, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ଡ. ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମାହାଲି, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍‌କିପିଂରେ ଟେଣ୍ଡର ଫିକ୍ସିଂ

ଢେଙ୍କାନାଳ,୨୦।୯(ରତନ ନାୟାର)

- ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ
- ପୂର୍ବତନ ମନ୍ତ୍ରୀଙ୍କ ହାତବାରିସି ସାଜିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

ଢେଙ୍କାନାଳ ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଉସ୍‌କିପିଂ ସର୍ଭିସ ପାଇଁ ଟେଣ୍ଡର ଫିକ୍ସିଂ ହେବା ସହିତ ଏଥିରେ ବହୁ ଅନିୟମିତତା ହୋଇଥିବା ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ଗତ ୧୩.୯.୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପଠାଯାଇଛି। ଗତ ସରକାରରେ ଥିବା ଜଣେ ପୂର୍ବତନ ମନ୍ତ୍ରୀଙ୍କ ହାତବାରିସି ସାଜି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଏହି ଟେଣ୍ଡର ଫିକ୍ସିଂ କରାଉଥିବା ରାଜ୍ୟ ବାର କାଉନସିଲ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିର୍ମଳ ଯୋଜନାରେ ମେକାନାଇଜ୍ ଲଣ୍ଡ୍ରି, ହାଉସ୍‌କିପିଂ ଓ ସିକ୍ୟୁରିଟି ସର୍ଭିସ ପାଇଁ ଗତ ଜାନୁଆରୀ ୨ରେ ଢେଙ୍କାନାଳ ଜିଲା ୱେବସାଇଟ୍‌ରେ ଟେଣ୍ଡର ପ୍ରକାଶିତ ହୋଇଥିଲା ଓ ଟେଣ୍ଡରଧାରୀମାନେ ଟେଣ୍ଡରରେ ଅଂଶଗ୍ରହଣ କରିଥିଲେ। ଟେଣ୍ଡର ପରେ ଏହାର ଯାଞ୍ଚ କରାଯାଇଥିଲା। ଏହାପରେ କୌଣସି କାରଣ ନ ଥାଇ ହଠାତ୍ ସିକ୍ୟୁରିଟି ସର୍ଭିସ ଓ ଲଣ୍ଡ୍ରି ସର୍ଭିସର ଟେଣ୍ଡରକୁ ବାତିଲ କରାଯାଇ କେବଳ ହାଉସ୍‌କିପିଂ ସର୍ଭିସକୁ ଅନୁମତି ପ୍ରଦାନ କରାଯାଇଥିଲା। ଟେଣ୍ଡର ଦ୍ୱାରା ନିଲାମଧାରୀଙ୍କୁ ଚୟନ କରିବା ଏବଂ ବାତିଲ କରିବା ଦୁଇଜଣ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଏକଚାଟିଆ ନିଷ୍ପତ୍ତି ଥିବା ବାର କାଉନସିଲ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ବିଜ୍ଞାପନ ପ୍ରକାଶିତ ସତ୍ତ୍ୱେ ଟେଣ୍ଡରରେ କିପରି ଅନିୟମିତତା ହେଲା ତାହା ତଦନ୍ତ ସାପେକ୍ଷ। ବିଧାନସଭାରେ ଉଦଳା ବିଧାୟକ ଭାସ୍କର ମାଢେଇଙ୍କ ପ୍ରଶ୍ନ ଅନୁଯାୟୀ ସିଡିଏମ୍‌ଓ ଏବଂ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକମାନେ ଟେଣ୍ଡର ବାତିଲ କରିବା ଓ ଡାକିବାର ଏକଚାଟିଆ କାର୍ଯ୍ୟ କରୁଥିବା ବେଳେ ମନଇଚ୍ଛା ଟେଣ୍ଡରକୁ ବାତିଲ କରି ବିଜେଡି ଦ୍ୱାରା ଚୟନ ହୋଇଥିବା ନିଲାମଧାରୀଙ୍କୁ ସୁଯୋଗ ଦେଉଛନ୍ତି। ଏହିସବୁ ପଦବୀରେ ଯେଉଁମାନେ ୬ବର୍ଷରୁ ଅଧିକ ରହିଲେଣି, ସେମାନଙ୍କୁ ତୁରନ୍ତ ବଦଳି କରିବାକୁ ବିଧାୟକ ବିଧାନସଭାରେ କହିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ହାଉସ୍‌କିପିଂ ଟେଣ୍ଡରରେ ୨୦ଲକ୍ଷ ଟଙ୍କା ଫିକ୍ସିଂ ହୋଇଥିବା ଅଭିଯୋଗ କରିଛନ୍ତି। ଲଣ୍ଡ୍ରି ଏବଂ ସିକ୍ୟୁରିଟି ସର୍ଭିସ ପାଇଁ ୧୫ଲକ୍ଷ ଟଙ୍କା ସ୍ଥିର ହେବାରୁ କୌଣସି ନିଲାମଧାରୀ ରାଜି ନ ହେବାରୁ ଏହାକୁ ବାତିଲ କରିଦିଆଯାଇଥିଲା। ଏହାକୁ ନେଇ ରାଜ୍ୟ ବାର କାଉନସିଲ ପକ୍ଷରୁ ଟେଣ୍ଡରର ପୁନଃ ମୂଲ୍ୟାୟନ କରିବାକୁ ଦାବି କରିବା ସହିତ ସିସିଟିଭି ଏବଂ ସିଡିଏମ୍‌ଓ ଏବଂ ଡିପିଏମ୍‌ଙ୍କ ମୋବାଇଲକୁ ଯାଞ୍ଚ କରିବାକୁ ଦାବି ହୋଇଛି। ଏଭଳି ଘଟଣାରେ ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସରକାରୀ ନୀତିନିୟମ ପାଳନ କରିବାକୁ ଦାବି ହୋଇଛି। ଜଣେ ନିରପେକ୍ଷ ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରି ଟେଣ୍ଡରର ପୁନଃ ମୂଲ୍ୟାୟନ କିମ୍ବା ଟେଣ୍ଡରକୁ ବାତିଲ କରିବା ପାଇଁ ଓଡ଼ିଶା ବାର କାଉନସିଲ ସମ୍ପାଦକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ଅଭିଯୋଗର ନକଲ ଢେଙ୍କାନାଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ସମସ୍ତେ ମୋତେ ଜାଣିଛନ୍ତି। ମୁଁ ପୂର୍ବରୁ ଯେଉଁ ଜାଗାରେ ଥିଲି ଆପଣମାନେ ଖବର ନେଇପାରନ୍ତି। ମୋ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜଗନ୍ନାଥ ରହିଛନ୍ତି। ମୁଁ ଏଭଳି କାର୍ଯ୍ୟ କେବେ କରିଥିବି ବୋଲି ଆପଣ ଭାବୁଛନ୍ତି କି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। କୌଣସି ଜଣେ ଏଜେନ୍ସି ଟେଣ୍ଡରରୁ ବଞ୍ଚିତ ହୋଇଥିବାରୁ ଏଭଳି ଅଭିଯୋଗ କରିଥାଇପାରନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।

# ଘସିପୁରା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ



ଘସିପୁରା,୨୦।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ପ୍ରାତଃ ଭ୍ରମଣକାରୀ ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଏପରିକି ଖବର ପାଇ ବ୍ୟାଙ୍କ ଶାଖା ପରିଚାଳକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ୨ ଗୋଟି ଗାଡ଼ି ବ୍ୟବହାରକରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀର ୨ ନିଆଁ ଲିଭା ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ କୌଣସି ବଡ଼ ଧରଣର କ୍ଷତି ହୋଇ ନ ଥିବା ଏବଂ ବ୍ୟାଙ୍କର ଫିଲ୍ଡ ଅଫିସରଙ୍କ ପ୍ରକୋଷ୍ଠର କାଗଜପତ୍ର ଓ ଗୋଟିଏ କମ୍ପ୍ୟୁଟର ନଷ୍ଟ ହୋଇଯାଇଥିବା ଶାଖା ପରିଚାଳକ ହରେକୃଷ୍ଣ ସୂତାରଙ୍କଠାରୁ ସୂଚନା ମିଳିଛି। ତେବେ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ମହାରାଜ ସବୁ ପ୍ରକାର ନିରାମିଷ ବ୍ୟଞ୍ଜନ ରାନ୍ଧିପାରୁଥିବା (ବୟସ ୩୦ ପର୍ଯ୍ୟନ୍ତ) ଏବଂ ସବୁ ଘରଚାକର ଘରର ସବୁ କାମ କରିବାବାଲା ତୁରନ୍ତ ଆବଶ୍ୟକ। ଦରମା ମୋବାଇଲରେ ସ୍ଥିର କରାଯିବ।
ଯୋଗାଯୋଗ: ୭୦୪୫୫୭୭୫୩୩

WE ARE HIRING
B K INDUSTRIES
FOR PROFESSIONAL ROLES :
- Human Resources (HR)
- Automobile Job
- Digital Marketing Specialist
- Administrative
- Graphic Designer
- Accountant
- Business Development Manager
- Web & Application Developer
- Business Development Executive
FRESHERS AND INTERN CAN APPLY
MANCHESWAR BHUBANESWAR 7655091106

WE ARE HIRING !!! at VLCC Bhubaneswar
Applications invited from experienced Dermatology Doctors (full time). Salary negotiable as per experience.
Please apply within 7 days to :
khirodsamal1986@gmail.com
Contact : 9776681678

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
SAMBALPUR FOREST DIVISION
Near Jail Chowk, e-mail id: dfo.sambalpur@odisha.gov.in
WALK-IN-INTERVIEW
No. MM-164: Divisional Forest Officer, Sambalpur Forest Division, invites Application from Interested Candidate for engagement of One Veterinary Officer & One Livestock Assistant for Mobile Veterinary Unit (MVU) of Sambalpur Forest Division. The Walk-in-Interview is scheduled on 15.10.2024 at 11.00 A.M. The application form along with detail terms and conditions shall be available on the website www.sambalpur.nic.in/www.odishaforest.in from 20.09.2024.
Sd./- Divisional Forest Officer
Sambalpur Forest Division
OIPR-08104/11/0003/2425

# ବିଦ୍ୟୁତ୍ ସଂସ୍ପର୍ଶରେ ମାଈ ହାତୀର ମୃତ୍ୟୁ

ବାରିପଦା,୨୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)




ମୟୂରଭଞ୍ଜ ଜିଲାରେ ହାତୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ୮ଦିନ ବ୍ୟବଧାନରେ ପୁଣି ଏକ ମାଈ ହାତୀର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ମରି ପଡ଼ିଥିବା ଏକ ମାଈ ହାତୀର ମୃତଦେହ ଶୁକ୍ରବାର ବନ ବିଭାଗ ଠାବ କରିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ବାରିପଦା ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ରେଞ୍ଜ ବାଲିଆଡ଼ିପା ଅଞ୍ଚଳରେ ୭ ଟିକିଆ ହାତୀପଲ ପ୍ରବେଶ କରିଥିଲେ। ଧାନ କ୍ଷେତରେ ପଶି ବ୍ୟାପକ ନଷ୍ଟ କରିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର ବନ କର୍ମଚାରୀ କିମ୍ବା ହାତୀ ସୁରକ୍ଷା ବଳ ପକ୍ଷରୁ କୌଣସି କର୍ମଚାରୀ ହାତୀ ପଲର ଗତିବିଧି ଉପରେ ନଜର ରଖିବାକୁ ଯାଇ ନ ଥିଲେ। ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି ହାତୀଙ୍କୁ ମାରିବା ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଉକ୍ତ ମାଈ ହାତୀର ମୃତ୍ୟୁ ଘଟିଥିବା କୁହାଯାଉଛି। ହାତୀଟି ଜଙ୍ଗଲ ଭିତରେ ଥିବା ଏକ ନାଳ ନିକଟରେ ମରି ପଡ଼ିଥିଲା। ମୃତ ହାତୀର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶନିବାର ଡାକ୍ତରୀ ଦଳ, ବନ ଅଧିକାରୀ,ଏସିଏଫ୍, ରେଞ୍ଜର, ସାଇଣ୍ଟିଫିକ୍ ଟିମ୍‌ଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

ଉଲ୍ଲେଖଯୋଗ୍ୟ, ୨ମାସ ପୂର୍ବେ ରାସଗୋବିନ୍ଦପୁର ରେଞ୍ଜ ନାକିଚୁଆ ସେକ୍ସନ ଟିଆଖାଇ ଅଞ୍ଚଳରେ ଏକ ୬ବର୍ଷର ହାତୀର ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତ ୧୨ ତାରିଖରେ ବେତନଟୀ ରେଞ୍ଜ ସଇତପୁର ପଞ୍ଚାୟତର ଜାମୁଗୁଳି ଗ୍ରାମରେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ବିଦ୍ୟୁତ୍ ବିଭାଗର ଅବହେଳା ଓ ବନ ବିଭାଗର ଦାୟିତ୍ୱହୀନତା ଯୋଗୁ ଜିଲାରେ ବନ୍ୟପ୍ରାଣୀ ତଥା ହାତୀ ଭଳି ଜୀବ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବନ ବିଭାଗ ଦୋଷ ଲୁଚାଇବାକୁ ହାତୀ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ଥିବା ଦର୍ଶାଉଥିବା ପ୍ରାଣୀପ୍ରେମୀ ବିଭୁଦତ୍ତ ଦାସ ଅଭିଯୋଗ କରିଛନ୍ତି। ହାତୀର ସୁରକ୍ଷା ଦିଗରେ ବନ ବିଭାଗର ତତ୍ପରତା ଓ ଦାୟିତ୍ୱ ଅତ୍ୟନ୍ତ ଜରୁରୀ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ପୋଷ୍ଟର ମାରି ଧମକ ଦେଲେ ମାଓବାଦୀ

ଟେନ୍‌ସା,୨୦।୯(ସମୀର କୁମାର ପାଢ଼ୀ)



ରେଞ୍ଜାରା ରେଲୱେ ସାଇଡିଂରେ ଲାଗିଥିବା ମାଓବାଦୀ ପୋଷ୍ଟର।

ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ କୋଇଡା ବ୍ଲକ କେ. ବଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଜାରା ରେଲୱେ ସାଇଡିଂରେ ମାଓବାଦୀ ପୁଣି ସକ୍ରିୟ ହୋଇଛନ୍ତି। ଗୁରୁବାର ରାତିରେ ରେଞ୍ଜାରା ରେଲୱେ ସାଇଡିଂ ଷ୍ଟେଶନ ମାଷ୍ଟରଙ୍କୁ ଧମକ ଦେବା ସହ ପୋଷ୍ଟର ମାରି ନିଜର ପତିଆରା ଜାହିର କରିଛନ୍ତି। ରାତିରେ ଜଙ୍ଗଲ ଅଞ୍ଚଳରେ ବଡ଼ ବିସ୍ଫୋରଣ ହେବାର ଶବ୍ଦ ଶୁଣାଯାଉଥିବା ଷ୍ଟେଶନ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସେହିପରି ଷ୍ଟେଶନ ନିକଟ ବାଙ୍କ ଗ୍ରାମରେ ମଧ୍ୟ ପୋଷ୍ଟର ଲାଗିଛି। ସୁରକ୍ଷା ବାହିନୀ ଓ ପୋଲିସ୍‌ର ମିଳିତ ଉଦ୍ୟମରେ ଜୋରଦାର କୋମ୍ବିଂ ଚାଲିଛି। ନିର୍ବାଚନ ପୂର୍ବରୁ ବି ଏହି ଅଞ୍ଚଳରେ ମାଓବାଦୀମାନେ ପୋଷ୍ଟର ମାରିବା ସହ ଧମକ ମଧ୍ୟ ଦେଇଥିଲେ।

# ଦନ୍ତା ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଯୋଡ଼ା,୨୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ଫରେଷ୍ଟ ସେକ୍ସନ ବଡ଼ କାଲିମାଟିଠାରେ ଶୁକ୍ରବାର ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବସନ୍ତପୁରର ରାଜେଶ ମୁଣ୍ଡା (୨୯)। ସେ ବଡ଼ କାଲିମାଟିଠାରେ ମାମୁ ତଥା ପୂର୍ବତନ କାଲିମାଟି ସରପଞ୍ଚ ପଦ୍ମଚରଣ ମୁଣ୍ଡାଙ୍କ ଘରେ ରହି କାମ କରୁଥିଲେ।

ସୂଚନା ଅନୁଯାୟୀ, ରାଜେଶ ପଦ୍ମଚରଣଙ୍କ ସମ୍ପର୍କୀୟ ଭଣଜା। ସେ ତାଙ୍କ ଘରେ ରହି ଘର କାମ କରୁଥିଲେ। ଗୁରୁବାର ରାତି ପ୍ରାୟ ୧୧ଟାରେ ଘରୁ ବାହାରିବା ସମୟରେ ଘର ଆଗରେ ଠିଆ ହୋଇଥିବା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ଆକ୍ରମଣ କରିବା ସହ ଘୋଷାରି ନେଇ ମାରି ଦେଇଥିବା ଦେଖଣାହାରୀ ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ବାମେବାରୀ ପୋଲିସ ଓ ବନ ବିଭାଗ ଅଧିକାରୀ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ହାତୀ ଗୁରୁବାର ସନ୍ଧ୍ୟାରେ କାଲିମାଟି ଓଜନ କଣ୍ଟା ନିକଟରେ ବାଇକ୍ ଆରୋହୀଙ୍କୁ ଘଉଡ଼ାଇବା ସହ ପେଟ୍ରୋଲ ଟାଙ୍କି ନିକଟରେ ୨ ବାଇକ୍‌କୁ ଦଳି ଭଙ୍ଗାରୁଜା କରିଥିଲା। ନିକଟ ଅତୀତରେ ଉକ୍ତ ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଦୟ ବେଳେ ଅସ୍ତ ନାହିଁ**
**କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉପରେ ଉପରେ ଲାଗିଛି କଳି**
**ଭିତରେ ଭିତରେ କବାଟ କିଳି।**

ଲୋକେ ଜାଣିବାକୁ ଦୁହିଁଙ୍କ ଭିତରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ ଠିକ। ସ୍ୱାମୀସ୍ତ୍ରୀଙ୍କ ପରିଘନିଷ୍ଠ ସମ୍ବନ୍ଧ। କପଟିବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅବସରରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଳିଙ୍ଗନଗର ଟାଟା ଷ୍ଟିଲ୍‌ରେ ସର୍ବବୃହତ୍ ବ୍ଲାଷ୍ଟ ଫର୍ନେସ୍ କାର୍ଯ୍ୟକ୍ଷମ


ଯାଜପୁର (ହର୍ଷବର୍ଦ୍ଧନ ବେହେରା)/ କଳିଙ୍ଗନଗର (ଶୁଭାଶିଷ ରାଉତ),୨୦।୯



- ୨୭ ହଜାର କୋଟି ଟଙ୍କା ବିନିଯୋଗ
- ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍‌କୁ ବୃଦ୍ଧିପାଇବ

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାରେ ଭାରତର ସର୍ବବୃହତ ବ୍ଲାଷ୍ଟ ଫର୍ନେସ ଶୁକ୍ରବାର ସଫଳତାର ସହ କାର୍ଯ୍ୟକ୍ଷମ ହୋଇଯାଇଛି। ସମୁଦାୟ ୨୭ ହଜାର କୋଟି ଟଙ୍କା ବିନିଯୋଗରେ କଳିଙ୍ଗନଗରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଦ୍ୱାରା ଏହି କାରଖାନାର ବାର୍ଷିକ ଇସ୍ପାତ ଉତ୍ପାଦନ କ୍ଷମତା ୩ ନିୟୁତ ଟନରୁ ୮ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ନୂତନ ବ୍ଲାଷ୍ଟ ଫର୍ନେସକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ନୂତନ ବ୍ଲାଷ୍ଟ ଫର୍ନେସ କାରଖାନାର ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। ଏହାଦ୍ୱାରା ଟାଟା ଷ୍ଟିଲ ଯାନବାହନ ନିର୍ମାଣ, ଭିତ୍ତିଭୂମି ବିକାଶ, ଶକ୍ତି କ୍ଷେତ୍ର, ଜାହାଜ ନିର୍ମାଣ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ଶିଳ୍ପରେ ବଢ଼ୁଥିବା ଇସ୍ପାତ ଚାହିଦାକୁ ପୂରଣ କରିପାରିବ। ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଗୁ ଟାଟା ଷ୍ଟିଲ ଏକକ ବୃହତ୍ତମ ପୁଞ୍ଜିନିବେଶ ସ୍ଥଳ ଭାବେ ଉଭା ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଟାଟା ଷ୍ଟିଲ୍ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରିଛି। ଏହି ସମ୍ପ୍ରସାରଣ ଟାଟା ଷ୍ଟିଲର ଉଚ୍ଚସ୍ତରୀୟ, ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରିବା ସହିତ ଆମର ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା ମଧ୍ୟ ପ୍ରଦର୍ଶନ କରୁଛି ବୋଲି ନରେନ୍ଦ୍ରନ କହିଛନ୍ତି। ଟାଟା ଷ୍ଟିଲ୍ ତରଫରୁ ସରକାରଙ୍କୁ ଅତୁଟ ସହଯୋଗ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ନୂତନ ବ୍ଲାଷ୍ଟ ଫର୍ନେସର କ୍ଷମତା ୫,୮୭୦ ମେଟ୍ରିକ ଟନ। ଏଥିରେ ୪ଟି ଶୀର୍ଷ ଦହନ ଚୁଲା ବ୍ୟବହାର କରାଯିବ, ଯାହା କି ଭାରତରେ ପ୍ରଥମ। ଟାଟା ଷ୍ଟିଲରେ ପ୍ରଥମ ଥର ପାଇଁ ବାୟୋ ପ୍ରଡକ୍ଟ ଗ୍ୟାସରୁ ଶକ୍ତି ପୁନରୁଦ୍ଧାର ପାଇଁ ଏକ ଡ୍ରାଏ ଗ୍ୟାସ ସଫେଇ କାରଖାନା ସ୍ଥାପନ କରାଯାଇଛି। ୩୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ବିଶ୍ୱର ସର୍ବବୃହତ ଟପ୍-ଗ୍ୟାସ୍ ରିକଭରି ଟର୍ବାଇନ (ଟିଆରଟି) ଅତିରିକ୍ତ ୧୦% ଶକ୍ତି ପୁନରୁଦ୍ଧାରରେ ସାହାଯ୍ୟ କରିବ। ଭାରତର କୌଣସି ବ୍ଲାଷ୍ଟ ଫର୍ନେସରେ ପ୍ରଥମ ଥର ପାଇଁ ବାଷ୍ପୀୟ କୁଲିଂ ସିଷ୍ଟମର ପ୍ରୟୋଗ କରାଯାଇଛି। କଳିଙ୍ଗନଗରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଏକ ପେଲେଟ ପ୍ଲାଣ୍ଟ, କୋକ ପ୍ଲାଣ୍ଟ ଏବଂ କୋଲ୍ଡ ରୋଲିଂ ମିଲ୍ ମଧ୍ୟ ରହିଛି। ଟାଟା ଷ୍ଟିଲ୍ କଳିଙ୍ଗନଗର ହେଉଛି ପ୍ରଥମ ଭାରତୀୟ କାରଖାନା, ଯାହାକୁ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ) ଦ୍ୱାରା ଗ୍ଲୋବାଲ ଲାଇଟ୍ ହାଉସ୍ ନାମରେ ନାମିତ କରାଯାଇଛି।



ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା । କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ଼
ତେବେ ତାହା ଆଦୌ ଭଲ କଥା ନୁହେଁ । କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ ।
ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ । – ଶ୍ରୀଅରବିନ୍ଦ



# ଉଚିତ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଭିନେତ୍ରୀ ତଥା ମଡେଲ କାଦମ୍ବରୀ ଜେଠ୍‌ୱାନୀଙ୍କ ଅନୁଚିତ ଗିରଫଦାରିକୁ ନେଇ ଆନ୍ଧ୍ରପ୍ରଦେଶର ତିନିଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣା କ୍ଷମତାର ଅପବ୍ୟବହାର ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତା ଉପରେ ବିତର୍କ ସୃଷ୍ଟି କରିଛି। ରାଜ୍ୟ ପୋଲିସରେ ଉଚ୍ଚ ପଦାଧିକାରୀ ପି. ସୀତାରାମା ଅଞ୍ଜନେଇଲୁ, କ୍ରାନ୍ତି ରାଣା ଟାଟା ଏବଂ ବିଶାଲ ଗୁନିଙ୍କୁ ବିଭାଗୀୟ ତଦନ୍ତ ପରେ ନିଲମ୍ବିତ କରାଯାଇଥିଲା। ବିବାଦର ବାସ୍ତବତା ହେଉଛି, ଏଫ୍‌ଆଇଆର୍ ଦାଖଲ ହେବା ପୂର୍ବରୁ ଜେଠ୍‌ୱାନୀଙ୍କୁ ଗିରଫ କରିବାକୁ ଅଞ୍ଜନେଇଲୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ଫେବୃଆରୀ ୨ରେ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଥିଲା, କିନ୍ତୁ ଗିରଫ ନିର୍ଦ୍ଦେଶ ଦୁଇଦିନ ପୂର୍ବରୁ ଦିଆଯାଇଥିଲା, ଯାହା ପ୍ରକ୍ରିୟାର ସ୍ପଷ୍ଟ ଉଲ୍ଲଂଘନ। ଅଗଷ୍ଟରେ ଜେଠ୍‌ୱାନୀ ଏକ ଅଭିଯୋଗ ଦାଖଲ କରିଥିଲେ। ଅଧିକାରୀମାନେ ତାଙ୍କ ବିରୋଧରେ ଜାଲିଆତି ଏବଂ ଚୋରି ଅଭିଯୋଗ ଆଣିଥିବା ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତା ତଥା ଚଳଚ୍ଚିତ୍ର ନିର୍ମାତା କେ.ଭି.ଆର୍. ବିଦ୍ୟାସାଗରଙ୍କ ସହ ଷଡ଼ଯନ୍ତ୍ର କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଜେଠ୍‌ୱାନୀ ଦାବି କରନ୍ତି ଯେ, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ଘଟଣା ପୋଲିସ ଉପରେ ଥିବା ରାଜନୈତିକ ପ୍ରଭାବର ଗମ୍ଭୀର ସମସ୍ୟାକୁ ପ୍ରକାଶ କରେ। ପ୍ରକୃତ କଥା ହେଉଛି, ବରିଷ୍ଠ ଅଧିକାରୀମାନେ ଏଥିରେ ଜଡ଼ିତ ହେବା ଦ୍ୱାରା ହିଁ ପ୍ରସଙ୍ଗର ଗମ୍ଭୀରତା ବଢ଼ିଯାଇଛି। ଅଧିକାରୀମାନଙ୍କୁ ନିଲମ୍ବନ କରିବା ପାଇଁ ନାଇଡୁ ସରକାରଙ୍କ ନିଷ୍ପତ୍ତି ଏକ ଉଚିତ ପଦକ୍ଷେପ ହୋଇଥିବାବେଳେ ଆଉ ଏଭଳି ଘଟଣା କିଛି ଆଢୁଆଳରେ ରହିଯାଉ ନାହିଁ ତ?

### ଆକସ୍ମିକ ପ୍ରସ୍ଥାନ

ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆର୍‌ଆଇଏନ୍‌ଏଲ୍) ସିଏମ୍‌ଡି ଅତୁଲ ଭଟ୍ଟ ନଭେମ୍ବରରେ ଅବସର ନେବାର ଥିଲା। କିନ୍ତୁ ତାଙ୍କୁ ହଠାତ୍ ଛୁଟିରେ ପଠାଇବା ନିଷ୍ପତ୍ତିକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଏଆଇଏଲ୍)ସହିତ ଆର୍‌ଆଇଏନ୍‌ଏଲ୍‌ର ପ୍ରସ୍ତାବିତ ମିଶ୍ରଣକୁ ନେଇ ଚାଲିଥିବା ଆଲୋଚନା ସହିତ ଏହି ଘଟଣାର ସମ୍ପର୍କ ଥିବା କେତେକେ କୁହନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଅବସର ପୂର୍ବରୁ ଭଟ୍ଟ ଦାୟିତ୍ୱରୁ ଦୂରେଇ ରହିବା ଏହି ମିଶ୍ରଣର ପଥ ସୁଗମ କରିବା ପାଇଁ ଉଦ୍ଦିଷ୍ଟ। ତଥାପି ଏହି କଥାକୁ ନେଇ ଅନେକେ ସନ୍ଦେହ କରୁଛନ୍ତି। ମିଶ୍ରଣ ପାଇଁ ଧୈର୍ଯ୍ୟ ଏବଂ ନିରନ୍ତର ନେତୃତ୍ୱ ଆବଶ୍ୟକ, ତଥାପି ଭଟ୍ଟଙ୍କୁ ଅବସର ନେବା ପୂର୍ବରୁ ଛୁଟିରେ ପଠାଯାଇଛି। କେତେକେ ଅନୁମାନ କରନ୍ତି ଯେ, ତାଙ୍କ ପରିଚାଳନା ଶୈଳୀରେ ଶ୍ରମିକ ସଂଗଠନଗୁଡ଼ିକ ଅସନ୍ତୁଷ୍ଟ ଥିଲେ। ଅନ୍ୟମାନେ ସମ୍ଭାବ୍ୟ କ୍ରୟ ପ୍ରସଙ୍ଗରେ ସୂଚିତ କରନ୍ତି, ଯାହା ତାଙ୍କ ପ୍ରସ୍ଥାନର କାରଣ ହୋଇପାରେ। ଆଲୋଚନା ହେଉଛି ଯେ ନୂତନ ଭାବେ କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକଙ୍କ ନିଯୁକ୍ତିକୁ ନେଇ ରହିଥିବା ଅସନ୍ତୋଷ ସହ ଭଟ୍ଟଙ୍କ ପ୍ରସ୍ଥାନର ସମ୍ପର୍କ ଥାଇପାରେ। ସନ୍ଦୀପଙ୍କର ଆର୍‌ଆଇଏନ୍‌ଏଲ୍ ପରିଦର୍ଶନ ମଧ୍ୟ ଏକ କାରଣ ହୋଇଥାଇପାରେ। କାରଣ ଯାହା ହେଉନା କାହିଁକି, ଭଟ୍ଟଙ୍କ ଆକସ୍ମିକ ପ୍ରସ୍ଥାନ ସମଗ୍ର ଶିଳ୍ପଗୁଡ଼ିକରେ ଅଂଶୀଦାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ନିକଟରେ ଏହି ପରିସ୍ଥିତି ଏସ୍‌ଏଆଇଏଲ୍‌ର ଏକ ଘଟଣାରେ ପ୍ରତିଫଳିତ ହୋଇଛି, ଯେଉଁଠାରେ ଅନେକ ବରିଷ୍ଠ ଅଧିକାରୀଙ୍କୁ ମାସ ମାସ ପାଇଁ ନିଲମ୍ବିତ କରାଯାଇ ୨୦୨୪ ସାଧାରଣ ନିର୍ବାଚନ ପରେ ସେମାନଙ୍କୁ ପୁନଃ ସ୍ଥାପିତ କରାଯାଇଥିଲା।

### ଏଜିଏମ୍‌ୟୁଟି କ୍ୟାଡର୍‌ରେ ଅଦଳବଦଳ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଜିଏମ୍‌ୟୁଟି କ୍ୟାଡର୍( ଅରୁଣାଚଳ ପ୍ରଦେଶ– ଗୋଆ– ମଣିପୁର ଆଣ୍ଡ ୟୁନିୟନ ଟେରିଟୋରି) ୩୩ ଆଇଏଏସ୍ ଅଧିକାରୀ ଏବଂ ୪୫ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିଛି। ଅଜୟ ଭାଲାଙ୍କ ଉତ୍ତରାଧିକାରୀ ଭାବେ ଗୋବିନ୍ଦ ମୋହନ ନୂତନ କେନ୍ଦ୍ର ଗୃହ ସଚିବ ରୂପେ ନିଯୁକ୍ତ ହେବାର ଠିକ୍ ପରେ ସଚିବ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ଏଭଳି ଅଦଳବଦଳ ଆଶା କରାଯାଉଥିବାବେଳେ, ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଆଣ୍ଡାମାନ ଆଣ୍ଡ ନିକୋବର, ପୁଡୁଚେରୀ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମରେ ତିନିବର୍ଷ ପାଇଁ ନିଯୁକ୍ତ ଏଜିଏମ୍‌ୟୁଟି କ୍ୟାଡର୍‌ର ଅନେକ ଅଧିକାରୀ ଅସନ୍ତୁଷ୍ଟ ଥିଲେ। ସେହି କାରଣରୁ କିଭଳି କାର୍ଯ୍ୟକାଳ ଓ ବଦଳିକୁ ନିୟନ୍ତ୍ରଣ କରାଯିବ ତାହାକୁ ନେଇ ସମସ୍ୟା ରହିଥିଲା। ରୋଟେଶନାଲ ବଦଳି ବେଳେ ଅଧିକାରୀମାନେ କେମିତି ଅଧିକ ସୁଯୋଗ ଓ ଲାଭ ପାଇବେ ତାହାକୁ ନେଇ ଲଗାତର ଅଭିଯୋଗ ଉଠେ। ସେଥିପାଇଁ ଏକ ଢାଞ୍ଚା ଏବଂ ନିରପେକ୍ଷତା ସୃଷ୍ଟି କରିବାକୁ ଏହି ନୀତିଗୁଡ଼ିକ ଗଠନ କରାଯାଇଛି। କିନ୍ତୁ ଏହା ପ୍ରାୟତଃ ଘଟେ ନାହିଁ। ଉଦାହରଣ ସ୍ୱରୂପ, କିଛି ଅଧିକାରୀ ଦିଲ୍ଲୀ ପୋଲିସ କିମ୍ବା କେନ୍ଦ୍ରୀୟ ପୋଲିସ ସଂସ୍ଥାଗୁଡ଼ିକରେ ପାଞ୍ଚ, ସାତ କିମ୍ବା ଦଶ ବର୍ଷରୁ ଅଧିକ ସମୟ ରହିଛନ୍ତି, ଯାହା ସାଧାରଣ କାର୍ଯ୍ୟକାଳଠାରୁ ବହୁ ଅଧିକ। କେତେକ କ୍ଷେତ୍ରରେ ଏହି ଦୀର୍ଘ ନିଯୁକ୍ତିଗୁଡ଼ିକ ନୀତି ମଧ୍ୟରେ ଥିବାବେଳେ, ଅନ୍ୟାନ୍ୟ କ୍ଷେତ୍ରରେ ନିୟମକୁ ଅଣଦେଖା କରାଯାଇଥିବା ପରି ମନେହୁଏ, ଯାହାକୁ ନେଇ କେବଳ ସମସ୍ୟା ବଢ଼ିଥାଏ। ଏହି ଅସଙ୍ଗତି ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ନ୍ୟାୟ ଉପରେ ପ୍ରଶ୍ନ ଉଠାଏ। ଆଶା କରାଯାଏ, ଏହି ଅଦଳବଦଳ ସେହି ସମସ୍ୟାଗୁଡ଼ିକର କିଛି ସମାଧାନ କରିବ, ଏକ ଅଧିକ ସମାନତା ଏବଂ ସ୍ୱଚ୍ଛ ଆଭିମୁଖ୍ୟ ଆଣିବ।

Email: dilipcherian@gmail.com


# ପରିଧାନ ଓ ବ୍ୟକ୍ତିତ୍ୱ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ବର୍ଣ୍ଣାଡ ଶଙ୍କ ସମ୍ମାନାର୍ଥେ ଏକ ବ୍ରିଟିଶ୍ କ୍ଲବରେ ଭୋଜିର ଆୟୋଜନ କରାଯାଇଥାଏ। ସେହି କ୍ଲବରେ ପ୍ରବେଶକାରୀଙ୍କ ପାଇଁ ସୁଟ୍ ଓ ଟାଇ ପିନ୍ଧିବା ଏକ ବାଧ୍ୟତାମୂଳକ ନିୟମ ଥିଲା। ବର୍ଣ୍ଣାଡ ଶ ତାଙ୍କର ଦୈନନ୍ଦିନ ସାଧାରଣ ପୋଷାକ ପରିଧାନ କରି କ୍ଲବର ସଭାଗୃହକୁ ପ୍ରବେଶ କଲାବେଳେ ଦ୍ୱାରରକ୍ଷୀ ତାଙ୍କୁ ଅଟକାଇ ଦେଲା। ନିର୍ଦ୍ଧାରିତ ପୋଷାକ ପିନ୍ଧି ନ ଆସିଲେ କ୍ଲବ୍ ଭିତରକୁ ପ୍ରବେଶ ଅନୁମତି ନ ମିଳିବାରୁ ସେ ଫେରିଆସିଲେ ଓ ଅନୁମୋଦିତ ପୋଷାକ ପିନ୍ଧି କ୍ଲବ୍‌କୁ ଗଲେ। ସଭାଗୃହ ଭରପୂର ଥାଏ। ସମସ୍ତେ ତାଙ୍କ ଭାଷଣ ଶୁଣିବାକୁ ଅପେକ୍ଷା କରିଥାନ୍ତି। ଶ ଛିଡ଼ାହେଲେ ଓ ସମ୍ବୋଧନ କଲେ। ତାଙ୍କର କୋଟ୍ ଓ ଟାଇ ଖୋଲିଦେଇ ଚୌକି ଉପରେ ରଖିଦେଲେ ଓ କହିଲେ, ''ମୁଁ ଆଜି ଆପଣମାନଙ୍କୁ କିଛି କହିବି ନାହିଁ।'' ସମସ୍ତେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରନ୍ତେ ସେ କହିଲେ, ''ଏହି କ୍ଲବର ପୃଷ୍ଠପୋଷକମାନଙ୍କ ପାଇଁ ବ୍ୟକ୍ତିତ୍ୱ ବା ମସ୍ତିଷ୍କ ନୁହେଁ, କୋଟ୍ ଓ ଟାଇ ପିନ୍ଧିବା ବେଶି ଗୁରୁତ୍ୱପୂର୍ଣ୍ଣ, କାରଣ ମୁଁ ଏହା ପିନ୍ଧି ନ ଥିବାରୁ କ୍ଲବ୍‌କୁ ପ୍ରବେଶ ଅନୁମତି ମିଳି ନ ଥିଲା। ଏଣୁ କୋଟ୍ ଉପଯୁକ୍ତ ସ୍ଥାନରେ ଥୋଇଦେଇଛି।'' ଏତିକି କହି ସେ ସଭାଗୃହରୁ ବାହାରିଗଲେ। ସୁନ୍ଦର ଓ ଚାକଚକ୍ୟମୟ ପରିଧାନ ସର୍ବଦା ବ୍ୟକ୍ତିତ୍ୱର ପରିଚାୟକ ନୁହେଁ– ଏ କଥା ଶ ସେଦିନ ସୂଚାଇ ଦେଇଥିଲେ।

ଅନେକ ସମୟରେ ଆମେ ବ୍ୟକ୍ତିର ପୋଷାକ ପରିପାଟୀରୁ ତା'ର ବ୍ୟକ୍ତିତ୍ୱ ଆକଳନ କରିବାକୁ ଚେଷ୍ଟା କରୁ। ମାତ୍ର ପରିଧାନ ସବୁବେଳେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ନାହିଁ। ଆମେରିକାରେ ସ୍ୱାମୀ ବିବେକାନନ୍ଦ ଗୈରିକ ବସ୍ତ୍ର ଓ ପଗଡ଼ି ପରିଧାନ କରିଥିବାରୁ ଉପହସିତ ହୋଇଥିଲେ। ମାତ୍ର ଏହି ବେଶଭୂଷାରେ ସେ ଶିକାଗୋ ଧର୍ମସଭାରେ ହିନ୍ଦୁଧର୍ମର ବିଜୟପତାକା ଉଡ଼ାଇଥିଲେ। ତାଙ୍କ ଜୀବନର ଆଉ ଏକ ଘଟଣା। ଥରେ ସେ ହାଓଡ଼ାରୁ ଟ୍ରେନ୍ ଯୋଗେ ମାଡ୍ରାସ ଯାଉଥିଲେ। ସେହି ଡବାରେ ଯାଉଥିଲେ ଦୁଇଜଣ ଗୋରା ସେନା ଅଫିସର। ସେମାନେ ଗୈରିକ ବସ୍ତ୍ର ପରିଧାନ କରିଥିବା ସ୍ୱାମିଜୀଙ୍କ ରୂପ ଦେଖି ବିଦ୍ରୂପ କରୁଥିଲେ। ଇଂଲିଶରେ କହୁଥିଲେ, ଭାରତରେ ଏଭଳି ଅନେକ ଗୈରିକ ବସ୍ତ୍ର ପରିଧାନ କରି ଆରାମରେ ଖାଇପିଇ ବଳିଷ୍ଠ ଶରୀର ଧାରଣ କରିଛନ୍ତି। ଏମାନେ ହେଲେ ମଣିଷ ମୂଷା। ଟ୍ରେନ୍ ମାଡ୍ରାସ ପୂର୍ବରୁ ଗୋଟିଏ ଷ୍ଟେଶନରେ ଅଟକିଲା। ପ୍ଲାଟଫର୍ମରେ ଶହ ଶହ ଅନୁଗାମୀ ଅପେକ୍ଷା କରିଥାନ୍ତି। ସ୍ୱାମିଜୀ ପ୍ଲାଟଫର୍ମକୁ ଓହ୍ଲାଇ



ସେମାନଙ୍କୁ ଇଂଲିଶରେ ପାଞ୍ଚମିନିଟ ଉଦ୍‌ବୋଧନ ଦେଲେ। ପୁଣି ଟ୍ରେନ ଚାଲିଲା। ସେହି ଡବାରେ ବସିଥିବା ସେହି ଦୁଇ ଗୋରା ସୈନିକ ସ୍ୱାମିଜୀଙ୍କୁ ପ୍ରଶ୍ନ କଲେ ସେମାନେ ତାଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଥିଲେ ମଧ୍ୟ ସେ କାହିଁକି ପ୍ରତିବାଦ କଲେ ନାହିଁ? ସେମାନଙ୍କ ଧାରଣା ଥିଲା ସେ ଇଂଲିଶ ବୁଝିପାରୁନାହାନ୍ତି। ମାତ୍ର ତାଙ୍କ ଇଂଲିଶ ଉତ୍କୃଷ୍ଟ ଥିଲା ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସେମାନେ ଲଜ୍ଜିତ ହେଲେ। ମହାତ୍ମା ଗାନ୍ଧୀଙ୍କ ଆଣ୍ଠୁ ଲୁଚୁ ନ ଥିବା ଧୋତି ଓ ବାଡ଼ି ଦେଖି ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ତାଙ୍କୁ ଅର୍ଦ୍ଧନଗ୍ନ ଫକିର କହିଥିଲେ। ମାତ୍ର ସେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇ ଭାରତର ସ୍ୱାଧୀନତା ଆଣିଥିଲେ। ଏଣୁ ଅନାକର୍ଷଣୀୟ ପରିଧାନ ଅନ୍ତରାଳରେ ମଧ୍ୟ ଏକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥାଇପାରେ–ଏକଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ।

ଥରେ ଜଣେ ଉଚ୍ଚଶିକ୍ଷିତ ଯୁବକ ଗୋଟିଏ ରେଳଷ୍ଟେଶନରେ ଗୋଟିଏ ଆଟାଚି ଧରି ଓହ୍ଲେଇଲେ ଓ କୁଲି କୁଲି ବୋଲି ପାଟିକଲେ। ପାଖରେ ଠିଆ ହୋଇଥାନ୍ତି ସାଧାରଣ ଧୋତି କୁର୍ତ୍ତା ପିନ୍ଧିଥିବା ଜଣେ ଭଦ୍ରଲୋକ। ସେ କୁଲି ହୋଇଥିବ ଭାବି ଆଟାଚିଟା ତାଙ୍କୁ ଧରାଇଦେଲେ ଓ ଗନ୍ତବ୍ୟସ୍ଥଳରେ ପହଞ୍ଚିଲେ। ପରବର୍ତ୍ତୀ ସମୟରେ ଏକ ସଭାରେ ସେହି ଭଦ୍ରବ୍ୟକ୍ତିଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଶୁଣି ନିଜେ ଲଜ୍ଜିତ ହେଲେ। ସେ ଥିଲେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର। ଏଣୁ ପରିଧାନରୁ ଜଣକର ବ୍ୟକ୍ତିତ୍ୱ ଆକଳନ କରିବା ସଂପୂର୍ଣ୍ଣ ଭ୍ରମାତ୍ମକ।

ଇନ୍‌ଫୋସିସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି ବାଙ୍ଗାଲୋର ଫେରିବା ପାଇଁ ଲଣ୍ଡନ ବିମାନ ବନ୍ଦରରେ ଅପେକ୍ଷା କରିଥାନ୍ତି। ସେ ପିନ୍ଧିଥାନ୍ତି ସାଧାରଣ ସଲୱାର କାମିଜ। ବିମାନ ଭିତରକୁ ପ୍ରବେଶ କରିବାକୁ ଘୋଷଣା ହେଲା। ସୁଧା ଧାଡ଼ିରେ ଛିଡ଼ା ହେଲେ। ତାଙ୍କ ଆଗରେ ଛିଡ଼ା ହୋଇଥାନ୍ତି ଯତ୍ନଶୀଳ ଭାବରେ ପ୍ରସାଧନ କରିଥିବା ଓ ଏକ ସୁନ୍ଦର ସିଲ୍‌କ ଜାମା ପିନ୍ଧିଥିବା ଜଣେ ସମ୍ଭ୍ରାନ୍ତ ମହିଳା। ତାଙ୍କ ସାଙ୍ଗରେ ଥାନ୍ତି ତାଙ୍କ ଜଣେ ବାନ୍ଧବୀ। ସେ ପିନ୍ଧିଥାନ୍ତି ଏକ ମୁକ୍ତାହାର କାନଫୁଲ ଓ ହୀରାର ଚୁଡ଼ି। ଉଭୟେ ଦେଖାଯାଉଥିଲେ ଧନୀ ଓ ସୌଖୀନ। ତାଙ୍କ ଠିକ୍ ସମ୍ମୁଖରେ ଛିଡ଼ା ହୋଇଥିବା ଭଦ୍ରମହିଳା ହଠାତ୍ ସୁଧାଙ୍କୁ ତାଙ୍କ ବୋର୍ଡିଂପାସ୍ (ବିମାନକୁ ପ୍ରବେଶ ଅନୁମତି ପତ୍ର) ଦେଖାଇବାକୁ କହିଲେ। ସୁଧା ତା'ର କାରଣ ପଚାରନ୍ତେ ସେ କହିଲେ ''ଆପଣ ଯେଉଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ଏହା କେବଳ ଉଚ୍ଚଶ୍ରେଣୀ ଟିକେଟ୍ (ବିଜନେସ୍ କ୍ଲାସ୍) ଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ସେ ସୁଧା ମୂର୍ତ୍ତିଙ୍କ ସାଧାରଣ ବେଶଭୂଷାରୁ ଧରି ନେଇଥିଲେ ସେ ଜଣେ ଉଚ୍ଚଶ୍ରେଣୀର ମହିଳା ନୁହନ୍ତି। ତାଙ୍କ ପାଖରେ ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ୍) ଟିକେଟ ଥିବ। ତାଙ୍କ ପାଇଁ ରହିଛି ଅଲଗା ଧାଡ଼ି। ସୁଧା ତାଙ୍କ ମନୋଭାବ ବୁଝିପାରିଲେ। ସେହି ମହିଳାଙ୍କ ବେଶଭୂଷା ଓ କଥନଭଙ୍ଗୀରେ ପ୍ରକାଶ ପାଉଥିଲା ଆଭିଜାତ୍ୟର ଅହଂକାର। ସୁଧାଙ୍କ ପାଖରେ ଉଚ୍ଚଶ୍ରେଣୀ ଟିକେଟ ଥିଲା, ତଥାପି ସେ ନୀରବ ରହନ୍ତେ ସେହି ଭଦ୍ରମହିଳା ପୁଣି କହିଲେ, ''ଦେଖନ୍ତୁ, ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ) ଅପେକ୍ଷା ଉଚ୍ଚଶ୍ରେଣୀ (ବିଜନେସ କ୍ଲାସ) ଟିକେଟର ମୂଲ୍ୟ ଅଢ଼େଇଗୁଣ ଅଧିକ।'' ତାଙ୍କ ବାନ୍ଧବୀ ପୁଣି ଯୋଡ଼ି ଦେଇ କହିଲେ, ''ଏହି ଶ୍ରେଣୀରେ ଅନେକ ସ୍ୱତନ୍ତ୍ର ଆରାମଦାୟକ ସୁବିଧା ରହିଛି।'' ସେମାନେ ସୁଧାଙ୍କୁ ସେହି ଧାଡ଼ିରୁ ବାହାରିଯାଇ ସାଧାରଣ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଧାଡ଼ିରେ ଛିଡ଼ା ହେବାକୁ ପରାମର୍ଶ ଦେଲେ। ସୁଧା ତାଙ୍କ କଥା ନ ଶୁଣି ସେହି ଧାଡ଼ିରେ ଛିଡ଼ା ହୋଇ ରହନ୍ତେ ସେହି ମହିଳା କହିଲେ, ''ଆପଣମାନଙ୍କ ଭଳି ଗୋରୁଶ୍ରେଣୀର (CATTLE CLASS) ଲୋକଙ୍କୁ ବୁଝାଇ ହେବ ନାହିଁ।'' ଏହି ସାଧାରଣ ଶ୍ରେଣୀ (ଇକୋନୋମି କ୍ଲାସ)ରେ ଯାତ୍ରୀଙ୍କ ପାଇଁ ସୀମିତ ସ୍ଥାନ ଓ ସୁବିଧା ଥିବାରୁ ଏହି ଶ୍ରେଣୀକୁ ପରିହାସରେ ''ଗୋରୁ ଶ୍ରେଣୀ'' କୁହାଯାଏ। ସୁଧା ମୂର୍ତ୍ତିଙ୍କୁ ସେହି ଭଦ୍ର ମହିଳାଙ୍କ କଥା ଆଘାତ ଦେଲା। ସେ ବିମାନ କର୍ମଚାରୀଙ୍କୁ ତାଙ୍କ ଉଚ୍ଚଶ୍ରେଣୀର ପ୍ରବେଶ ପତ୍ର ଦେଖାଇଲେ ଓ ଅଗ୍ରସର ହେଲେ। ଭଦ୍ରମହିଳା ଦୁଇଜଣଙ୍କ ଧାରଣା ଭୁଲ ପ୍ରମାଣିତ ହେଲା। ସେମାନଙ୍କ ଅହଂକାରକୁ ଏକ ଧକ୍କା ଆସିଲା। ଟିକିଏ ଆଗକୁ ଯାଇ ସୁଧା ସେମାନଙ୍କୁ କହିଲେ, ''ଉଚ୍ଚ ଶ୍ରେଣୀର ଅର୍ଥ ନୁହେଁ ଅଜସ୍ର ଅର୍ଥ ଠୁଳ କରିବା। ଅର୍ଥ ରୋଜଗାର କରିବା ପାଇଁ ବହୁ ଅନୈତିକ ମାର୍ଗ ଅଛି। ସେହିଭଳି ମାର୍ଗରେ ଅଜସ୍ର ଅର୍ଥ ରୋଜଗାର କରିହେବ ଓ ବହୁମୂଲ୍ୟ ପୋଷାକ ଓ ଅଳଙ୍କାର ପିନ୍ଧିହେବ।'' ଏହା କହି ସୁଧା ଚାଲିଗଲେ। ଚାକଚକ୍ୟମୟ ପରିଧାନ ମଣିଷର ଅହଂକାର ସୂଚାଏ ସିନା, ନମ୍ରତା ସୂଚାଏ ନାହିଁ। ଅପରପକ୍ଷରେ ଜଣେ ସାଧାରଣ ପୋଷାକ ପିନ୍ଧିପାରେ, ମାତ୍ର ତାରି ଭିତରେ ଲୁକ୍କାୟିତ ଥାଇପାରେ ଏକ ଅସାଧାରଣ ମହାନ୍ ବ୍ୟକ୍ତିତ୍ୱ। ସେଦିନ ସେହି ସମ୍ଭ୍ରାନ୍ତ ମହିଳା ଦୁଇଜଣ ଏହି କଥା ବୁଝିପାରି ନ ଥିଲେ।

ମୋ: ୯୪୩୭୩୨୯୨୬୩

# ବିଶ୍ୱ ଶାନ୍ତି ପାଇଁ ଆଶା



ଶ୍ରୀ ଶ୍ରୀ ରବି ଶଙ୍କର

ପୃଥିବୀ ଶାନ୍ତିମୟ ସେତେବେଳେ ହେବ, ଯେତେବେଳେ ପୃଥିବୀରେ ରହୁଥିବା ସବୁ ଲୋକ ଶାନ୍ତିରେ ରହିବେ। କେତେବେଳେ ଜଣେ ଖୁସି ହେବେ? ଯେତେବେଳେ ଲୋକେ ଉତ୍ତେଜନା ମୁକ୍ତ ହେବେ ସେତେବେଳେ ଖୁସି ହୋଇପାରିବେ। ତେବେ ଉତ୍ତେଜନାର କାରଣ କ'ଣ? ଗୋଟିଏ କାରଣ ହେଲା ଲୋକମାନେ, ଆମ ଜୀବନ ସାଥୀ, ଆମ ସହ କର୍ମୀ, ଆମ ମାତା ପିତା ଓ ଆମ ସନ୍ତାନ ଆମକୁ ଠିକ୍‌ସେ ବୁଝିପାରୁ ନାହାନ୍ତି। ଏହି ଯୋଗାଯୋଗ ସମସ୍ୟାଟି ବହୁତ ବଡ଼ ଝଡ଼ଝଞ୍ଜା ସୃଷ୍ଟି କରୁଛି।

ଯୋଗାଯୋଗ ଖଣ୍ଡିତ ହେଲେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଉଭୟ ପକ୍ଷ ନିଜ ବିଚାରଧାରା ପକ୍ଷ ନେଇ ଦୃଢ଼ ରହିଥାନ୍ତି। ସମସ୍ୟାର ସମାଧାନ ଲାଗି ଉଭୟ ପକ୍ଷ ବୃହତ୍ ଚିତ୍ରପଟକୁ ଆଖି ଆଗରେ ରଖି ଟିକିଏ ଉପରକୁ ଉଠି ବାସ୍ତବତାର ପରିପେକ୍ଷଣ କରି ସମସ୍ୟାର ସମାଧାନ କରିବା ଉଚିତ। ସମାଧାନ ଲାଗି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର।

ଘରୋଇ ଦ୍ୱନ୍ଦ୍ୱ ବା ବିବାଦରେ ଅନ୍ୟାୟ ବିରୋଧରେ ଯେଉଁମାନେ ହିଂସକ ମାଧ୍ୟମକୁ ସ୍ୱୀକାର କରିଥାନ୍ତି, ସେମାନଙ୍କୁ ଠିକ୍ ଭାବେ ବାର୍ତ୍ତାଳାପ ବା ଆଲୋଚନାରେ ସଂଶ୍ଳିଷ୍ଟ କରାଯାଇପାରିବ। ତାଙ୍କ ତରଫରୁ ପରିପେକ୍ଷଣ କରିକି ଦେଖ ସେମାନେ ଏକ କାରଣର ନ୍ୟାୟ ଲାଗି ଲଢ଼ୁଥାନ୍ତି। ଏକ ଧାରାରେ ସେମାନଙ୍କ ପ୍ରତିଶ୍ରୁତି, ସେମାନଙ୍କ ତ୍ୟାଗ ଭାବ ପ୍ରଶଂସନୀୟ। ଯେତେବେଳେ ବାହ୍ୟ ଶକ୍ତିର ପ୍ରାଚୁର୍ଯ୍ୟ ଆନ୍ତରିକ ଶାନ୍ତିର ପରିପୂରକ ହୋଇପାରିବ ସେମାନେ ସମାଜର ଏକ ବରଦାନ ଭାବେ ପ୍ରମାଣିତ ହୋଇପାରିବେ। ଆମର ଅନେକ ନିଃଶୁଳ୍କ ଆଦିବାସୀ ବିଦ୍ୟାଳୟ, ଯାହାକି ମାଓବାଦୀ ପୀଡ଼ିତ ଅଞ୍ଚଳରେ ଅଛି, ସେଗୁଡ଼ିକ ପୂର୍ବତନ ମାଓବାଦୀଙ୍କ ଦ୍ୱାରା ଚାଳିତ ହେଉଛି। ପ୍ରଥମେ ସେମାନେ ଆମ ସ୍ୱେଚ୍ଛାସେବୀଙ୍କୁ ଭୟଭୀତ କରୁଥିଲେ ବିଦ୍ୟାଳୟ ବନ୍ଦ କରିବାକୁ। କିନ୍ତୁ ସେମାନେ ଯେତେବେଳେ ଦେଖିଲେ ଏହି ଉଦ୍ୟମରେ ତାଙ୍କର ସମ୍ପ୍ରଦାୟ ଲାଭାନ୍ୱିତ ହେଉଛନ୍ତି ସେମାନେ ନିଜେ ସ୍ୱୟଂ ସେବକ ହୋଇଗଲେ।

ଯେମିତି ହେଉ, ଧାର୍ମିକ ଧର୍ମାନ୍ଧତା ପାଇଁ ଯେଉଁ ଆତଙ୍କ ବଢ଼ୁଛି ସେଥିପାଇଁ ବାର୍ତ୍ତାଳାପ ଯଥେଷ୍ଟ ନୁହେଁ। ସେମାନେ ଧାର୍ମିକ ମତବାଦରେ ଅନ୍ଧ ହୋଇ କୌଣସି ଆଲୋଚନା କିମ୍ବା ବାର୍ତ୍ତାଳାପକୁ ଖୋଲାଖୋଲି ଭାବେ ସ୍ୱୀକାର କରୁନାହାନ୍ତି। ସେମାନଙ୍କ ପାଇଁ ଯେଉଁ ଲୋକମାନେ ତାଙ୍କ ଧର୍ମଗ୍ରନ୍ଥକୁ ମାନୁନାହାନ୍ତି ଓ





ଏବେ ଅଲଗା ଭାବନା ଅଛି ସେମାନଙ୍କ ଅସ୍ତିତ୍ୱ ରହିବା ଉଚିତ ନୁହେଁ। ଏଭଳି ଉଗ୍ରମନୋବୃତ୍ତି ବିସ୍ତାର ହେବା ଆଗରୁ ନିବାରଣ କରିବାକୁ ପଡିବ। ବିଭିନ୍ନ ଧର୍ମ ଶିକ୍ଷା ଓ ଶାନ୍ତି ଶିକ୍ଷା ପାଇଁ ଧାର୍ମିକ ନେତାମାନେ ନିରପେକ୍ଷ ଭୂମିକା ନିଭେଇପାରିବେ।

'ସ୍ୱର୍ଗର ଏକାକୀ ମାଲିକାନା 'ଭାବନାକୁ ବଦଳେଇ 'ଅନେକ ରାସ୍ତା ଗୋଟିଏ ଲକ୍ଷ୍ୟ 'ଏହି ବିଚାରକୁ ଆଣିବାକୁ ପଡ଼ିବ। ବିଭିନ୍ନତା ଆମ ଗ୍ରହର ଏକ ଦରକାରୀ ଲକ୍ଷଣ, ଯାହାକି ଆମକୁ ନିର୍ଦ୍ଦିଷ୍ଟ ସହନଶୀଳତା ଆମର ନିର୍ଦ୍ଦିଷ୍ଟ ସୂଚୀତାନୁସାରେ ସେମାନେ ମାନିବେ। ତମକୁ ଯାହା ଭଲ ଲାଗୁନି ତାହା ସହିବାକୁ ହେବ। ସମୟ ଆସିଗଲା ପରସ୍ପରର ଧର୍ମ ପ୍ରତି ପ୍ରେମଭାବ ନିଜ ଧର୍ମ ଭଳିଆ ଦେଖେଇବାକୁ ହେବ। ଗୋଟିଏ ଧର୍ମ ମହାନ। ଏଥିପାଇଁ ନୁହେଁ କି ମୋ ଧର୍ମ ବୋଲି କିନ୍ତୁ ଏଥିଲାଗି ମହାନ ଯାହା ତା'ର ଅସ୍ତିତ୍ୱ। ଏହି ଧାରଣାରେ ପ୍ରତ୍ୟେକ ପୁରୋହିତ, ଧର୍ମଯାଜକ ଏବଂ ଧାର୍ମିକ ନେତା ଅନୁପ୍ରାଣିତ ହେଲେ ଯାଇ ଧର୍ମାନ୍ଧତା ଓ ମୂଳତତ୍ତ୍ୱବାଦ, ଯାହା ଆମ ବିଶ୍ୱରେ ଚାଲିଛି, ତା'ର ଅନ୍ତ ହୋଇପାରିବ।

ବାସ୍ତବରେ ଭିନ୍ନ ଧର୍ମ ମଧ୍ୟରେ କିଛି ମତଭେଦ ନାହିଁ। ସେମାନଙ୍କ ଭିତରେ ସାଧାରଣ ସୂତ୍ର ରହିଛି। ଭୁଲ ବୁଝାମଣା ହେଲେ ସଂଘର୍ଷ ହୁଏ। ଏହା ହିଁ ଅନେକ ଘରେ ଦେଖାଯାଏ। ପିଲାମାନେ ମାତାପିତାଙ୍କୁ, ମାତାପିତା ପିଲାମାନଙ୍କୁ ଭୁଲ୍ ବୁଝି ଥାନ୍ତି ଓ ଅସନ୍ତୋଷ ପ୍ରକାଶ କରନ୍ତି। ଏସବୁ ଭୁଲ୍ ବୁଝାମଣାର ପରିଣାମ। ଆମ ସମସ୍ତଙ୍କ ମଧ୍ୟରେ ଯୋଗାଯୋଗର ସମସ୍ୟା ରହିଛି। ତେବେ ଅନ୍ୟମାନଙ୍କ ଉପରେ ଦୋଷାରୋପ କରିବା ଛାଡି ନିଜର ନିଜକୁ ବ୍ୟକ୍ତ କରିବାର କ୍ଷମତାକୁ ଉନ୍ନତ କରିବାକୁ ପଡିବ।

ପ୍ରକୃତ ଯୋଗାଯୋଗ ଶବ୍ଦତୀତ ଗୋଟିଏ ଭାଷା। ଜୀବଜନ୍ତୁ, ଗଛ ସମସ୍ତେ ହୃଦୟର ଭାଷା ବୁଝିପାରନ୍ତି। ଛୋଟ ଶିଶୁର ଉଦାହରଣ ଦେଖନ୍ତୁ ଯିଏ କଥା କହି ପାରେନି, କିନ୍ତୁ ତା'ର ସବୁ ପ୍ରେମ ଏକାଥରେ ପ୍ରକାଶ କରିଦିଏ। ଏପରିକି ଗୋଟିଏ ପାଳିତ କୁକୁର ତୁମକୁ ଘରକୁ ସ୍ୱାଗତ କରିବାକୁ ସବୁ ପ୍ରକାର ଉତ୍ତେଜନା ଦେଖେଇ ଦିଏ। ସେମାନଙ୍କ ଉପସ୍ଥିତି ପ୍ରେମକୁ ସୂଚିତ କରିଥାଏ। ଆମେ ଆମର ଉପସ୍ଥିତିରେ ଶବ୍ଦଠାରୁ ବେଶି ଯୋଗାଯୋଗ କରିପାରୁ। ପ୍ରକୃତିର ନିୟମ ଅଛି, ଯାହା ତମେ ଦବ ତାହା ତମେ ପାଇବ। ତେଣୁ ତମେ ପ୍ରେମ ପ୍ରକ୍ଷେପିତ କଲେ ପ୍ରେମ ହିଁ ପାଇବ।

ଶାନ୍ତି ଆମ ଆତ୍ମାର ପ୍ରକୃତି। ଏହି ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଦିବସରେ ଆମେ ଗର୍ବ ସହ ପ୍ରେମ, ଶାନ୍ତି ଏବଂ ସହାନୁଭୂତିର ପୁନଃ ସ୍ଥାପନା କରିବା। ଯେପର୍ଯ୍ୟନ୍ତ ନିଜ ଭିତରେ ଶାନ୍ତି ମିଳିବ ନାହିଁ ପୃଥିବୀ ଶାନ୍ତିପୂର୍ଣ୍ଣ ହୋଇ ପାରିବନି ଏବଂ ଆମ ଜୀବନରେ ବ୍ୟକ୍ତିଗତ ଉନ୍ନତି ହୋଇ ପାରିବନି।

## ଏଇ ଭାରତରେ

ଅନ୍ୟାୟକୁ ବିରୋଧ କରୁଥିବା ଜଣେ ଯୁବ କର୍ମଚାରୀଙ୍କ ହତ୍ୟା ଘଟଣାରେ ନ୍ୟାୟାଳୟରେ ଲଢ଼େଇ କରି ଅପରାଧୀଙ୍କୁ ଦଣ୍ଡିତ କରିବାରେ ଏକ ଦମ୍ପତି ଅଞ୍ଜଳି ମୁଲାଟି ଓ ଏଚ. ଜୟଶଙ୍କରଙ୍କ ଦୃଢ଼ ପ୍ରତିବଦ୍ଧତା ଏକ ଉଦାହରଣ ହୋଇ ରହିଛି। ୨୦୦୬ରେ ଉତ୍ତରପ୍ରଦେଶ ଲଖିମପୁର ଖେରି ଜିଲାରେ ଏକ ପେଟ୍ରୋଲ ପମ୍ପ ସିଲ୍ ଘଟଣାରେ ହତ୍ୟା କରାଯାଇଥିବା ଆଇଆଇଏମ୍ ଲକ୍ଷ୍ନୌର ଗ୍ରାଜୁଏଟ ତଥା ଆଇଓସିଏଲ୍‌ର ସେଲ୍ସ ଅଫିସର ମଞ୍ଜୁନାଥ ଶନ୍ମୁଗମଙ୍କୁ ନ୍ୟାୟ ପ୍ରଦାନ ସହ ୮ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଦମ୍ପତି ଆଇଆଇଏମ୍‌ର ପୁରାତନ ଛାତ୍ର ହୋଇଥିବାରୁ ସେମାନେ ବିଭିନ୍ନ ଆଇଆଇଏମ୍ ଛାତ୍ରଙ୍କ ସହଯୋଗରେ ଏହି ନ୍ୟାୟିକ ଲଢ଼େଇ ପାଇଁ କିଛି ତ୍ୟାଗ କରିଥିଲେ। ସେମାନେ ମଞ୍ଜୁନାଥଙ୍କ ହତ୍ୟା ଘଟଣାକୁ ଟିଭିରେ ଦେଖିବା ପରେ ଏଭଳି ନିଷ୍ପତ୍ତି ନେଇଥିଲେ। ସେହି ମାମଲା ଚଳାଇବା ସମୟରୁ ଏହି ଦମ୍ପତି 'ମଞ୍ଜୁନାଥ ଟ୍ରଷ୍ଟ' ଗଠନ କରି ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବହୁ ହ୍ୱିସିଲବ୍ଲୋୟରଙ୍କୁ ନ୍ୟାୟିକ ଲଢ଼େଇରେ ସହଯୋଗ କରୁଛନ୍ତି। ସେମାନେ ମଧ୍ୟ ଭାରତର ପ୍ରଥମ ରାଇଟ ଟୁ ଇନ୍‌ଫର୍ମେଶନ ଆକ୍ଟ(ଆରଟିଆଇ) ହେଲପ୍‌ଲାଇନର ଶୁଭାରମ୍ଭ କରିଛନ୍ତି। ଏହା ସାହାଯ୍ୟରେ ଅନେକ ହଜାର ଲୋକ ଅନ୍ୟାୟ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ସେପ୍ଟେମ୍ବର ୧୯୭୫**

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବିହାର, ଓଡ଼ିଶା ଓ ଉତ୍ତର ପ୍ରଦେଶର ବନ୍ୟାବିପନ୍ନ ଲୋକଙ୍କୁ ସାହାଯ୍ୟ ପାଇଁ ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଭାରତ ଓ ରୁଷିଆ ମଧ୍ୟରେ 'ଟ୍ରପୋସ୍କାଟର' ରେଡିଓ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ ଦୁଇ ଦେଶର ବିଶେଷଜ୍ଞମାନଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | 6 | |
| | | | 3 | | 5 | | | |
| | 5 | | | 4 | | | 9 | |
| 3 | | | | | | | | 5 |
| | 7 | 4 | | 5 | | | | 1 |
| 6 | 8 | | | | | 4 | | 2 |
| | 4 | | | | | | | |
| 7 | | 6 | 2 | | | | | |
| 5 | | 1 | | 7 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 1 | 3 | 4 | 9 | 6 | 2 |
| 3 | 4 | 6 | 9 | 5 | 2 | 7 | 1 | 8 |
| 2 | 1 | 9 | 7 | 8 | 6 | 3 | 4 | 5 |
| 1 | 9 | 8 | 6 | 2 | 5 | 4 | 3 | 7 |
| 5 | 3 | 7 | 4 | 9 | 8 | 6 | 2 | 1 |
| 6 | 2 | 4 | 3 | 1 | 7 | 8 | 5 | 9 |
| 4 | 5 | 3 | 8 | 7 | 1 | 2 | 9 | 6 |
| 9 | 8 | 1 | 2 | 6 | 3 | 5 | 7 | 4 |
| 7 | 6 | 2 | 5 | 4 | 9 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଜ ସାର ବ୍ୟବହାର କରନ୍ତୁ

ମହାଶୟ,

ଆଜିକାଲି ପ୍ରାୟ ସବୁ ଜାଗାରେ ରାସାୟନିକ ସାରର ବହୁଳ ଭାବରେ ବ୍ୟବହାର କରାଯାଉଛି, ଯାହାର ଫଳ ସ୍ୱରୂପ ମାଟି ଟାଣ ହେବା ସହିତ ତାହାର ମୂଳ ଉର୍ବରତା ନଷ୍ଟ ହୋଇ ଯାଉଛି ଓ କୃଷି ଉତ୍ପାଦନ ହ୍ରାସ ପାଉଛି। ରାସାୟନିକ ସାର ଆସିବା ପୂର୍ବରୁ ଚାଷୀମାନେ ଗୋବର ଖତ ବ୍ୟବହାର କରୁଥିଲେ, ଯାହାକି ବର୍ଷ ସାରା ମାଟିର ଉର୍ବରତା ରକ୍ଷା ହେବା ସହିତ ମାଟି ହାଲୁକା ରହୁଥିଲା ଓ ମାଟିରେ ଜଳୀୟ ଅଂଶ ରହୁଥିବାରୁ ଅଙ୍କୁରୋଦ୍ଗମ ହେବା ପାଇଁ ସହାୟକ ହେଉଥିଲା। ରାସାୟନିକ ସାର ବ୍ୟବହାର ଦ୍ୱାରା ମାଟିର ଜଳ ଧାରଣ ଶକ୍ତି କମିବା ସହିତ ଉତ୍ପାଦନ ଶକ୍ତି ମଧ୍ୟ ହ୍ରାସ ପାଏ। ବିଶେଷ କରି ଧାନ, ଆଖୁ, ଆଳୁ, ଗହମ ଆଦି ଫସଲ ଓ ପନିପରିବା ଚାଷ ପାଇଁ ରାସାୟନିକ ସାର ସହିତ କମ୍ପୋଷ୍ଟ ଖତ,ଗୋବର ଖତ, ସବୁଜ ସାର ଦେବା ଉଚିତ। ଆଜିକାଲି ପ୍ରଚୁର ପରିମାଣରେ ପ୍ରାକୃତିକ ଖତ ମିଳୁ ନଥିବାରୁ ମାଟିର ଉର୍ବରତାକୁ ରକ୍ଷା କରିବା ପାଇଁ କୃଷି ବିଜ୍ଞାନୀମାନେ ସବୁଜ ସାର ବ୍ୟବହାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି ଓ ଚାଷୀମାନଙ୍କୁ ଏହି ସବୁଜ ସାର ବିଷୟରେ ବୁଝାଉଛନ୍ତି। ଏଥିପାଇଁ ଖାଲ ଜମିରେ ଧନିଚା ଓ ଡିପ ଜମିରେ ଛଣି, ବରଗୁଡ଼ି ଜାତୀୟ ଫସଲ ଚାଷ କରି ତାକୁ ହଳ କରି ଜମିରେ ମିଶାଇ ଦେଲେ ତାହା ସବୁଜ ସାରରେ ପରିଣତ ହୋଇଯାଏ। ଚାଷୀ ଭାଇମାନେ ସବୁଜ ସାର ବ୍ୟବହାରକୁ ହୃଦୟଙ୍ଗମ କରି ଏହାକୁ ବ୍ୟବହାର କରିବା ପାଇଁ ଆଗେଇ ଆସିଲେ ତାହା ମାଟି ଓ ପରିବେଶ ପାଇଁ ଅନୁକୂଳ ହୋଇପାରିବ। ଏହାସହ ଫସଲ ଆମଦାନୀ ବୃଦ୍ଧି ସହିତ ଜମିର ଉର୍ବରତା ସର୍ବଦା ରହିପାରିବ।

**–ଲକ୍ଷ୍ମୀ ନାରାୟଣ କର, ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି।
–(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଦାୟ ହେଉନି ଖଣି ଦୁର୍ନୀତି ଜରିମାନା

## ଜିଲା ବିକାଶରେ ବାଧକ



ଯୋଡ଼ା,୨୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ରାଜ୍ୟର ପ୍ରମୁଖ ଖଣି ଅଞ୍ଚଳ ମଧ୍ୟରେ ଗଣତି ହୋଇଥାଏ। ଖଣି ଦୁର୍ନୀତିର ତଦନ୍ତ ବେଳେ ଯୋଡ଼ା ଖଣି ମଣ୍ଡଳରେ ହୋଇଥିବା ଜରିମାନାର ପ୍ରାୟ ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏବେ ବି ପୈଠ ନ ହୋଇ ଆଇନଗତ ମାମଲା ଓ ବୈଧାନିକ ମାମଲାରେ ପଡ଼ିରହିଛି। ଏହାଦ୍ୱାରା ଖଣି ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ସରକାର ମଧ୍ୟ ରାଜସ୍ୱ ପାଉନାହାନ୍ତି। ଏଣୁ ସରକାର ଜରିମାନା ଆଦାୟ କରିବା ସହ ଖଣି ଚାଲିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ତଥ୍ୟରୁ ଜଣାପଡ଼ିଛି, ଖଣି ଅନିୟମିତତା କରି କୋର୍ଟ ଦ୍ୱାରା ଜରିମାନା ଦେବା ପାଇଁ ଦଣ୍ଡିତ ହୋଇଥିବା କିଛି ଖଣି ଲିଜ୍‌ଧାରୀ ୨୦୨୩, ୪୭, ୬୩, ୯୯୨ କୋଟି ଟଙ୍କା ବକେୟା ରଖିଛନ୍ତି। ବକେୟା ରଖିଥିବା ଖଣି ଲିଜ୍‌ଧାରୀଙ୍କ ନାମରେ ସରକାର ସାର୍ଟିଫିକେଟ କେସ୍ କରିଛନ୍ତି। କେସ୍ ନଂ.୩୦/୨୦୧୮ରେ ଏଚ୍.ଜି. ପାଣ୍ଡା ଖଣିକୁ ୯୨, ୬୬, ୨୧, ୪୮୩ କୋଟି ଜରିମାନା ହୋଇଛି। କେସ୍ ନଂ. ୩୨/୨୦୧୮ ରେ ମେସର୍ସ ବିପିଏଲ୍ ଲିମିଟେଡ୍ କମ୍ପାନୀକୁ ୮୪୬, ୨୮, ୬୩, ୨୦୯ କୋଟି ଟଙ୍କା, କେସ୍ ନଂ. ୩୬/୨୦୧୮ ରେ ବି.କେ. ମହାନ୍ତି ଖଣି ଲିଜ୍‌ଧାରୀଙ୍କ ନାମରେ ୪୧୨, ୫୭, ୬୨, ୮୯୩ କୋଟି ଟଙ୍କା ଜରିମାନା ହୋଇଛି। କେସ୍ ନଂ. ୩୭/୨୦୧୮ ରେ ମେସର୍ସ ଟିବି ଲାଲ ଆଣ୍ଡ କମ୍ପାନୀକୁ ୯୯, ୮୩, ୨୨, ୧୨୫ କୋଟି, କେସ୍ ନଂ. ୩୯/୨୦୧୮ ରେ ବିସି ଦେବ ଖଣିକୁ ୧୨୫, ୬୭, ୮୩, ୪୦୬ କୋଟି ଟଙ୍କା ଜରିମାନା ହୋଇଥିବା ବେଳେ ଏହା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। କେସ୍ ନଂ. ୪୦/୨୦୧୮ ରେ ଅର୍ଜୁନ ଲୋଧା ଖଣିକୁ ୬୮, ୧, ୪୬, ୮୮୯ କୋଟି ଟଙ୍କା ଜରିମାନା ହୋଇଛି। ମେସର୍ସ ମିନେରାଲ ଟ୍ରେଡ଼ିଂ ସିଣ୍ଡିକେଟକୁ କେସ୍ ନଂ. ୪୫/୨୦୧୮ରେ ୩, ୬୬, ୧୪, ୮୭୮ କୋଟି ଜରିମାନା ହୋଇଛି। କେସ୍ ନଂ. ୪୬/୨୦୧୮ରେ ଭଞ୍ଜ ମିନେରାଲ ଲିଜ୍‌ଧାରୀଙ୍କୁ ୬୮, ୩୮, ୧୮, ୧୬୭ କୋଟି, କେସ୍ ନଂ. ୪୮/୨୦୧୮ ରେ ମେସର୍ସ ମିଡଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍‌କୁ ୬୬୭, ୯୨, ୨୩, ୫୩ କୋଟି, କେସ୍ ନଂ. ୫୦/୨୦୧୮ ରେ ଏସ୍.ଏନ୍. ଦାସ ମହାପାତ୍ର ଖଣିକୁ ୫, ୧୮, ୬୭, ୯୨୨ କୋଟି ଜରିମାନା ହୋଇଥିବା ବେଳେ ଏହାକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏଥିମଧ୍ୟରୁ କିଛି ଖଣି ଲିଜ୍‌ଧାରୀ ଆଂଶିକ ଜରିମାନା ପଇଠ କରିଛନ୍ତି। ସେହିପରି ନିଲାମ ପ୍ରକ୍ରିୟାରେ ଖଣି ହାତେଇଥିବା ପରିବେଶୀୟ ଅନୁମୋଦନ ଅନୁଯାୟୀ, ସିରାଜୁଦ୍ଦିନ ଖଣିର ମାଇନ୍ ଡେଭଲପମେଣ୍ଟ ଆଣ୍ଡ ପ୍ରଡକ୍ସନ ଏଗ୍ରିମେଣ୍ଟ ଅନୁଯାୟୀ, ପ୍ରାୟ ୧୮ ହଜାର ୮ ଶହ କୋଟି ଓ ଜଗନ୍ନାଥ ଖଣି ଲିଜ୍‌ଧାରୀଙ୍କ ୮୨୦ କୋଟି ଟଙ୍କା ଅନାଦେୟ ଉପରେ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏହି ଅର୍ଥ ବିଭିନ୍ନ ବୈଧାନିକ କାରଣ ଓ କୋର୍ଟରେ ବିଚାରାଧୀନ ଥିବାରୁ ଅନାଦେୟ ରହିଛି। ପ୍ରାୟତଃ ଅନେକ ଖଣି ଜରିମାନା ଅର୍ଥ ପୈଠକରି କେସ୍ କ୍ଲୋଜ୍ କରି ସାରିଥିବା ବେଳେ ଆହୁରି ଅନେକ ହଜାର କୋଟି ଟଙ୍କା ବକେୟା ରହିଛି। ଏ ନେଇ ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଖଣି ଅନିୟମିତତା କରି କିଛି ଖଣିଗୁଡ଼ିକ ବନ୍ଦ ହୋଇପଡ଼ିଛି। ଏହାଦ୍ୱାରା ଖଣି ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେଉଛନ୍ତି। ଖଣିଗୁଡ଼ିକ ଚାଲିଲେ ସ୍ଥାନୀୟ ଅଞ୍ଚଳବାସୀ ନିଯୁକ୍ତି ପାଇବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧି ଘଟନ୍ତା। ସରକାର ଜରିମାନା ଆଦାୟ କରିବା ସହ ଖଣି ଚାଲିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କଲେ ଖଣି ଅଞ୍ଚଳର ବିକାଶ ହୋଇ ପାରନ୍ତା ବୋଲି ସେ ମତ ଦେଇଥିଲେ।

# ସିସିଟିଭି କ୍ୟାମେରା ଅଚଳ




■ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ
■ସୁରକ୍ଷାନେଇ ପ୍ରଶ୍ନବାଚୀ

ଚମ୍ପୁଆ,୨୦।୯(ମହେଶ୍ୱର ଦାସ)

ସୁରକ୍ଷାକୁ ମଜବୁତ କରିବା ପାଇଁ ପ୍ରାୟତ ସିସି କ୍ୟାମେରା ସାଧାରଣରେ ପ୍ରାଧାନ୍ୟ ଦିଆଯାଉଛି। ଏ ନେଇ ସମସ୍ତ ସରକାରୀ ସ୍ଥାନ, କାର୍ଯ୍ୟାଳୟରେ ସିସି ଟିଭି ଏକ ପ୍ରକାର ବାଧ୍ୟତା କରାଯାଇଛି। ମାତ୍ର କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଏହାର ବିପରୀତ ପ୍ରତିବିମ୍ବ ଦେଖିବାକୁ ମିଳିଛି। ୧୯୯୦ରେ ନିର୍ମିତ ଏହି ଚିକିତ୍ସାଳୟ ଏକ ରେଫରାଲ ମେଡିକାଲ ଭାବେ ପରିଚିତ। ପୂର୍ବ ଅପେକ୍ଷା ଚିକିତ୍ସାଳୟ ତାର ପରିଶିମା ବୃଦ୍ଧି କରିବା ସହିତ ରୋଗୀସେବା ପାଇଁ ନୂତନଭାବରେ ଆନୁଷଙ୍ଗିକ ଆବଶ୍ୟକତା ପୂରଣ କରି ବିଭିନ୍ନ ବିଭାଗ ଖୋଲିସାରିଲାଣି। ମାତ୍ର ଆଜକୁ ୫ ରୁ ୬ ବର୍ଷ ତଳେ ଲାଗିଥିବା ୭ ସିସି ଟିଭି (କ୍ଲୋଜ୍ ସର୍କିଟ) କ୍ୟାମେରା ଅଚଳ ହୋଇପଡ଼ିଛି। ଏବଂ ନୂତନ କୋଠାରେ କ୍ୟାମେରା ନ ଥିବାରୁ ଚିକିତ୍ସାଳୟର ସୁରକ୍ଷାନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୪ ଘଣ୍ଟା ସେବା ଯୋଗାଉଥିବା ଏହି ଚିକିତ୍ସାଳୟ ଉପରେ ଝାଡ଼ଖଣ୍ଡ, ମୟୂରଭଞ୍ଜ ଓ ସ୍ଥାନୀୟ ଅଞ୍ଚଳର ରୋଗୀ ନିର୍ଭର କରୁଥିବାରୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଏପରିକି ଚିକିତ୍ସାଳୟର ୨ ଗୋଟି ପ୍ରବେଶକୁ ମିଶାଇ ପ୍ରଧାନ ସହିତ ୬ ଗୋଟି ପଥ ରହିଛି। ପୂର୍ବରୁ ବହୁବାର ଚୋରି ହୋଇଥିଲେ ହେଁ କ୍ୟାମେରା ଅଭାବ ବିପଦ ନିୟନ୍ତ୍ରଣ ପରିବର୍ତ୍ତେ ବୃଦ୍ଧି କରିବାର ସହାୟକ ହେବ ବୋଲି ସମ୍ଭାବନା ରହିଛି। ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ କହିଛନ୍ତି, କ୍ୟାମେରା ନ ହେଲେ ସୁରକ୍ଷା ବିଘ୍ନିତ ହେବାର ସମ୍ଭାବନା ରହିଛି। ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏବେ ଗୁଡ଼ାଏ କ୍ୟାମେରା ଲଗାଇବା ସମ୍ଭବ ହୋଇପାରୁନାହିଁ। ପୂର୍ବରୁ ଲାଗିଥିବା କ୍ୟାମେରା କିଛି ଖରାପ ହୋଇଯାଇଛି। ତେଣୁ ଜିଲା ଅଧିକାରୀଙ୍କୁ ୧୦୦ ଗୋଟି କ୍ୟାମେରା ଲଗାଇବା ପାଇଁ ଅନୁରୋଧ କରାଯାଇଛି।

## ବଳରାମଧ୍ୱଜ ସରକାରୀ ଉଚ୍ଚ ବିଦ୍ୟାଳୟ

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିକ୍ଷୋଭ



ବିଦ୍ୟାଳୟ ଫାଟକ ଆଗରେ ଅଭିଭାବକମାନେ।

ରାମଚନ୍ଦ୍ରପୁର,୨୦।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘଟିଗାଁ ବ୍ଲକ୍ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ାସ୍ଥିତ ବଳରାମଧ୍ୱଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବରାଳଙ୍କ ମନମୁଖୀ ଶାସନକୁ ଅଭିଭାବକ ବିରୋଧ କରିଛନ୍ତି। ତାଙ୍କୁ ବଦଳି ଦାବିରେ ଶୁକ୍ରବାର ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଅଭିଯୋଗ ଅନୁସାରେ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବରାଳ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରଦାନ କରୁଛନ୍ତି। ଏହାସହ ସରକାରଙ୍କ ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ହେଉନି। ଆଡମିଟ କାର୍ଡ ପାଇଁ ଆର୍ଥିକ ରାଶି ଦାବି କରିବା ସହ ମିଛ ବିଲ କରି ବିଦ୍ୟାଳୟ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଉଛନ୍ତି। ଏଥିସହ ନିକଟରେ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକଙ୍କ ପେନ୍‌ସନ୍ ସହ ବକେୟା ପାଉଣାର ଫାଇଲକୁ ଜାଣିଶୁଣି ପକେଇ ରଖିଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟ ଶ୍ରେଣୀରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ହୋଇଛି। ଚଳିତ ବର୍ଷ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ଗୁରୁଦିବସ, ଗଣେଶ ପୂଜାରେ ଛାତ୍ରୀଛାତ୍ର ଯୋଗ ନ ଦେବା ଭଳି ସମସ୍ୟା ଉପୁଜିଥିଲା। ସେପ୍ଟେମ୍ବର ୯ ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧ କରି ବଦଳି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ କେନ୍ଦୁଝର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାର କିଛି ସମାଧାନ ନ ହେବାରୁ ଶୁକ୍ରବାର ସମସ୍ତ ଛାତ୍ରୀଛାତ୍ର ଅଭିଭାବକ ତାଲା ପକାଇ ଧାରଣାରେ ବସିଥିଲେ। ଏହି ଖବର ପାଇ ଘଟଣାସ୍ଥଳରେ ଘଟିଗାଁ ତହସିଲଦାର ନିଳକଣ୍ଠ ବେହେରା ଓ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ ସିଂ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଆସିଥିବା ଅଭିଯୋଗ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ମତାମତ ନେବାପରେ ଘଟଣା ସମ୍ପର୍କରେ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। ୨୪ ଘଣ୍ଟା ଭିତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ପ୍ରତିଶ୍ରୁତି ଦେବାରୁ ବିଦ୍ୟାଳୟର ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ। ଏହି ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାକୁ ସମ୍ପୂର୍ଣ୍ଣ ମିଛ କହି ଏଡ଼ାଇ ଯାଇଛନ୍ତି।

## ନଳକୂପରେ ଗାଧୋଇବାକୁ ନେଇ ୨ ମହିଳାଙ୍କ ମଧ୍ୟରେ ମାରପିଟ୍

ପାଟଣା,୨୦।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଶିଳପଦା ଗ୍ରାମରେ ଶୁକ୍ରବାର ନଳକୂପରେ ଗାଧୋଇବାକୁ ନେଇ ୨ ମହିଳାଙ୍କ ମଧ୍ୟରେ ମାରପିଟ ହୋଇଛି। ଜଣେ ମହିଳା ଓ ତାଙ୍କ ପୁଅଙ୍କ ଆକ୍ରମଣରେ ଜଣେ ମହିଳାଙ୍କ ମୁଣ୍ଡ ଫାଟି ଯାଇଛି। ଆକ୍ରମଣର ଶିକାର ମହିଳା ଉକ୍ତ ଗ୍ରାମର ଲାଲ ମୋହନ ମହାନ୍ତଙ୍କ ସ୍ତ୍ରୀ ଭଗବତୀ। ସୂଚନା ଅନୁଯାୟୀ, ଭଗବତୀ ଗାଁ ନଳକୂପକୁ ଗାଧୋଇବାକୁ ଯାଇଥିଲେ। ପିଇବା ପାଣି ପାଇଁ ଉଦ୍ଦିଷ୍ଟ ନଳକୂପରେ ଗାଧୋଇବାକୁ ଗ୍ରାମର ରଥ ପରିଡ଼ାଙ୍କ ସ୍ତ୍ରୀ ସରସ୍ୱତୀ ଗିରି ଓ ତାଙ୍କ ପୁଅ ସୁନିଲ ପରିଡ଼ା ବାରଣ କରିଥିଲେ। ଏ ନେଇ ଯୁକ୍ତିତର୍କ ହୋଇଥିଲା। ଭଗବତୀଙ୍କୁ ସରସ୍ୱତୀ ଏକ ଲୁହା ପାଣି ବାଲଟିରେ ଆକ୍ରମଣ କରିବାରୁ ଭଗବତୀଙ୍କ ମୁଣ୍ଡରେ ୩ଟି ଷ୍ଟିଚ୍ ପଡ଼ିଛି। ଏ ନେଇ ୨ଟି ପୃଥକ ମାମଲା ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି।

# ଶ୍ରୀ ରାଧାମାଧବ ବୁଙ୍ଗିରେ ଭାଗବତ ଜନ୍ମ ଉତ୍ସବ



ଆନନ୍ଦପୁର,୨୦।୯(ଉମେଶ ଚନ୍ଦ୍ର ପାତ୍ର)

କେନ୍ଦୁଝର ଜିଲା ଆନନ୍ଦପୁର ପୌର ପାଳିକା ଅନ୍ତର୍ଗତ ଫକୀରପୁରଠାରେ ଶ୍ରୀଶ୍ରୀ ରାଧାମାଧବ ଭାଗବତ ବୁଙ୍ଗି ଆନୁକୂଲ୍ୟରେ ସପ୍ତାହର ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରଠାରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀ ମହାଭାଗବତ ଗବେଷକ ତଥା ଆଧ୍ୟାତ୍ମିକ ପ୍ରବକ୍ତା ଶିକ୍ଷାବିତ ଉମାକାନ୍ତ ନାୟକଙ୍କ ଦ୍ୱାରା ଏହି ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦାନ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲେ। ପ୍ରବଚନ ଶୁଣିବା ନିମନ୍ତେ ଫକୀରପୁରସ୍ଥିତ ସପ୍ତାହକାରରେ ଜନ ସମାରୋହ ଦେଖିବାକୁ ମିଳିଥିଲା।

# ଫୁଟ୍‌ବଲ ଖେଳାଳିଙ୍କୁ ଉତ୍ସାହିତ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ କରଞ୍ଜିଆପଡ଼ାରେ ଅନୁଷ୍ଠିତ ମା' ତାରିଣୀ କ୍ଲବ୍‌ର ୧୮ତମ ଜାତୀୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେଇ ଶୁଭାରମ୍ଭ କରିବା ସହ ଉପସ୍ଥିତ ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ମହାବୀର କ୍ଲବ୍‌କୁ ହରାଇ ବଡ଼ବିଲର ବମ ବମ ଭୋଲେ କ୍ଲବ୍ ଚାମ୍ପିୟନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜୟୀ ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମ୍ୟାଚ ଅନୁଷ୍ଠିତ ପଡ଼ିଆରେ ଏକ ମିନି ଷ୍ଟାଡ଼ିୟମ ହେବ ବୋଲି ଘୋଷଣା କରିଥିଲେ।


### GOVERNMENT OF ODISHA
### "e"-PROCUREMENT NOTICE
### WORKS DEPARTMENT

No.B-305

E-mail : ceroads.bbsr@gmail.com

**Bid Identification No. CE-Roads-II-03/2024-25**

| | | |
|---|---|---|
| 1 | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below : | |
| 2 | Nature of work | Road works |
| 3 | No. of work | 1 No. |
| 4 | Tender Paper cost | Rs. 10,000.00 |
| 5 | Class of Contractor | Special Class/Super Class |
| 6 | Available of bid document the website | From 10.00 A.M. of 24.09.2024 to 5.30 P.M. of 15.10.2024 |
| 7 | Date of opening of Bid | Dt. 17.10.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | |

OIPR-34111/11/0006/2425

Sd./- Chief Engineer (Roads-II), Odisha

### Tender Notice

BAIF Institute for Sustainable Livelihoods and Development

Invites sealed quotations from reputed vendors for supply, installation & testing of "Solar Insect Trap" in Korba Block, Korba district, Chhattisgarh. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR - 7, CDA, CUTTACK, ODISHA
ORIGINAL APPLICATION NO:- 222 OF 2024

State Bank of India, SARB Cuttack ...Applicant
Versus
M/s. Swastik Enterprises & Others ....Defendants
To
D- 1- M/s. Swastik Enterprises, Proprietor: Sri Sunil Kumar Pradhan, Jagannath Market Complex, Room No.: 5, Phase-2, Angul-759122, State: Odisha.
D- 2- Sri Sunil Kumar Pradhan, S/o.: Muralidhar Pradhan, At: Lingarajjodi, PO.: Hulurisingh, P.S.: Angul, Dist.: Dhenkanal, PIN-759132.
D- 3- Smt. Sujata Pradhan, D/o.: Swapneswar Pradhan, At: Hulurisingha, Angul, Dist.: Angul, PIN-759132.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 222/2024** in the court of the Debts of Recovery Tribunal, Cuttack for recovery of **Rs. 22,00,445/-** Only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **29/10/2024 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 13th day of September 2024.

Sd/- (Nikhila Ranjan Pati)
REGISTRAR
Debts Recovery Tribunal, Cuttack

### OFFICE OF THE RDAC-OMBADC CRECHE MANAGEMENT UNIT

OMBADC

At-Rairangpurgargh (Ward No-7), PO-Rairangpur, Dist-Mayurbhanj, Odisha, Pin-757034,
E-mail-rdacombadc2024@gmail.com

Letter No. : 20 Date : 18.09.2024

**TENDER CALL NOTICE NO. OMBADC-CPPMU-04/2024**

The Director (Planning & Implementation) of RDAC-OMBADC-Creche Programme Management Unit(PMU) invited sealed tender for procurement of **Foodstuff, Consumables, Dress & Footwear** items for 239 creche Centres of 8(Eight) Bahalda, Bijatola, Bisoi, Jamda, Kusumi, Rairangpur, Saraskona and Tiring Blocks/ICDS projects from GST holder Women Self Helps Groups (SHGs / Cooperative Societies / Firms / Suppliers / Companies having PAN/TAN/TIN f. The details of **Foodstuff, Consumables, Dress & Footwear** items and quantity required are given below. The interested parties submit their tender quoting the rates sent by Speed Post / Regd. Post / Dropping box on or before 27.09.2024 5 P.M. in office time before 5 P.M.

| Sl. No. | Material | Specification |
|---|---|---|
| | **Details of Items** | |
| 1 | Morning Snacks | Chhatua and oil (Chhatua provisioned under SNP of ICDS would be used for morning snacks) |
| 2 | Cooked Lunch | (Rice, Dal, Oil and green vegetables) |
| 3 | Evening Snacks | Suji/Maize/Ragi Halwa (Suji/Ragi/Maize provisioned under SNP of ICDS would be used for evening snacks) |
| 4 | Eggs / Bananas / Seasonal fruits | 2 additional eggs/Bananas/Seasonal fruits per week |
| 5 | Transportation of food | As per requirement |
| 6 | Fuel expenses | As per requirement |
| 7 | Hand Washing soap/liquid | As per requirement |
| 8 | Dish washing soap/liquid | As per requirement |
| 9 | Dish washing scrubber | As per requirement |
| 10 | Detergent powder | As per requirement |
| 11 | Rent for creche premises (only if necessary) | As per requirement |
| 12 | ECCD Material and toys | As per requirement |
| 13 | Medicines for first aid box | As per requirement |
| | **Clothes and Footwear Cost** | |
| 1 | Standard Dresses | 2 set normal and 1 set winter wear |
| 2 | Foot wear | 1 per child per year |

Interested parties can submit tender as whole items or partially as per their capacity of supply within 7days on approval of tender. The date of opening of tender will be intimated to party/parties. The authority reserves right to alter and cancelled the Bids.

Sd./-Director (P&I)
RDAC-OMBADC-CPMU
Rairangpur

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No. O-294

E-Mail: sencrwangul@yahoo.co.in, Ph.: 06764-236404

**Tender Call Notice for Building Work in Odisha**
**Bid Identification No. Building Online AGL-09/2024-25**

No. 2409 Dt.19.09.24

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of Work | : | 1 No. |
| 3. | Estimated Cost | : | Rs.175.40 Lakh Approx. |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 18 (Eighteen) Calendar Months |
| 6. | Other Details | | |

| Procurement Officer | Bid Identification No. | Availability of Tender Online for Bidding From | To | Last date & Time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online AGL-09/2024-25 | 25.09.24 at 10.00 A.M. | 09.10.24 upto 5.00 P.M. | 08.10.2024 upto 1.00 P.M. | 14.10.24 at 11.00 A.M. | Will be intimated later on |

(1) For detailed Notice inviting tenders, please visit to the website www.tendersorissa.gov.in.

OIPR-25180/11/0011/2425

Sd./- Chief Engineer, Rural Works Circle, Angul

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

No. O-293

At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com

No. Tender Online RCK-21/24 Letter No. 2895 Dt.19.09.24

**e-Procurement NOTICE**

| | | | |
|---|---|---|---|
| 1. | Name of the Work | : | Repair/Maintenance of Rural Roads Constructed under PMGSY works in the Dist. of Kendrapara-Jajpur. |
| 2. | Total No. of Package | : | 4 (Four) Nos. of Road packages |
| 3. | Estimated Cost | : | 3.40 Crores for 4 (Four) Nos. of Road Packages. |
| 4. | Other Details | | |

| Procurement Officer | Bid Identification No. | Availability of Tender Online for Bidding From | To | Last date & Time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 21/24 | 21.09.2024 at 11.00 A.M. | 05.10.2024 to 5.00 P.M. | 04.10.2024 upto 2.00 P.M. | 07.10.2024 at 11.00 A.M. | Will be intimate later |

Further details can be seen from the website www.pmgsytenders.gov.in.

OIPR-25129/11/0013/2425

Sd./- Chief Construction Engineer
Rural Works Circle, Kendrapara-Jajpur

### ଓଡ଼ିଶା ସରକାର
### ଜଳ ସମ୍ପଦ ବିଭାଗ
### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

No.A-310

ହେଡ୍ ୱାର୍କ୍ସ ଡିଭିଜନ, ସମଲ, ସ୍ଥାନ/ପୋ.ଅ.- ସମଲ ବ୍ୟାରେଜ ଟାଉନସିପ୍, ଜିଲା- ଅନୁଗୁଳ, ଓଡ଼ିଶା, ୭୫୯୦୩୭
ଫୋନ୍-୦୬୭୬୦-୨୨୭୩୧୫, Email ID: ee.hwd.samal@gmail.com
'ଇ' କ୍ରୟ ନୋଟିସ୍ ନଂ.SE HWD-୦୩/୨୦୨୪-୨୫

**ଟେଣ୍ଡର ନିମନ୍ତ୍ରଣ ପତ୍ର**

ଓଡ଼ିଶା ରାଜ୍ୟପାଳଙ୍କ ନାମରେ ଅଧୀକ୍ଷଣ ଯନ୍ତ୍ରୀ, ହେଡ୍ ୱାର୍କ୍ସ ମଣ୍ଡଳ, ସମଲ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଥିବା ଯୋଗ୍ୟତା ଅନୁଯାୟୀ ସିଙ୍ଗିଲ କଭର (Single Cover) ସିଷ୍ଟମରେ ଶତକଡ଼ା ରେଟ ବିଡ୍ (Percentage Rate Bid) ଅନୁଯାୟୀ ଠିକାଦାରମାନଙ୍କ ଠାରୁ ... ଓ ... ଆମନ୍ତ୍ରଣ କରାଯାଉଛି।

| | | |
|---|---|---|
| ୧ | କାର୍ଯ୍ୟର ନାମ | "Repair and Maintenance of D-3/2, D-1/4, D-1/2, D-1/3, D-4/3 and D-15/1 at SBTS." |
| ୨ | ଟେଣ୍ଡର ଆନୁମାନିକ ମୂଲ୍ୟ | [illegible] |
| ୩ | ବିଡ୍ ଡକ୍ୟୁମେଣ୍ଟ ମୂଲ୍ୟ | [illegible] |
| ୪ | ବିଡ୍ ସୁରକ୍ଷା (Bid Security)/ EMD | ଟ.୫,୦୫୦.୦୦ |
| ୫ | ଠିକାଦାରଙ୍କ ଶ୍ରେଣୀ | 'ଡି' ଏବଂ 'ସି' ଶ୍ରେଣୀ |
| ୬ | କାର୍ଯ୍ୟ ସମ୍ପୂର୍ଣ୍ଣ ଅବଧି | ୦୩ ମାସ |
| ୭ | ବିଡ୍ ଡକ୍ୟୁମେଣ୍ଟ (www.tendersodisha.gov.in) | [illegible] |
| ୮ | ବିଡ୍ ଖୋଲିବାର ତାରିଖ, ସମୟ ଓ ସ୍ଥାନ | [illegible] |
| ୯ | [illegible] | [illegible] |
| ୧୦ | ବିଡ଼ିଂ ସିକ୍ୟୁରିଟି ସର୍ଟିଫିକେଟ (ଡି.ଏସ.ସି) | [illegible] |
| ୧୧ | [illegible] | [illegible] |
| ୧୨ | [illegible] | [illegible] gmail.com |

... tendersodisha.gov.in ...

OIPR-32020/11/0003/2425

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ, ହେଡ୍ ୱାର୍କ୍ସ ଡିଭିଜନ, ସମଲ

### ସୁବର୍ଣ୍ଣରେଖା ନଦୀରୁ ଅଜଣା ମୃତଦେହ ଠାବ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ଥାନା ନିଖିରା ପଞ୍ଚାୟତର ପାଳପଡ଼ା ଗ୍ରାମସ୍ଥ ସୁବର୍ଣ୍ଣରେଖା ନଦୀରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ସକାଳେ ଭାସୁଥିବା ଦେଖି ଗ୍ରାମବାସୀ ବାଲିଆପାଳ ଥାନାକୁ ଖବର ଦେଇଥିଲେ। ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ ପହଞ୍ଚି ଏନଡିଆର୍‌ଏଫ୍ ଟିମ୍‌ର ସହାୟତାରେ ମୃତଦେହ ଜବତ କରି ପରିଚୟ ପାଇଁ ବିଭିନ୍ନ ଥାନାକୁ ଫଟୋ ପଠାଇଛନ୍ତି। ଏନେଇ ବାଲିଆପାଳ ଥାନାରେ ଅପମୃତ୍ୟୁ ମାମଲା (ନଂ ୪୪/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ଚିତ୍ରକଳା ପ୍ରତିଯୋଗିତାରେ ସତ୍ୟବ୍ରତ ଜିଲାରେ ପ୍ରଥମ

ବାଲିଆପାଳ, ୨୦।୯(ଅମୂଲ୍ୟ କୁମାର ଦାସ)– ବାଲିଆପାଳ ବ୍ଲକର ବଳରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସତ୍ୟବ୍ରତ ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ଭିତ୍ତି ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ କନିଷ୍ଠ ବିଭାଗର ଚିତ୍ରକଳା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଉତ୍ସବରେ ଅତିଥିମାନେ ସତ୍ୟବ୍ରତଙ୍କୁ ସାର୍ଟିଫିକେଟ୍ ଏବଂ ସିଲ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ସତ୍ୟବ୍ରତ ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ଖବରଦାତା ସ୍ୱର୍ଗତ ପ୍ରଣବ କୁମାର ସାହୁଙ୍କ ଏକମାତ୍ର ପୁଅ। ତାଙ୍କ ଘର ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ଗ୍ରାମରେ।



### ମାସେ ହେଲା ଏନ୍‌ଏସି ନିର୍ବାହୀ ଅଧିକାରୀ ଅନୁପସ୍ଥିତ
## କାରଣ ଦର୍ଶାଅ ନୋଟିସ୍ ଜାରି କଲେ ନଗରପାଳ

ନୀଳଗିରି,୨୦।୯(ପ୍ରଶାନ୍ତ ବିଶ୍ୱାଳ)– ବିନା ଅନୁମତିରେ ନୀଳଗିରି ଏନ୍‌ଏସିର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ଦୀର୍ଘ ୧ମାସ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ନୀଳଗିରି ବିଜ୍ଞାପିତ ପରିଷଦ ଅଧକ୍ଷା ଅମ୍ବିକା ଦାସ ଗତ ୧୯ତାରିଖରେ ଦାସଙ୍କୁ ଚିଠି ଲେଖି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନା ଥାଉକି ଅଧିକାରୀ ଜଣକ ଯୋଗଦାନର କିଛି ଦିନ ଅଫିସରେ ସୁରୁଖୁରୁ ଭାବେ କାମ କରିଆସୁଥିଲେ। ଚଳିତ ରଥଯାତ୍ରା ସମୟରେ ଏନ୍‌ଏସିରେ ବିଭିନ୍ନ ଉନ୍ନତୀକରଣ ନାଁରେ ସରକାରୀ ଅର୍ଥକୁ ଆତ୍ମସାତ୍ କରିଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଖୋଳତାଡ଼ ହୋଇଥିଲା। ଏଥିସହ ଦାସ ଗତ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବିନା ଅନୁମତିରେ ଅନୁପସ୍ଥିତ ରହିଛନ୍ତି। ଏପରିକି ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ମଧ୍ୟ ଅନୁପସ୍ଥିତ ରହିବା ସହରାଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଏଥିସହିତ ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ସହରର ଡ୍ରେନଗୁଡ଼ିକ ମରାମତି ଓ ପରିଷ୍କାର ହୋଇ ନ ଥିବାରୁ ରାସ୍ତା ଉପରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମା ହୋଇରହୁଛି। ଏନ୍‌ଏସିର ୭ନମ୍ବର ୱାର୍ଡ଼ର ରମାକାନ୍ତ ଦାସ ଓ ଅନନ୍ତ ବେହେରାଙ୍କର ଦୀର୍ଘ ୨ମାସ ଧରି ଭତ୍ତା ଅନଲାଇନ୍ ହୋଇପାରୁ ନ ଥିବା ମଧ୍ୟ ଅଭିଯୋଗ ଉଠିଛି। ଏନେଇ ଅଧକ୍ଷା ଅମ୍ବିକା ଦାସ ପିଡିଡବ୍ଲ୍ୟୁର ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ କରିଛନ୍ତି। ଏନେଇ ବାଲେଶ୍ୱର ଜିଲାପାଳ ଓ ନୀଳଗିରି ଉପଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡ଼ିଛି।

## ବାଲେଶ୍ୱର

# ନିର୍ଦ୍ଧାରିତ ସମୟରେ ସରିପାରିଲାନି ବେଗୁନିଆ ମାଇନର କାମ

### ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଠିକାଦାରଙ୍କ ଖାତିର ନାହିଁ

ଖଇରା, ୨୦।୯(ଉତ୍କଳବନ୍ଧୁ ପଣ୍ଡା)

ସାଳନ୍ଦୀ ଡିଭିଜନ ଖଇରା ସବଡିଭିଜନ ବେଗୁନିଆ ମାଇନର ଅଧୀନରେ ବାରପୁର ବଜାରକୁ ସଂଯୋଗ କରୁଥିବା କେନାଲ ପାର୍ଶ୍ୱ ରାସ୍ତା କାମକୁ ଠିକାଦାର ଅସମ୍ପୂର୍ଣ୍ଣ କରି ରଖିଥିବାରୁ ୧୫ରୁ ଉର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଏଭଳିକି ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଠିକାଦାର କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଡ଼ା କେନାଲ ଓ ବାରପୁର କେନାଲର ୭.୫କି.ମି. ରାସ୍ତା ପାଇଁ ପାଖାପାଖି ୪କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅଡ଼ା କେନାଲ ରାସ୍ତା ମାର୍ଚ୍ଚରୁ ଶେଷ ହୋଇ ସାରିଥିବା ବେଳେ ବେଗୁନିଆ ମାଇନର ଅଧୀନରେ ଆସୁଥିବା ଏହି ବାରାପୁର କେନାଲ ରାସ୍ତାକୁ ୩ମାସ ପୂର୍ବରୁ ଅସମ୍ପୂର୍ଣ୍ଣ କରି ଛାଡିଦିଆଯାଇଛି। ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ବିଛାଯାଇଥିଲା ବଡ଼ ବଡ଼ ଚିପ୍ସ, ଏବେ ସାଇକେଲ ମୋଟରସାଇକେଲ ଆରୋହୀଙ୍କ ପାଇଁ ମରଣଯନ୍ତା ପାଲଟିଛି। କଞ୍ଚାମାଲ ଆସିପାରୁ ନ ଥିବା ବାହାନା କରି କାମକୁ ଏଭଳି ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଥିବାରୁ ସାଧାରଣ ଜନତା ଏହି ଡିଭିଜନ ଉପରେ ଆସ୍ଥା ହରାଉଛନ୍ତି। ଗତ ସେପ୍ଟେମ୍ବର ୩ତାରିଖରେ ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ପରିଦର୍ଶନ ପରେ ୩ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଦେଶର ୧୭ଦିନ ଅତିକ୍ରାନ୍ତ କରିଯାଇଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ବିଭାଗୀୟ ଉଦାସୀନତାକୁ ପ୍ରମାଣିତ କରୁଛି। ପୁନଶ୍ଚ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବାଲେଶ୍ୱର ଜିଲାପାଳ ତଥା ଜଳସମ୍ପଦ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଦାବି କରାଯାଇଛି।



ବେଗୁନିଆ ମାଇନର ଅର୍ଦ୍ଧ ନିର୍ମିତ ରାସ୍ତା।

# ନୀଳମଣି କଲେଜରେ ପ୍ରତିଯୋଗିତା ସଭା




ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

### 'ସୁଭଦ୍ରା' ନାରୀ ସଶକ୍ତିକରଣର ସଫଳ ପ୍ରୟାସ

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ନୀଳମଣି ମହାବିଦ୍ୟାଳୟରେ 'ସୁଭଦ୍ରା' ଯୋଜନା ଶୁଭାରମ୍ଭ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ରଙ୍ଗୋଲି ଓ ଫଟୋଗ୍ରାଫି ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧକ୍ଷ ଡ. ତପନ କୁମାର ବେହେରା ଏହି ପ୍ରତିଯୋଗିତା ସଭାକୁ ଉଦ୍‌ଘାଟନ କରି 'ସୁଭଦ୍ରା' ନାରୀ ସଶକ୍ତିକରଣର ଏକ ସଫଳ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ଶମ୍ଭୁନାଥ ଗିରି, ସମ୍ମାନିତ ଅତିଥି ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି, ଡ. ତପନ କୁମାର ଦାସ, ଅଧାପକ ଗୌରାଙ୍ଗ ପଣ୍ଡା, ନୋଡାଲ ଅଫିସର ଅଧାପିକା ରୋଜାଲିନ ସ୍ୱାଇଁ, ଇତିଶ୍ରୀ ମହାନ୍ତ, ରଶ୍ମିତା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ କଲେଜ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଗ୍ରାମାଞ୍ଚଳ ବୁଲିଲେ ବିଶେଷଜ୍ଞ ଦଳ



ବିଶେଷଜ୍ଞ ଦଳ ଗ୍ରାମ ପରିଦର୍ଶନ କରୁଛନ୍ତି।

### ସୁନାମି ପ୍ରସ୍ତୁତି ରିକଗ୍ନିଶନ ପ୍ରୋଗ୍ରାମ

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ସୁନାମୀ ପ୍ରସ୍ତୁତି ରିକଗ୍ନିଶନ ପ୍ରୋଗ୍ରାମ ଅଧୀନ ବାଲେଶ୍ୱର ଜିଲାର ୪ଟି ଗାଁକୁ ଜାତୀୟ ସୁନାମୀ ପ୍ରସ୍ତୁତି ବୋର୍ଡ଼ (ଏନ୍‌ଟିଆର୍‌ବି) ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ବିଶେଷଜ୍ଞ ଦଳ ଦୁଇଦିନିଆ ଗସ୍ତ କରିଛନ୍ତି। ବିଶେଷଜ୍ଞ ଦଳ ଏହି ଗସ୍ତ କରି ସୁନାମୀ ପ୍ରସ୍ତୁତିରେ ସମୀକ୍ଷା କରିବା ସହ ଏବଂ ସ୍ଥାନୀୟ ସମୁଦାୟଙ୍କ ସହ ଯୋଗାଯୋଗ କରିଥିଲେ। ଭ୍ରମଣକାରୀ ଦଳରେ ହାଇଦ୍ରାବାଦର ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ଓସେନ ଇନଫରମେଶନ ସର୍ଭିସେସ୍ (ଆଇଏନସିଓଆଇଏସ)ର ବରିଷ୍ଠ ବୈଜ୍ଞାନିକ ଡ. ମହେନ୍ଦ୍ର ଏବଂ ଡ. ସୁନନ୍ଦାଙ୍କ ସମେତ ଓଏସ୍‌ଡିଏମ୍‌ଏର ଡ. ଆରଣ୍ୟକ ମିଶ୍ର ଏବଂ ଡ. ରାକେଶ ଠାକୁର ଉପସ୍ଥିତ ଥିଲେ। ସଦର ବ୍ଲକର ଜୟଦେବକସବା, ବାହାନଗା ବ୍ଲକର ଜଗନ୍ନାଥପୁର, ଭୋଗରାଇ ବ୍ଲକର ସାହାପୁର ଓ କନ୍ୟାନଗରୀ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶେଷଜ୍ଞମାନେ ସ୍ଥାନୀୟ ବାସିନ୍ଦା, ସ୍କୁଲ ଛାତ୍ରୀଛାତ୍ର, ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀଙ୍କ ସହିତ ଆଲୋଚନା କରିଥିଲେ। ଏହି ମତବିନିମୟ କାର୍ଯ୍ୟକ୍ରମରେ ସୁନାମୀ ସମୟରେ ଜୀବନହାନିକୁ ହ୍ରାସ କରିବା ଏବଂ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ଏହି ଟିମ୍ ଓଡ୍ରାଫ୍, ଅଗ୍ନିଶମ ସେବା, ସ୍ଥାନୀୟ ବାସିନ୍ଦା, ଛାତ୍ରୀଛାତ୍ର ଏବଂ ଡାକ୍ତରୀ ଦଳଙ୍କ ସହଯୋଗରେ ମକ୍‌ଡ୍ରିଲ୍ କରି ସମ୍ଭାବ୍ୟ ସୁନାମୀ ପାଇଁ ଗାଁଗୁଡ଼ିକର ପ୍ରସ୍ତୁତିରେ ଆକଳନ କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର, ବିଡିଓ, ଜିଲା ଜରୁରୀକାଳୀନ ଅଧିକାରୀ, ପୋଲିସ ଏବଂ ଡାକ୍ତରୀ ଦଳଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବ୍ୟାଙ୍କ ଆଗରେ ସୁଭଦ୍ରା ପାଇଁ ଭିଡ଼: ଠେଲାପେଲା ଓ ମାଡ଼

ଭୋଗରାଇ, ୨୦।୯(ପ୍ରଦୀପ ଦାସ)– ସୁଭଦ୍ରା ପାଇଁ ବାଲେଶ୍ୱର ଜିଲା ଭୋଗରାଇ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ନାହିଁ ନ ଥିବା ଭିଡ଼। ପ୍ରାୟ ୫ ଦିନ ହେବ ଏଭଳି ଭିଡ଼ ଜମୁଥିବାରୁ ଅନେକ ମହିଳା କେୱାଇସି ଅପଡେଟ କରି ନ ପାରି ଫେରି ଯାଉଛନ୍ତି। ପ୍ରଚଣ୍ଡ ଖରା ଓ ତାତିରେ ବହୁ ଗ୍ରାହକ ଚେତା ହରାଉଛନ୍ତି। ବ୍ୟାଙ୍କ କର୍ମଚାରୀ ଶୃଙ୍ଖଳାର ସହିତ କାର୍ଯ୍ୟରେ ନିୟୋଜିତ ଥିଲା ବେଳେ ଦୀର୍ଘ ସମୟ ଗରମରେ ବ୍ୟାଙ୍କ ପରିସରରେ ଛିଡା ହୋଇ ଲୋକେ ଅତିଷ୍ଠ ହୋଇ ବ୍ୟାଙ୍କ କର୍ମଚାରୀଙ୍କୁ ଠେଲାପେଲା କରି ମାଡ଼ ମାରିବାକୁ ମଧ୍ୟ ପଛାଉନାହାନ୍ତି। ଚନ୍ଦନେଶ୍ୱର ଷ୍ଟେଟବ୍ୟାଙ୍କରେ ଏଭଳି ଘଟଣା ଘଟିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ ହୋଇ ପୋଲିସକୁ ଖବର ଦେଇଥିଲେ। ତାଳସାରୀ ସାମୁଦ୍ରିକ ଥାନା ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକଙ୍କ ଅସ୍ଥିରତା ଆଗରେ ପୋଲିସ ମଧ୍ୟ ନାକେଦମ ହେଉଥିବା ଦେଖିବାକୁ ମିଳିଛି।

# ଏଫ୍‌ଏମ୍‌ୟୁରେ ନିଶାମୁକ୍ତ ଭାରତ ଅଭିଯାନ



ନିଶାମୁକ୍ତ ଅଭିଯାନରେ ସାମିଲ ଛାତ୍ରୀଛାତ୍ର ଓ ଗ୍ରାମବାସୀ।

### ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ର ସମାଜସେବା ବିଭାଗ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସ୍ଥାନୀୟ ବାଲଗୋପାଳପୁର, ରସଲପୁର ଓ ମର୍ଦ୍ଦରାଜପୁରଠାରେ ବିଭାଗୀୟ ଅଧାପିକା ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଓ ନିଶାମୁକ୍ତ ଭାରତ ଗଠନରେ ସହଯୋଗ କରିବା ପାଇଁ ଶପଥପାଠ କରାଇଥିଲେ। ନିଶାସେବନକୁ ବର୍ଜନ କରିବା ଓ ଯୁବବର୍ଗଙ୍କୁ କୁପ୍ରଭାବ ସମ୍ବନ୍ଧୀୟ ସୂଚନା ପତ୍ରିକା ବଣ୍ଟନ କରାଯାଇଥିଲା। ଏହି ଅଭିଯାନରେ ସ୍ଲୋଗାନ ବାରିକ, ସୁନୀତା, ଜୟା ଓ ଶୁଭସ୍ମିତା ପ୍ରମୁଖ ସାମିଲ ହୋଇଥିଲେ।

### ବ୍ରାଉନ୍‌ସୁଗାର ସହ ୨ ଯୁବକଙ୍କୁ ପୋଲିସ ଛାଡ଼ି ଦେବା ଘଟଣା

# ଥାନାଧିକାରୀଙ୍କ ବଦଳି ଦାବିରେ ବିକ୍ଷୋଭ

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନାରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ଥାନାଧିକାରୀଙ୍କ ଖାମଖିଆଲି କାର୍ଯ୍ୟକୁ ବିରୋଧ କରାଯାଇଛି। ଥାନାଧିକାରୀଙ୍କ ବଦଳି ଦାବି କରି ଗାଁ ଲୋକେ ଥାନା ଆଗରେ ବିକ୍ଷୋଭ କରିଥିଲେ। ବସ୍ତା ଏସ୍‌ଡିପିଓ ଅରୁଣ କୁମାର ସାହୁ ପହଞ୍ଚି ଗାଁ ଲୋକଙ୍କ ଅଭିଯୋଗ ମୁତାବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଥାନା ଅଧୀନ ବଗଦା ମାର୍କେଟ୍ ଛକରୁ ଗୁରୁବାର ବ୍ରାଉନସୁଗାର ନେଇ ଯାଉଥିବା ବେଳେ ୨ଜଣ ଯୁବକଙ୍କୁ ଗାଁଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର ପାଣି କର୍ମଚାରୀଙ୍କ ସହ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲେ। ରାତିରେ ଉକ୍ତ ଯୁବକଦ୍ୱୟଙ୍କୁ ପୋଲିସ ଛାଡ଼ିଦେବାରୁ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଶୁକ୍ରବାର ଗାଁଲୋକେ ଥାନାରେ ପହଞ୍ଚି ହୋ-ହଲ୍ଲା କରିଥିଲେ। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବସ୍ତା ଏସ୍‌ଡିପିଓ ସାହୁ, ଆଇଆଇସି ଗୋବିନ୍ଦ ବେହେରା, ରୂପସା ଥାନା ଅଧିକାରୀ ସଚ୍ଚିଦାନନ୍ଦ ଗିରି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ପ୍ରଶାନ୍ତ କୁମାର ପାଣି କହିଛନ୍ତି, ଉକ୍ତ ଯୁବକଦ୍ୱୟଙ୍କ ପାଖରେ ବ୍ରାଉନସୁଗାର ନ ଥିଲା। ତେଣୁ ତାଙ୍କୁ ଛାଡିଦିଆଯାଇଛି। ଶୁକ୍ରବାର ଘଟଣା ସମ୍ପର୍କରେ ବୁଝିବା ପାଇଁ ଉଭୟଙ୍କୁ ଥାନାକୁ ଡକାଯାଇ ଛାଡିଦିଆଯାଇଥିଲା।



ଥାନା ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

# ପାଣି ପାଇଁ ରାସ୍ତା ଅବରୋଧ



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁକ୍ରବାର ଆସିଛନ୍ତି। ଗସ୍ତ ଅବସରରେ କେନ୍ଦୁଝର ସହର ଉପକଣ୍ଠ ବାମ୍ପାର ଗ୍ରାମବାସୀ ପାନୀୟଜଳ ପାଇଁ କେନ୍ଦୁଝର-ପାଟଣା ରାସ୍ତାକୁ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ସାଧାରଣତଃ କେନ୍ଦୁଝର ସହର ଓ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଶୁଷ୍କ ଅଞ୍ଚଳ ଭାବେ ଜଣାଶୁଣା। ଏଠାରେ ଗଭୀର ନଳକୂପ ଖୋଳିଲେ ମଧ୍ୟ ପାନୀୟ ଜଳ ଟିକେ ପାଇବା କଷ୍ଟକର। ସରକାରୀସ୍ତରରେ ମଧ୍ୟ ଜିଲା ଜଳ ଯୋଗାଣ ବିଭାଗ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଆବେଦନ କରାଯାଇଥିଲେ ହେଁ କୌଣସି ବ୍ୟବସ୍ଥା ନ କରିବା ଅତ୍ୟନ୍ତ ଦୁଃଖଦାୟକ। ଏହାର ପ୍ରତିବାଦରେ ବାମ୍ପାର ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି।

# ବାଇକ ଧକ୍କାରେ ଛାତ୍ରଙ୍କ ହାତ ଭାଙ୍ଗିଲା

ଖଇରା, ୨୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା କଲେଜ ରାସ୍ତାରେ ଚାଲି ଚାଲି ଟ୍ୟୁଶନ ଯାଉଥିବା ଜଣେ ଛାତ୍ରଙ୍କୁ ଅଜଣା ବାଇକ ଧକ୍କା ଦେବାରୁ ଛାତ୍ରଙ୍କ ଡାହାଣ ହାତ ଭାଙ୍ଗି ଯାଇଛି । ଉକ୍ତ ବାଇକ ଆରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ର ଜଣକ ଥାନାରେ ଆଶ୍ରୟ ନେଇଛନ୍ତି । ଥାନାରେ ଦେଇଥିବା ଲିଖିତ ଅଭିଯୋଗରେ ବାଇକ ଭୁଲ୍ ରାସ୍ତାରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ।

# ସମସ୍ୟା ସୁଧାର ଦାବିରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ



ରେମୁଣା କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

ରେମୁଣା, ୨୦।୯(ରବୀନ୍ଦ୍ର ମହାକୁଡ଼)

ବିଭିନ୍ନ ସମସ୍ୟାର ସୁଧାର ଦାବିରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ରେମୁଣା ମନ୍ଦିର ଛକଠାରେ ରାସ୍ତାରୋକୋ କରାଯାଇଥିଲା। ବାଲେଶ୍ୱର-ବଇଞ୍ଚା ରାସ୍ତାର ରେମୁଣା ଗୋଲେଇଠାରୁ ରେମୁଣା ବଜାର ମଝି ପର୍ଯ୍ୟନ୍ତ ରାସ୍ତା ଉପରୁ ବିଦ୍ୟୁତଖୁଣ୍ଟ ହଟାଯିବା, ଫକୀରମୋହନ ହସ୍ପିଟାଲ ମୁଖ୍ୟ ସଡ଼କରୁ ନିର୍ମାଣାଧୀନ ଫାଟକ ପର୍ଯ୍ୟନ୍ତ ରାସ୍ତା ଠିକ୍ କରାଯିବା, ରୋଗୀମାନଙ୍କୁ ଆବଶ୍ୟକ ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ଆଦି ଦାବି ଅନ୍ତର୍ଭୁକ୍ତ। ଏସବୁ ସମସ୍ୟା ନେଇ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ରେମୁଣା ମନ୍ଦିର ଛକଠାରେ ୨ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗମନା ଗମନ ବାଧାପ୍ରାପ୍ତ ହୋଇଥିଲା। ରେମୁଣା ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ତୁରନ୍ତ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦୁର୍ଗା ପୂଜା ପୂର୍ବରୁ ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଆନ୍ଦୋଳନରେ ତରୁଣ ଦାସ, କହ୍ନେଇ ଚରଣ ବେହେରା, ଶ୍ରୀକାନ୍ତ ପତି, କୁମୁଦିନୀ ଦାସ, ବିକାଶ କୁମାର ଦାସ, ପ୍ରଭାକର ମହାପାତ୍ର, ସୁବ୍ରତ ରାଉଳ, ଏସ୍ ଅବିନାଶ ରାଉଳ, ରାଜେନ୍ଦ୍ର ପାତ୍ର, ଅଜୟ କୁମାର ଜେନା, ରଘୁନାଥ ଦାସ, ଦୀପକ କୁମାର କାନୁନ୍‌ଗୋ, ସୌଦାମିନୀ ଜେନା, ରତ୍ନାକର ଭୁକ୍ତା, ସିସ୍ମାରାଣୀ ସିଂହ, ବାସନ୍ତୀ ଜେନା, ମନ୍ଦାକିନୀ ଜେନା, ଜୟରାମ ମହାପାତ୍ର, ହରେନ୍ଦ୍ର ମହାଳିକ, ଚିରଞ୍ଜୀବୀ ବେହେରା, ବିଜୁଳି ଜେନା, ପ୍ରଶାନ୍ତ କୁମାର ପଢ଼ିଆରି, ଜଗନ୍ନାଥ ନାୟକ ଓ ଏସ୍‌କେ ଆଲାଉଦ୍ଦିନ ପ୍ରମୁଖ ସାମିଲ ଥିଲେ।

# ବ୍ଲକ ସ୍ତରୀୟ ଡିଜିଟାଲ ଫସଲ ସଚେତନତା ଅଭିଯାନ

ଜଳେଶ୍ୱର, ୨୦।୯ (ରବିନାରାୟଣ ପାତ୍ର)

- ଜଳେଶ୍ୱରରେ ଅଛି ୧ଲକ୍ଷ ୯୫ହଜାର ଚାଷଜମି ପ୍ଲଟ
- ଡିଜିଟାଇଜେଶନ ଦ୍ୱାରା କୃଷକ ଉପକୃତ ହେବେ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ପ୍ରତି ବ୍ଲକର ଥିବା ଚାଷୀ, କୃଷି ଜମି, କେତେ ପ୍ରକାରର ଚାଷ, କୃଷି ସୂଚନା ଆଦି ସମ୍ପର୍କରେ ସମସ୍ତ ତଥ୍ୟ ରହିବାର ବ୍ୟବସ୍ଥା ହୋଇଛି । ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ (ଆତ୍ମା) ପରିସରରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କିତ ସଚେତନତା ଶିବିର ଓ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଜଳେଶ୍ୱର କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ସୂଚନା ପ୍ରଦାନ କରିଥିବା ବେଳେ ତହସିଲଦାର ସତ୍ୟଜିତ୍ ମହାନ୍ତି ବହୁ ଚାଷୀ ସରକାରଙ୍କ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ସଚେତନ କରାଇବା ଲାଗି ଏପରି ଶିବିରର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜଳେଶ୍ୱରରେ ମୋଟ ୧ଲକ୍ଷ ୯୫ହଜାର ଚାଷଜମି ପ୍ଲଟ ଥିବା ବେଳେ ଅଦ୍ୟାବଧି ୪୨ପ୍ରତିଶତ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଗ୍ରାମାଞ୍ଚଳର କୃଷକମାନଙ୍କୁ କୃଷି ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିମାନେ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଥିଲା । ବିଧାୟକ ଅଶ୍ୱନୀ ପାତ୍ର, ଏମ୍‌ପି ପ୍ରତିନିଧି ବ୍ରଜମୋହନ ପ୍ରଧାନ, ଜିଲାପରିଷଦ ଉପାଧକ୍ଷା ଅନସୂୟା ପ୍ରଧାନ, ବ୍ଲକ ଉପଧକ୍ଷା ସଞ୍ଜିତା ସେନାପତି, ଅତିରିକ୍ତ ତହସିଲଦାର ଅଭୟ ସ୍ୱାଇଁ, ଗୋଷ୍ଠୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା



ଢେଙ୍କିକୋଟ,୨୦।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରିସରରେ ଶୁକ୍ରବାର ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା କେନ୍ଦୁଝର ଦ୍ୱାରା ଆୟୋଜିତ ପ୍ରତିଯୋଗିତା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, ଏଥିରେ ଘଟଗାଁ ଜିଲା ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରିଷ୍ଠ, କନିଷ୍ଠ ଏବଂ ଉପକନିଷ୍ଠ ବିଭାଗରେ ୧୩୮ ଜଣ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିବେଚିତ ମୋଟ ୧୦ ଜଣ ପୁରସ୍କୃତ କରାଯାଇଥିଲା। ପରେ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାପୀଠ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘଟଗାଁ ବିଡିଓ ଭାଗବତ ପ୍ରସାଦ ମହାପାତ୍ର, ମୁଖ୍ୟ ବକ୍ତାଭାବେ ଘଟଗାଁ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ତୋପଧନ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବେଣୁଧର ଆଚାର୍ଯ୍ୟ ଏବଂ ସଞ୍ଜୟ ପଲେଇ ଯୋଗଦେଇ ବିଜେତାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ରୋହିତ ବେହେରା ପରିଚାଳନା କରିଥିଲେ। ବେଣୁଧର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଶୋଇଙ୍କ ଘରେ ଚଢ଼ାଉ

# ଶଳାଙ୍କ ଘରୁ ୪୬.୪୫ ଲକ୍ଷ ଜବତ

### ଭିଜିଲାନ୍ସ ସ୍କାନରରେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ କେନ୍ଦୁଝର (ଦୀପକ ମିଶ୍ର)/ ବାଲେଶ୍ୱର (ବାଞ୍ଛାନିଧି ଦେ), ୨୦।୯

ଭିଜିଲାନ୍ସ ସ୍କାନରରେ ରହିଛନ୍ତି ଆଉ ଜଣେ କୋଟିପତି ଯନ୍ତ୍ରୀ। ସେ ହେଲେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମଣ୍ଡଳର ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ହରିହରଙ୍କ ଘର ସମେତ ବାଲେଶ୍ୱର, ଭୁବନେଶ୍ୱର, କେନ୍ଦୁଝର ଓ ବ୍ରହ୍ମପୁରର ୧୦ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ରହିଛି ବ୍ରହ୍ମପୁରସ୍ଥିତ ହରିହରଙ୍କ ଶଳାଙ୍କ ଘର, ଯେଉଁଠି ଭିଜିଲାନ୍ସ ଟିମ୍ ପାଇଛି ୪୬. ୪୫ ଲକ୍ଷ ଟଙ୍କା। ବ୍ରହ୍ମପୁର ଜେଲରେ ଡାକ୍ତର ଥିବା ହରିହରଙ୍କ ଶଳାଙ୍କ ଘରେ ଏତେ ପରିମାଣର ଟଙ୍କା କେଉଁଠି ଆସିଲା ସେନେଇ ଭିଜିଲାନ୍ସ ଟିମ୍ ତଦନ୍ତ ଜାରି ରଖିଛି।

ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ହରିହରଙ୍କ ଫୁଲବାଣୀସ୍ଥିତ ପୈତୃକ ଘର, କେନ୍ଦୁଝର ଜିଲା ଆର୍‌ଡବ୍ଲ୍ୟୁ ସର୍କଲର ଅଫିସ ଚାମ୍ବର, କେନ୍ଦୁଝର ଆର୍‌ଡବ୍ଲ୍ୟୁ କ୍ୟାମ୍ପସସ୍ଥିତ ସରକାରୀ କ୍ୱାର୍ଟର୍ସ, ବଳଦେବଜୀଉ କଲୋନୀସ୍ଥିତ ସହଯୋଗୀ ଠିକାଦାରଙ୍କ ଘର,



ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓଙ୍କ ଶଳାଙ୍କ ଘରୁ ଜବତ ଟଙ୍କା।

- ୨ କୋଠା, ୩ ଫ୍ଲାଟ୍, ୫ ପ୍ଲଟ୍, ଅଧକେଜି ସୁନା ଠାବ
- ୨.୧ କୋଟି ଜମା, ଷ୍ଟକ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ୧.୩୨ କୋଟି ନିବେଶ

ବାଲେଶ୍ୱର ଆର୍‌ଡବ୍ଲ୍ୟୁ ସର୍କଲ ଅଫିସ ଚାମ୍ବର, ବ୍ରହ୍ମପୁର ତୁଳସୀ ନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଶାନ୍ତିନଗରସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆରମ୍ଭ ହୋଇଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୧୧ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଅଧିକାରୀମାନେ ହରିହରଙ୍କ ବିପୁଳ ସମ୍ପତ୍ତି ପାଇଥିବା ଜଣାପଡ଼ିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ହରିହରଙ୍କ ବ୍ରହ୍ମପୁର ଭବାନୀପୁରସ୍ଥିତ ପ୍ଲଟ୍ ନଂ. ୪୫୯୨ରେ ୨୧୦୦ ବର୍ଗଫୁଟରେ ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ପାତ୍ରପଡାରେ





ମୁଖ୍ୟଯନ୍ତ୍ରୀ ଏନ୍. ଭି. ହରିହର ରାଓ ଏବଂ ବ୍ରହ୍ମପୁରରେ ଠାବ ହୋଇଥିବା କୋଠା।

ପ୍ଲଟ୍ ନଂ. ୨୮୪ରେ ୩ ହଜାର ବର୍ଗଫୁଟରେ ଗୋଟିଏ କୋଠା, ବ୍ରହ୍ମପୁର ବୈଦ୍ୟନାଥପୁରସ୍ଥିତ ସ୍ୱେକ୍ସମ୍ ଗ୍ରୀନ୍ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ (ନଂ.୨୦୫) ଠାବ ହୋଇଛି। ସେହିପରି ବୈଦ୍ୟନାଥପୁରସ୍ଥିତ ସ୍ୱସ୍ତିକ ଆପାର୍ଟମେଣ୍ଟରେ ଗୋଟିଏ ଓ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଓର୍କିଡ୍ ରେସିଡେନ୍ସି ଆପାର୍ଟମେଣ୍ଟରେ ଗୋଟିଏ ବେନାମି ଫ୍ଲାଟ୍ ଠାବ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ୩, ବ୍ରହ୍ମପୁରରେ ଗୋଟିଏ ଓ ଗଞ୍ଜାମ ବଡଗୁମୁଳରେ ଗୋଟିଏକୁ ମିଶାଇ ମୋଟ୍ ୫ଟି ବହୁମୂଲ୍ୟ ଜମିବାଡି ପ୍ଲଟ୍ ଠାବ ହୋଇଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ଏଥିସହ ହରିହରଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୨.୧୦ କୋଟି, ଷ୍ଟକ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ୧.୩୨ କୋଟି ଥିବା ଭିଜିଲାନ୍ସ କହିଛି। ସେହିପରି ହରିହରଙ୍କ ଘରୁ ୫୧୦ ଗ୍ରାମର ସୁନା ଓ ୩୦୦ ଗ୍ରାମର ରୁପା ଅଳଙ୍କାର ସହ ଗୋଟିଏ ଚାରିଚକିଆ ଯାନ ଏବଂ ଗୋଟିଏ ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ହରିହରଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୩ ମାସରେ ହରିହରଙ୍କ ସମେତ ୫ଜଣ ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଧରାପଡ଼ିଲେଣି।

# ପୁରୁଷଶୂନ୍ୟ ଗୋଡ଼ିପୋଖରୀ

### ପତାକା କାଢ଼ିବାକୁ ନେଇ ସଂଘବଦ୍ଧ ଆକ୍ରମଣ ଘଟଣା: ଆଉ ୪ ଗିରଫ

ଭଦ୍ରକ,୨୦।୯(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ବୟାଙ୍ଗଡିହି ପଞ୍ଚାୟତର ଗୋଡ଼ିପୋଖରୀ ବଜାରରେ ମହମ୍ମଦ ଜୟନ୍ତୀରେ ଲାଗିଥିବା ପତାକା କାଢ଼ିଦେବାକୁ ନେଇ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଆଉ ୪ ଜଣଙ୍କୁ ଗୁରୁବାର ରାତିରେ ଗିରଫ କରିଛି। ସେମାନେ ହେଲେ ଗୋଡ଼ିପୋଖରୀର ମୀରୱାସିମ୍ ଆକମର୍, ନୁର୍ ଚାନ୍ଦ, ମୀର ଗ୍ୟାସୋଦିନ୍ ଓ ଅକ୍ତର୍ ସାହା। ପୂର୍ବରୁ ଏହି ମାମଲାରେ ୩ଜଣ ଶେଖ୍ ଅବଦୁଲ, ଶେଖ୍ ଅବୁବକର ଓ ଶେଖ୍ ନିଜାମୁଦିନ୍‌ଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୭ଜଣ ଗିରଫ ହୋଇଥିବା ଧୁଷୁରୀ ଭାରପ୍ରାପ୍ତ ଥାନାଧିକାରୀ ଶାନ୍ତନୁ ଜେନା କହିଛନ୍ତି। ଗୁରୁବାର ଅପରାହ୍ଣରୁ ଜାରି ହୋଇଥିବା ୧୬୩ ଧାରା ବଳବତ୍ତର ରହିଥିବାରୁ ସମ୍ପୃକ୍ତ ଅଞ୍ଚଳରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ମଦ୍ରାସା ବନ୍ଦ ରହିଛି। ଗିରଫ ଭୟରେ ଗୋଡ଼ିପୋଖରୀ ଅଞ୍ଚଳ ପୁରୁଷଶୂନ୍ୟ ହୋଇଛି।

ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଶୁକ୍ରବାର ଅପରାହ୍ଣରେ ଧାମନଗର ବ୍ଲକ ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମନୋଜ ପାତ୍ର, ବିଡିଓ ବନବିହାରୀ ଦିନ୍ଦା, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତହସିଲଦାର ଦୀପକ ଦାସ, ଧୁଷୁରୀ ଭାରପ୍ରାପ୍ତ ଥାନାଧିକାରୀ ଜେନା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ମନ୍ତ୍ରୀଙ୍କ ପ୍ରତିନିଧି ଦୀପ୍ତିରଞ୍ଜନ ଜେନାଙ୍କ ସହ ଲୋକପ୍ରତିନିଧିମାନେ ଯୋଗଦେଇ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଥିଲା। ଅପରପକ୍ଷେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଧୁଷୁରୀ ଥାନାଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଓ ଏସ୍‌ଡିପିଓ ଉପସ୍ଥିତ ରହି ନଜର ରଖିଛନ୍ତି।



ଶାନ୍ତି କମିଟି ବୈଠକରେ ଉପଜିଲାପାଳ ମନୋଜ ପାତ୍ରଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

# ଦୁଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

### ଭୁବନେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ମାମଲା

ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ୍‌ର ହାଇଟେକ୍ ପ୍ଲାଜା ନିକଟରେ ୨ବର୍ଷ ତଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଏହି ମାମଲା ରାୟ ଶୁକ୍ରବାର ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ଥିବା ଯାଜପୁର ଜିଲା ନୂଆ କାଳିଆପାଣି ଅଞ୍ଚଳର ରାଜା ଓରଫ ଦୀପକ କୁମାର ନାୟକ ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଅଞ୍ଚଳର ଉମେଶ ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ସେମାନେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ବନ୍ଦନା କର ତାଙ୍କ ରାୟରେ ଉଲ୍ଲେଖ କହିଛନ୍ତି।

ମାମଲା ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ୨୭ ସନ୍ଧ୍ୟାରେ ଏକ କାର୍‌ରେ ଅଭିଯୁକ୍ତଦ୍ୱୟ ଜଟଣୀରୁ ସୁନ୍ଦରପଦା ଆଡ଼େ ବ୍ରାଉନସୁଗାର ଆଣୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ପରେ ଏସ୍‌ଟିଏଫ୍ ଓ ଏୟାରଫିଲ୍ଡ ଥାନା ପୋଲିସର ଏକ ମିଳିତ ଟିମ୍ ଜଟଣୀ-ସୁନ୍ଦରପଦା ରାସ୍ତାରେ ଉକ୍ତ କାର୍‌କୁ ପିଛା କରିଥିଲା। ସେହି କାର୍‌ଟି ଏକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ଅଭିଯୁକ୍ତ ଦୀପକ ଖସି ପଳାଇଥିଲେ। ହେଲେ ଉମେଶ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଏସ୍‌ଟିଏଫ୍ ଟିମ୍ ହାତରେ ଧରାପଡ଼ିଥିଲେ। କାର୍ ଯାଞ୍ଚ କରିବାରୁ ୧ କେଜି ୫୦ ଗ୍ରାମର ବ୍ରାଉନସୁଗାର ମିଳିଥିଲା। ପରେ ଉମେଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ତେବେ ଦୁଇଦିନ ପରେ ଦୀପକଙ୍କୁ ଗିରଫ କରାଯାଇଥିଲା। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୯/୨୦୨୨) ରୁଜୁ ତଦନ୍ତ କରିଥିଲା। ମାମଲାର ବିଚାର ସମୟରେ କୋର୍ଟ ୧୦ ଜଣଙ୍କ ସାକ୍ଷ୍ୟ ଓ ୨୩ଟି ପ୍ରଜ୍ଞାପ୍ୟ ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ଶୁଣାଇଛନ୍ତି। ସ୍ପେଶାଲ ପ୍ରସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ଚୋରି: ଘରୋଇ ସହାୟିକା ଗିରଫ

ଭୁବନେଶ୍ୱର,୨୦।୯(ସତ୍ୟଜିତ୍ ରାଉତ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ ଅଞ୍ଚଳରେ ରହୁଥିବା ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ସୁନା ଅଳଙ୍କାର ଚୋରି କରିଥିବା ଘରୋଇ ସହାୟିକାଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଖଣ୍ଡିଆପାର୍କ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ତାରାସିଂ ଥାନା ଅନ୍ତର୍ଗତ କଳିଙ୍ଗପଦର ଅଞ୍ଚଳର ସୁଭଦ୍ରା ନାଏକ (୨୮)। ତାଙ୍କଠାରୁ ୩ଟି ସୁନା ଲକେଟ ଓ ଗୋଟିଏ ସୁନା ମଙ୍ଗଳସୂତ୍ର ଜବତ ହୋଇଛି। କୋର୍ଟଚାଲାଣ ପରେ ସୁଭଦ୍ରାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପ୍ଟେମ୍ବର ୧୨ ମଧ୍ୟାହ୍ନରେ ଏହି ଘଟଣା ଘଟିଥିଲା। ଏ ନେଇ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ସ୍ତ୍ରୀ ଜନ୍ ନାୟକ ଥାନାରେ ଅଭିଯୋଗ କରିଥିଲେ।

# ଯବାନଙ୍କ ଦ୍ୱାରା ବିସ୍ଫୋରକ ଜବତ

ମାଲକାନଗିରି/ କାଲିମେଲା, ୨୦।୯ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ବଡିଗେଟା ୧୪୨ ବିଏସ୍‌ଏଫ୍ ବାହିନୀ ତରଫରୁ ଶୁକ୍ରବାର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, କାଲିମେଲା ବ୍ଲକ ଗୋମ୍ପାକୋଣ୍ଡା ଜଳସେଚିତ ଅଞ୍ଚଳ ନିକଟ ଭେଜାଙ୍ଗିବାଡ଼ା ସଂରକ୍ଷିତ ଜଙ୍ଗଲରେ ୧୪୨ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ କୋମ୍ବିଂ କରୁଥିବା ସମୟରେ ବଡିଗେଟା ଗ୍ରାମ ନିକଟ ଗୋମ୍ପାକୋଣ୍ଡା ଜଳସେଚିତ କେନାଲ ଚାରକୋଣ୍ଡାଲ କେନାଲ ପୋଲ ପାଖରେ ଥିବା ଦୁଇଟି ଯାଆଁଳ ଗଛ ପାଖରେ ମାଓବାଦୀ ସାମଗ୍ରୀ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଅଞ୍ଚଳ ସର୍ଚ୍ଚକରି ସେଠାରୁ ଗୋଟିଏ ଷ୍ଟିଲ ଟିଫିନ୍ ଆଇଇଡି, ଗୋଟିଏ ଡିଟୋନେଟର ଓ ତାର ଜବତ କରିଛନ୍ତି। ଏହି ସାମଗ୍ରୀଗୁଡ଼ିକ ମାଓବାଦୀମାନେ ଯବାନଙ୍କୁ ଓ ପୋଲିସକୁ ଲକ୍ଷ୍ୟକରି ମାଟି ତଳେ ପୋତି ରଖିଥିବା ଯବାନମାନେ କହିଛନ୍ତି। ତେବେ ଟିଫିନ୍ ବୋମାକୁ ଯବାନମାନେ ନିଷ୍କ୍ରିୟ କରିଥିବା ସୂଚନା ଦେଇଛନ୍ତି।

# କୋଜେଣ୍ଟ ଷ୍ଟିଲ କାରଖାନାରେ ଜିଏସ୍‌ଟି ଚଢ଼ାଉ

କୁଆଁରମୁଣ୍ଡା,୨୦।୯ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲୋଡୋସେରାଠାରେ ଥିବା କୋଜେଣ୍ଟ ଷ୍ଟିଲ କାରଖାନାରେ ଶୁକ୍ରବାର ଜିଏସ୍‌ଟି ବିଭାଗର ୭ ଜଣିଆ ଟିମ୍ ପୋଲିସ ଫୋର୍ସ ସହ ଅତର୍କିତ ଚଢ଼ାଉ କରିଛନ୍ତି। କାରଖାନାର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସିଜ କରାଯାଇଛି। ଏହି କାରଖାନା ଦୀର୍ଘ ବର୍ଷ ହେଲା ଜିଏସ୍‌ଟି ଫାଙ୍କି ଆସୁଥିଲା। ଏହାକୁ ଭିତ୍ତିକରି ଝାରସୁଗୁଡ଼ା ସିଟି ଜିଏସ୍‌ଟି ସହକାରୀ କମିଶନର ଆଶିଷ କୁମାର ଦାସଙ୍କ ନେତୃତ୍ୱରେ ରାଜ୍ୟ ଦ୍ରବ୍ୟ ଓ ସେବାକର ବିଭାଗ ଅଧିକାରୀ ଉମାଶଙ୍କର ମାଝୀ, ଚୁମନ କଥାର, ଅଜିତ ଲାକ୍ରା, ଲେନିନ କୁମାର ତାଣ୍ଡିଆ, ଶୁଭମ ସାହୁ, ଦିଲେଶ୍ୱର ପଧାନଙ୍କ ସହ ପୋଲିସ ଫୋର୍ସ ଶୁକ୍ରବାର ପୂର୍ବାହ୍ଣରେ ଚଢ଼ାଉ କରିଥିଲେ। ସବିଶେଷ ତଥ୍ୟ ଅନୁସାରେ କାରଖାନାର ଚାଲାଣ, ବିଲ, ଭାଉଚର୍ ଖାତା, ଦୈନିକ ଲୋଡିଂ ଓ ଅନ ଲୋଡିଂର ହିସାବ ଖାତା ଓ ବାସ୍ତବ ତଥ୍ୟ ମଧ୍ୟରେ ବହୁ ଅନିୟମିତତା ଥିବା ସନ୍ଦେହ ପରିସରକୁ ଆସିଛି ବୋଲି ସହକାରୀ ଜିଏସ୍‌ଟି ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏଥିସହ ଜବତ ହୋଇଥିବା ନଥିପତ୍ର ଯାଞ୍ଚ କରି ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ପ୍ରକୃତ ଠକେଇ କେତେ ପରିମାଣର ହୋଇଛି ତାହାକୁ ଜଣାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୨୦।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୦ରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଅତିରିକ୍ତ ସେସନ୍ସ ଜଜ୍ ହରପ୍ରସାଦ ପଟ୍ଟନାୟକ ମାମଲାର ବିଚାର କରି ଅଭିଯୁକ୍ତ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ନୂଆବେଡେଣ୍ଡା ଗ୍ରାମର ଜ୍ଞାନରଞ୍ଜନ ସ୍ୱାଇଁ ଓରଫ ସାଦୁଆ (୨୭)ଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବପ୍ରସାଦ ମାଝି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଅଭିଯୋଗକାରୀ ନାବାଳିକା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ଯେତେବେଳେ ୧୬ ବର୍ଷ ଏବଂ ସେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ ସେତେବେଳେ ଅଭିଯୁକ୍ତ ଜ୍ଞାନଙ୍କ ସହ ସାମାଜିକ ଗଣମାଧ୍ୟମ ଜରିଆରେ ବନ୍ଧୁତା ଗଢ଼ି ଉଠିଥିଲା। ଏପରି କି ମୋବାଇଲରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେବା ସହ ପରବର୍ତ୍ତୀ ସମୟରେ ସମ୍ପର୍କ ବଢିଥିଲା। ଏହାପରେ ସମ୍ପୃକ୍ତ ନାବାଳିକାଙ୍କ ଘରକୁ ଜ୍ଞାନ ଯିବାଆସିବା କରୁଥିଲେ। ଏହି ସମୟରେ ବିବାହ କରିବେ ବୋଲି କହି ନାବାଳିକାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ଯେତେବେଳେ ଅନ୍ୟତ୍ର ନାବାଳିକାଙ୍କ ବିବାହ ପ୍ରସ୍ତାବ ଆସିଲା ସେତେବେଳେ ଜ୍ଞାନ କ୍ରୋଧାନ୍ୱିତ ହୋଇ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ନାବାଳିକାଙ୍କ ଘରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ବାହାଘର ପ୍ରସ୍ତାବ ସବୁ ଭାଙ୍ଗି ଦେଇଥିଲେ। ୧୦ ଲକ୍ଷ ଟଙ୍କା ଦେଲେ ଚୁପ୍ ରହିବେ ବୋଲି କହିଥିଲେ। ଏ ପରିସ୍ଥିତିରେ ନାବାଳିକା ବାଧ୍ୟ ହୋଇ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୧୭ ଅକ୍ଟୋବର ୨୦୨୨ରେ ମାମଲା (ନଂ.୨୨୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାଝି କହିଛନ୍ତି।


JAPIT
Jharkhand Agency for Promotion of Information Technology
(An Autonomous body under Department of Information Technology & e-Governance,Govt of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044, 2401047 email:japit_doit@rediffmail.com

**Bid Cancellation Notice**

This is to inform that the bid published on the GeM Portal for the "empanelment of software development firms for development and implementation of e-Governance projects in Govt. of Jharkhand" has been cancelled due to unavoidable circumstances.

**PR No. 334206**

Sd/-
(OSD, JAP-IT)

PR 336413 (Information Technology) 24-25 (D)



JAPIT
Jharkhand Agency for Promotion of Information Technology
(An Autonomous body under Department of Information Technology & e-Governance,Govt of Jharkhand)Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044, 2401047
email:japit_doit@rediffmail.com

**Bid Cancellation Notice**

This is to inform that the bid published on the e-Tender Portal for the "empanelment of software development firms for development and implementation of e-Governance projects in Govt. of Jharkhand" has been cancelled due to unavoidable circumstances.

**PR No. 334206**

Sd/-
(OSD, JAP-IT)

PR 336463 (Information Technology)24-25*D



**कार्यपालक अभियंता का कार्यालय, ग्रामीण विकास विशेष प्रमंडल, दुमका**
(rdsddumka1@gmail.com)

**अतिअल्पकालीन ई-निविदा आमंत्रण सूचना**

ई–निविदा सूचना संख्या- RDSD/DMK/MMGSY/22/2024-25/RE-2

1. कार्य की विस्तृत विवरणी :–

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला के रामगढ़ प्रखंड अन्तर्गत कोआम पंचायत के ग्राम बेलातरी एवं करूमटाड़ के बीच नदी पर उच्च स्तरीय पुल निर्माण। | 2,39,41,900 | 4,79,000 | 10,000 | 15 माह |

2. वेबसाइट में निविदा प्रकाशन की तिथि :– 24.09.2024
3. ई–निविदा प्राप्ति की तिथि एवं समय :– दिनांक 24.09.2024 से दिनांक 28.09.2024 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
7. निविदा खोलने की तिथि एवं समय :– दिनांक 30.09.2024 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,दुमका।
9. ई–निविदा प्रकोष्ठ का दुरभाष संख्या :– 7091279444
10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, दुमका

PR 336384 Rural Work Department (24-25)_D



**झारखण्ड सरकार कार्यपालक अभियंता का कार्यालय ग्रामीण विकास विशेष प्रमण्डल, हजारीबाग**

ई– अति अल्पकालीन निविदा आमंत्रण सूचना

ई–निविदा सं0 :– RDSPL/SD/HZB/19/2024-25

1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/19/01/ 2024-25 | बड़कागांव | पंचायत चोपदार बलिया मुख्य पथ से लेकर कब्रिस्तान मैदान तक पीसीसी पथ निर्माण | 14118300.00 | 282400.00 | 10000.00 | 6 माह |
| 2. | RDSPL/SD/HZB/19/02/ 2024-25 | बड़कागांव | ग्राम सांड टोला छपेरवा में होरिल महतो के घर से बिमल महतो के खेत होते हुए पुराने पथ तक पथ निर्माण। | 11506300.00 | 230200.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि – 26.09.2024
3. ई–निविदा प्राप्ति की तिथि एवं समय – दिनांक 26.09.2024 से दिनांक 04.10.2024 को अपराहन 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 336195 Rural Development(24-25)D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

ई–निविदा आमंत्रण सूचना

ई– अतिअल्पकालीन निविदा सूचना संख्या – RDD/SD/BOKARO/40/2024-25

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चास प्रखण्ड के सेक्टर–1/बी० और संत जेवियर्स कॉलोनी सुभाष कॉपरेटिव के बीच गरगा नदी पर पुल निर्माण। (लम्बाई 119.70 मी०) | 54312800.00 | 1086500.00 | 10000.00 | 24 माह |
| 2 | बोकारो जिला के चास प्रखण्ड के पंचायत–चाकुलिया एवं कुड़मा के बीच ईजरी नदी पर उच्च स्तरीय पुल निर्माण। (लम्बाई 77.48 मी०) | 37125300.00 | 743000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 24.09.2024
3. ई–निविदा प्राप्ति की तिथि एवं समय – दिनांक 24.09.2024 से दिनांक 30.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 01.10.2024 अपराह्न 05:30 बजे
6. ई–निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR.NO.336426 Rural Development(24-25):D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज**

ई–निविदा आमंत्रण सूचना

ई– निविदा सूचना संख्या – RDD/SD/SAHIBGANJ /08/2024-25

1. कार्य की विस्तृत विवरणी:

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहरवा प्रखण्ड अंतर्गत पंचायत हस्तीपाड़ा ग्राम छोटा चांदपुर मोतीउर रहमान के घर के पास के उच्च विद्यालय हस्तीपाड़ा मंजारूल के घर के पास गुमानी नदी पर उच्चस्तरीय पुल निर्माण। | 547.83800 लाख रूपये | 10,96,000/- रूपये | 10,000.00 रूपये | 24 माह |
| 2 | साहेबगंज जिला के बरहरवा प्रखण्ड अंतर्गत पंचायत हरिहरा ग्राम महेषघाटी हाईस्कूल के पास से पंचायत दरियापुर ग्राम कागजोल के बीच गुमानी नदी पर उच्चस्तरीय पुल निर्माण। | 445.78700 लाख रूपये | 8,92,000/- रूपये | 10,000.00 रूपये | 18 माह |

2. वेबसाइट में निविदा प्रकाशन की तिथि – 23.09.2024
3. ई–निविदा प्राप्ति की तिथि एवं समय – दिनांक 23.09.2024 से दिनांक 30.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 04.10.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR.NO.336046 Rural Development(24-25):D

## ସଂକ୍ଷେପରେ

# ରାସ୍ତା ଖରାପ ଯୋଗୁ ସ୍ୱାମୀଙ୍କ ଜୀବନ ଗଲା

### ଅଭିଯୋଗ କଲେ ସ୍ତ୍ରୀ

ବନ୍ତ,୨୦।୯(ହରି ନାରାୟଣ ମହାନ୍ତି)

ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଗାଁକୁ ପଶିପାରିଲାନି। ଫଳରେ ଅସୁସ୍ଥ ଥିବା ତାଙ୍କ ସ୍ୱାମୀଙ୍କୁ ଷ୍ଟ୍ରେଚରରେ ବୋହି ୧ କି.ମି. ଦୂରରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଥିଲା। ଏଥିଯୋଗୁ ଡାକ୍ତରଖାନାରେ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କ ସ୍ୱାମୀଙ୍କ ଜୀବନ ଚାଲିଗଲା ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ମୃତ ଏକା ବାରିକ(୫୫)ଙ୍କ ସ୍ତ୍ରୀ ବିନୋଦିନୀ ବାରିକ କହିଛନ୍ତି। ଗୁରୁବାର ଗୁରୁତର ଏକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଆଖି ବୁଜିଛନ୍ତି।

ପ୍ରକାଶ ଯେ, ଗତ ୨ବର୍ଷ ଧରି ଏକା ପାରାଲିସିସ୍‌ରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଗୁରୁବାର ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରି ନ ଥିଲା। ଏକାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ପାଇଁ ପରିବାର ଲୋକେ ଖଟିଆ ଖୋଜି ପାଇ ନ ଥିଲେ। ଷ୍ଟ୍ରେଚର ଆଣି ତାଙ୍କୁ ନେବା ବେଳକୁ ବହୁ ସମୟ ବିଳମ୍ବ ହୋଇଯାଇଥିଲା। ଡାକ୍ତରଖାନାରୁ ମୃତଦେହ ଆଣିବା ପରେ ଶୁକ୍ରବାର ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ମୃତ ଏକାଙ୍କ ପରିବାରରେ ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅ ଥିବାବେଳେ ବିଭିନ୍ନ ସ୍ଥାନରୁ ଧାର କରଜ କରି ଦୁଇ ଝିଅଙ୍କୁ ବାହା ଦେଇ ସାରିଥିଲେ। ଘର ଚଳାଇବା ପାଇଁ ନାବାଳକ ପୁଅ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'ଭାଷା ସାହିତ୍ୟର ପ୍ରଚାରକ ଥିଲେ ଗୋବିନ୍ଦ ଭଟ୍ଟାଚାର୍ଯ୍ୟ'

ଭଦ୍ରକ,୨୦।୯(ସନାତନ ରାଉତ)

ସାହିତ୍ୟିକ ସ୍ୱର୍ଗତ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟ ଭାଷା ସାହିତ୍ୟର ପ୍ରଚାରକ ଥିଲେ। ଏହାର ପ୍ରଚାର ପ୍ରସାର ଦିଗରେ ସେ ନିଜକୁ ସର୍ବଦା ନିୟୋଜିତ କରୁଥିଲେ ବୋଲି ଶୋକସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ତ୍ୟାଗଭୂମି ଭବନରେ ଅନୁଷ୍ଠିତ ଶୋକସଭାରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ଡ. ମନୀନ୍ଦ୍ର ମହାନ୍ତି, ପୂର୍ବତନ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ଓ ପ୍ରଫେସର ରାଜକିଶୋର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୋଉରିତ୍ୟ କରିଥିଲେ ସାହିତ୍ୟିକ ଡା. ଦୁର୍ଯ୍ୟୋଧନ ଦାସ। ଡ. ଅଭୟ ଦାସ, ଅଧ୍ୟାପକ କିଶୋର ପାଣିଗ୍ରାହୀ, ବାବୁଲାଲ ଦାସ, ଗୀତାରାଣୀ ଆଇଚ, ରମେଶ ଦାସ, ରମେଶ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କବି ବୈକୁଣ୍ଠ ବିଶ୍ୱାଳ ଓ ପ୍ରାଧ୍ୟାପକ ରାଉତ ପରିଚାଳନା କରିଥିଲେ।

# କେୱାଇସି ପାଇଁ ଜମାକାରୀଙ୍କ ଭିଡ଼



ତିହିଡ଼ି ବଜାରସ୍ଥିତ ବ୍ୟାଙ୍କରେ ଲୋକଙ୍କ ଗହଳି ଲାଗିଛି।

### ବ୍ୟାଙ୍କ କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ ପ୍ରତିବାଦରେ କାର୍ଯ୍ୟବନ୍ଦ

ତିହିଡ଼ି,୨୦।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରସ୍ଥିତ ୟୁକୋ ବ୍ୟାଙ୍କରେ ଶୁକ୍ରବାର ଜମାକାରୀଙ୍କ ଗହଳି ଯୋଗୁ ଅସ୍ୱାଭାବିକ ପରିସ୍ଥିତି ଉପୁଜିଛି। କେୱାଇସି ଫର୍ମ ପାଇଁ ଜମାକାରୀଙ୍କ ଭିଡ଼ ଲାଗି ରହିଥିବା ବେଳେ ଜଣେ ରାଜନୈତିକ କର୍ମୀ ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ଧମକ ଦେବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦରେ ବ୍ୟାଙ୍କ କର୍ମଚାରୀମାନେ ୨ଘଣ୍ଟା କାର୍ଯ୍ୟ ବନ୍ଦ କରି ଦେଇଥିଲେ। ଖବରପାଇ ତିହିଡ଼ି ଥାନା ପୋଲିସ ବ୍ୟାଙ୍କରେ ପହଞ୍ଚି ଗହଳିକୁ ନିୟନ୍ତ୍ରଣ କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, କେୱାଇସି ହୋଇ ନ ଥିବାରୁ ବିଭିନ୍ନ ଅଞ୍ଚଳର ବହୁ ଜମାକାରୀଙ୍କ ଆକାଉଣ୍ଟ ଅଚଳ ହୋଇଯାଇଛି। ଯାହାଦ୍ୱାରା ସରକାରଙ୍କ ପକ୍ଷରୁ ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ପ୍ରଦାନ କରାଯାଇଥିବା ୫ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆସିପାରି ନାହିଁ। ଏହି ପରିପ୍ରେକ୍ଷୀରେ କେୱାଇସି ଦାଖଲ କରି ଆକାଉଣ୍ଟ ସଚଳ କରିବାକୁ ଜମାକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉଛି। କେୱାଇସି ଫର୍ମ ନେବାକୁ ବ୍ୟାଙ୍କରେ ଜମାକାରୀଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଏହି ସମୟରେ ଜଣେ ରାଜନୈତିକ କର୍ମୀ ବ୍ୟାଙ୍କକୁ ଯାଇ କାହିଁକି ଅଧିକ ଫର୍ମ ଦେଉନାହଁ କହି ପଚାରୁଥିଲେ। ଏପରିକି କାର୍ଯ୍ୟରତ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ବିଭିନ୍ନ ଧମକ ଦେବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଦେଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ସାଢ଼େ ୧୨ଟା ଯାଏ କାର୍ଯ୍ୟ ବନ୍ଦ ରହିବାରୁ ଜମାକାରୀମାନେ ହୋହଲ୍ଲା କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ପୂର୍ଣ୍ଣଚନ୍ଦ୍ର ପାତ୍ର ଏନେଇ ଥାନାରେ ଅଭିଯୋଗ କରିବାକୁ ଯିବା ପରେ ଆଇଆଇସି ପ୍ରସନ୍ନ କୁମାର ନାୟକ, ଏଏସ୍‌ଆଇ ଅରୁନ୍ଧତୀ ବେହେରା ପ୍ରମୁଖ ପହଞ୍ଚି ଜମାକାରୀଙ୍କୁ ଧାଡ଼ିର ବ୍ୟବସ୍ଥା କରାଇଥିଲେ। ୮୦ଜଣ ଜମାକାରୀଙ୍କୁ କେୱାଇସି ଫର୍ମ ପ୍ରଦାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସରକାରୀ ଜାଗାରେ ୩୦ ବର୍ଷ: ଭଙ୍ଗାଗଲା ହୋଟେଲ



ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ହୋଟେଲକୁ ଉଚ୍ଛେଦ କରାଯାଉଛି।

### ତହସିଲ କାର୍ଯ୍ୟାଳୟ ପରିସରରୁ ଜବରଦଖଲ ଉଚ୍ଛେଦ

ତିହିଡ଼ି, ୨୦।୯ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଏକ ହୋଟେଲକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସରକାରୀ ଜାଗାକୁ ଅବରୋଧ କରି ଜଣେ ବ୍ୟକ୍ତି ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେଠାରେ ହୋଟେଲ ନିର୍ମାଣ କରିଥିଲେ। ଭାଟପଡ଼ା ମୌଜାର ଖାତା ନଂ. ୧୭୨୭ ପ୍ଲଟ୍ ନଂ. ୬୨୪ରେ ଥିବା ୧ ଡିସିମିଲ ସରକାରୀ ଜାଗାକୁ ଅବରୋଧ କରି ଏହି ହୋଟେଲ କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ନାଁରେ ଏକ ଅବରୋଧ ମାମଲା (ନଂ.୪-୨୦୩/୨୪)ରୁଜୁ କରାଯାଇଥିଲା। ଗତ ମାସ ୯ ତାରିଖରେ ଜବରଦଖଲକାରୀଙ୍କୁ ମାସକ ମଧ୍ୟରେ ଜାଗା ଖାଲି କରିବାକୁ ତହସିଲ ଅଫିସ୍ ପକ୍ଷରୁ ନୋଟିସ୍ ଦିଆଯାଇଥିଲା। ମାତ୍ର ସେ ଏହାକୁ ଅବମାନନା କରିବାରୁ ହୋଟେଲକୁ ଜେସିବି ଦ୍ୱାରା ଭାଙ୍ଗି ଦିଆଯାଇଥିବା ଜଣାଯାଇଛି।

ଉଚ୍ଛେଦ ସମୟରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ତିହିଡ଼ି ଥାନା ଏଏସ୍‌ଆଇ ଅରୁନ୍ଧତୀ ବେହେରା, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ବଡ଼ବାବୁ କୃଷ୍ଣରାମ ଗୁପ୍ତ, ରାଜସ୍ୱ ନିରୀକ୍ଷକ ଗୋଲକ ମୁର୍ମୁଙ୍କ ସହ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସୁନାମୀପ୍ରବଣ ୪ ଗାଁ ବୁଲିଲେ କେନ୍ଦ୍ରୀୟ ଟିମ୍



ପଦୁଆଁ ପଞ୍ଚାୟତର ମୋହନପୁର ଗ୍ରାମ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀଠାରେ କେନ୍ଦ୍ରୀୟ ଟିମ୍ ଆଲୋଚନା କରୁଛନ୍ତି।

ବାସୁଦେବପୁର,୨୦।୯(ନାରାୟଣ ପ୍ରସାଦ ବାରିକ)

ଜାତୀୟ ସୁନାମୀ ମୁକାବିଲା ବୋର୍ଡ ପ୍ରତିନିଧି ଦଳ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ସୁନାମୀପ୍ରବଣ ୪ ଗାଁକୁ ବୁଧବାର ଗସ୍ତରେ ଆସି ଫେରି ଯାଇଛନ୍ତି। ସୁନାମୀ କ୍ଷୟକ୍ଷତି ରୋକିବା ପାଇଁ ସରକାରୀ ସ୍ତରରେ ପ୍ରୟାସ ଆରମ୍ଭ କରାଯାଇଛି। ୟୁନେସ୍କୋ ଗସ୍ତରେ ଆସିଥିବା କେନ୍ଦ୍ରୀୟ ଟିମ୍‌ରେ ହାଇଦ୍ରାବାଦ ଇନ୍‌କୋଏସର ବୈଜ୍ଞାନିକ ଡ. ଅଜୟ, ବୈଜ୍ଞାନିକ ଡ. ପ୍ରକାଶ, ଓଏସ୍‌ଡିଏମ୍‌ଏର ଏସ୍‌ପିଓ ଗୌରୀଶଙ୍କର ମିଶ୍ର, ଭଦ୍ରକର ଡେପୁଟି କଲେକ୍ଟର ଚନ୍ଦ୍ରିକା କର ଓ ଡିପିଓ ଅମ୍ଳାନ ଅମିତାଭ ଶତପଥୀ ବୁଧବାର ପଦୁଆଁ ପଞ୍ଚାୟତର ମୋହନପୁର ଗ୍ରାମରେ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ। ଗ୍ରାମବାସୀ ପାରମ୍ପରିକ ଭାବେ ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସୁନାମୀରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀଙ୍କ ପ୍ରସ୍ତୁତି ଉପରେ ଅଛି, ମକ୍‌ଡ୍ରିଲର ଝଲକ ଦେଖାଇଥିଲେ। ସୁନାମୀ ଆସିବା ନେଇ ସାଇରନ ବାଜିବା କ୍ଷଣି ଆବଶ୍ୟକ ସାମଗ୍ରୀ ଧରି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଲୋକେ ଦୌଡ଼ୁଥିବା, ବୃଦ୍ଧାବୃଦ୍ଧ, ଗର୍ଭବତୀ ଓ ପ୍ରସୂତିଙ୍କୁ ଧରି ଟାସ୍କଫୋର୍ସ ସଦସ୍ୟମାନେ ସୁରକ୍ଷିତ ସ୍ଥାନକୁ ନେଇଥିବାର ଦୃଶ୍ୟ ମକ୍‌ଡ୍ରିଲରେ ଗ୍ରାମବାସୀମାନଙ୍କୁ ଦେଖାଯାଇଥିଲା।

ବିଡିଓ ସଞ୍ଜୀବ କୁମାର ସାହୁ, ଜିପିଓ ଅମିୟ କୁମାର ନାଥ, ପଦୁଆଁ ସରପଞ୍ଚ ଆରତି ଦାସ ଓ ବିପିସି ମଲିକା ମଲିକ ଯୋଗ ଦେଇଥିଲେ। ପରେ କେନ୍ଦ୍ରୀୟ ଟିମ୍ ଅଡ଼ୁଆଁ ପଞ୍ଚାୟତର ଅଡ଼ୁଆଁ ଆଡ଼ିଆ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ସାନକୃଷ୍ଣପୁର ପଞ୍ଚାୟତର କଷିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଓ ବାଲିଗୁଡା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରି ଦେଖାଇଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ଭଣ୍ଡାରିପୋଖରୀ,୨୦।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର କହରାପୋଖରୀ ସେତୁ ଉପରେ ଗୁରୁବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ତୁଳସୀପୁର ଗ୍ରାମର ଜୟପ୍ରକାଶ ପଣ୍ଡା(୩୧)। ସୂଚନା ଅନୁଯାୟୀ, ବାଇକ୍‌ରେ ୨ ଯୁବକ ଭଣ୍ଡାରିପୋଖରୀରୁ କହରାପୋଖରୀକୁ ଯାଉଥିଲେ। ଭୁବନେଶ୍ୱରର ରାଜେଶ ଦାଶ(୩୩) ବାଇକ୍ ଚଲାଉଥିବା ବେଳେ ଜୟପ୍ରକାଶ ପଛରେ ବସିଥିଲେ। କହରାପୋଖରୀ ସେତୁ ଉପରେ ପୂର୍ବରୁ ଛିଡ଼ା ହୋଇଥିବା ଟ୍ରାକର ପାର୍ଶ୍ୱରେ ପଥର ପଡ଼ିଥିଲା। ଦ୍ରୁତଗତିରେ ଆସୁଥିବା ବାଇକ୍ ଭାରସାମ୍ୟ ହରାଇ ପଥର ଉପରେ ଚଢ଼ାଇ ଦେବାରୁ ପଛରେ ବସିଥିବା ଜୟପ୍ରକାଶ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଗାଡ଼ି ତାଙ୍କ ୨ ଗୋଡ଼ ଉପରେ ଚଢ଼ି ପଳାଇଥିଲା। ସ୍ଥାନୀୟ ଦମକଳ ବାହିନୀ ଆହତଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ବାଇକ୍ ଓ ଟ୍ରାକକୁ ଜବତ କରିଛି।

# ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଶ୍ରାଦ୍ଧୋତ୍ସବ

ଧାମନଗର,୨୦।୯(ଦେବେନ୍ଦ୍ର ଆଚାର୍ଯ୍ୟ)

ଧାମନଗରର ପୂର୍ବତନ ବିଧାୟକ, ପୂର୍ବତନ ବିରୋଧୀଦଳ ଉପନେତା, ସାହିତ୍ୟିକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୨ୟ ଶ୍ରାଦ୍ଧୋତ୍ସବ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀ କୂଳ ଉତ୍ତରବାହିନୀ ଘାଟଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପ୍ରଥମେ ପୂର୍ବତନ ବିଧାୟକ ସେଠୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା ସହ ଚାରାରୋପଣ ଏବଂ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଭାଜପା ମୁଖ୍ୟଦେବ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ନେତା କୁଳମଣି ବେହେରାଙ୍କ ସଞ୍ଚାଳନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଭାଜପାର ଯାଜପୁର ଜିଲା ସଭାପତି ଗୌତମ ରାୟ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ଅରବିନ୍ଦ ପତି, ବିଜୟ କୁମାର ଦାସ, ପ୍ରଶାନ୍ତ କୁମାର ବିଶ୍ୱାଳ, ଆଇନଜୀବୀ ଦେବାଶିଷ ସାମଲ, ବନମାଳୀ ଦାସ, ସଞ୍ଜୁଲତା ଦାସ, ମନୋରଞ୍ଜନ ମଲ୍ଲିକ, କୈଳାସ ମହାପାତ୍ର, ନାରାୟଣ ଚନ୍ଦ୍ର ଦାଶ, ରଣଜିତ ମହାନ୍ତି, ବିନୋଦ ବିହାରୀ ନାୟକ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମାଜର ନିମ୍ନସ୍ତରରେ ବସବାସ କରୁଥିବା ଲୋକଙ୍କ ପାଇଁ ସେ ସବୁବେଳେ ଉଦ୍ୟମ ଜାରି ରଖିଥିଲେ। ଭଦ୍ରକ ଜିଲାର ବିକାଶ, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରମୋଦ ଆଚାର୍ଯ୍ୟ, ସନ୍ତୋଷ ଦାସ ଅଧିକାରୀ, ଅଭିମନ୍ୟୁ ମଲ୍ଲିକ, ବୃନ୍ଦାବନ ମହାନ୍ତି, ଅଜୟ କୁମାର ବେଜ, ବିଷ୍ଣୁ ମୋହନ ମିଶ୍ର, ନିରାକାର ତରାଇ, ସେକ ତାଲୁଦ୍ଦିନ, ବିଜୟ ଦାସ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବସ୍ କଣ୍ଡକ୍ଟରଙ୍କୁ ମାଡ଼, ଟିକେଟ୍ ମେଶିନ ଛଡ଼ାଇନେଲେ

ବାସୁଦେବପୁର,୨୦।୯(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ଭାୟା ଆର୍ଡ଼ୁଁ ଗ୍ରାମ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍‌ର କଣ୍ଡକ୍ଟରଙ୍କୁ ଶୁକ୍ରବାର ଅପରାହ୍ନରେ ୨ ଯୁବକ ମାଡ଼ ମାରିବା ସହ ତାଙ୍କଠାରୁ ମୋବାଇଲ ଓ ଟିକେଟ ମେଶିନ ଛଡ଼ାଇ ନେଇଛନ୍ତି। ସୂଚନା ଅନୁଯାୟୀ, ୨ ଯୁବକ ରାସ୍ତାରେ ବେପରୁଆ ଭାବେ ବାଇକ୍ ଚଲାଇ ଉକ୍ତ ବସ୍‌କୁ ହରକତ କରିଥିଲେ। ଆର୍ଡ଼ୁଁ ଛକସ୍ଥିତ ଦୁର୍ଗାମଣ୍ଡପ ରାସ୍ତା ନିକଟରେ ସେମାନେ ବସ୍‌କୁ ଅଟକାଇଥିଲେ। ହେଡ୍ କଣ୍ଡକ୍ଟରଙ୍କୁ ମାଡ଼ ମାରି ତାଙ୍କ ମୋବାଇଲ ଓ ଯାତ୍ରୀଙ୍କ ଟିକେଟ୍ କଟାଯାଉଥିବା ମେଶିନ୍ ଛଡ଼ାଇ ନେଇ ପଳାଇଥିଲେ। ଏହାକୁ ନେଇ କିଛି ସମୟ ବସ୍ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। କଣ୍ଡକ୍ଟର ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

# 'ରାଷ୍ଟ୍ର ଗଠନରେ ଶିକ୍ଷା ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଦ୍ରକ,୨୦।୯(ସନାତନ ରାଉତ)

ଗୋଟିଏ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା ଓ ପଦ୍ଧତି ଭୁଶୁଡ଼ିଗଲେ ରାଷ୍ଟ୍ର ଭୁଶୁଡ଼ିଯିବ। ରାଷ୍ଟ୍ର ଗଠନରେ ଶିକ୍ଷା ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଶିକ୍ଷକମାନେ ରାଷ୍ଟ୍ର ନିର୍ମାଣରେ ମେରୁଦଣ୍ଡ। ନୂଆ ସରକାରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସଶକ୍ତ କରାଯିବ ବୋଲି ବିଧାୟକ କହିଥିଲେ।

ଶିକ୍ଷକ ଫେଡେରେଶନର ରାଜ୍ୟ ସଭାପତି ରାଣୀ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଭଦ୍ରକ ଟାଉନହଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫେଡେରେଶନର ମହାସଚିବ ଜ୍ୟୋତିରଞ୍ଜନ ଦାଶ, ଭଦ୍ରକ ଜିଲା ସଭାପତି ବିଧାଧର ସେନାପତି, ରାଜ୍ୟ କୋଷାଧ୍ୟକ୍ଷ ସନାତନ ପଜ୍ଜନାୟକ, ଉପଦେଷ୍ଟା ଅମିୟ କୁମାର ଦାଶ, ଭ୍ରମରବର ରାଉତ, ତ୍ରିଲୋଚନ ନାୟକ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଆର ଜିଲା ସମ୍ପାଦକ ଶଶୀଶେଖର କରଣୀ, ରାଜ୍ୟ ଉପସଭାପତି ବୈକୁଣ୍ଠ ତୁରିଆ, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ କହିଥିଲେ, ନୂତନ ଶିକ୍ଷାନୀତି ଦ୍ୱାରା ଶିକ୍ଷା କ୍ଷେତ୍ରରେ ବହୁ ସୁଧାର ଆସିପାରିବ। ପ୍ରାଥମିକ ଶିକ୍ଷାର ସୁଦୃଢ଼ୀକରଣ ଏହାର ମୁଖ୍ୟ ଲକ୍ଷ୍ୟ। ଶେଖ ଅବଦୁଲ ଖାଲିକ ଅତିଥି ପରିଚୟ ଦେଇଥିବା ବେଳେ ଉପଦେଷ୍ଟା ଗୋବିନ୍ଦ ରାଉତ, ସଙ୍ଗଠନ ସମ୍ପାଦକ ଉମାକାନ୍ତ ସାହୁ, ସହସମ୍ପାଦକ ପୁଷ୍ପକ ଚନ୍ଦ୍ର ଭାରତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସମ୍ପାଦକ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଦ୍ୱିତୀୟ ଅଧିବେଶନରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ଫେଡେରେଶନ କର୍ମକର୍ତ୍ତା ଓ ଶିକ୍ଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ।





ଆଲୋଚନାଚକ୍ରରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଅତିଥିମାନେ।

# ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

ଭଦ୍ରକ,୨୦।୯(ସନାତନ ରାଉତ)

ଭଦ୍ରକ ଫେଲୋସିପ୍‌ଠାରେ ପ୍ରୁଶାସକଙ୍କ ସଂଗ୍ରାମୀ ମହମ୍ମଦ ହନିଫ୍ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ୫୭ତମ ଶ୍ରାଦ୍ଧ ବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟ ଏବଂ କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ଏସ୍.ଏମ୍. ଫାରୁକ, ହାଜି ଅନୱର ହୋସେନ, ହାଜି ଅବଦୁଲ କାଶିମ ଖାନ, ସୁଧାକର ରାଉତ, ବିବେକାନନ୍ଦ ମୁଖାର୍ଜୀ, ଅଶୋକ କୁମାର ଦାସ, ଲାଲାଟେନ୍ଦୁ ମହାନ୍ତି, ଅଟଳ ବିହାରୀ ନାୟକ, ଶାନ୍ତନୁ କୁମାର ରାଉତ, କୈଳାଶ ମହାପାତ୍ର, ହାଜି ଅବଦୁଲ ମୁକିତ ଖାନ, ମିର୍ଜା ଇଜାଜ ବେଗ, ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ। ଆସନ୍ତା ଅକ୍ଟୋବର ୬ରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ ହେବାକୁ ଥିବାବେଳେ ଏହି ଦିନ ପୁରୁଷାକାରରେ ବୁଢ଼ା ଗଣେଶଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି କାରଣରୁ ସାଧାରଣ ସଭା ସ୍ଥଗିତ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନାରାୟଣ ଚନ୍ଦ୍ର ହାଇସ୍କୁଲ ଉତ୍ତର ପଟ ଗେଟ୍‌ରୁ ଏକ ଶୋଭାଯାତ୍ରା ବାହାରି ପୁରୁଷାକାର ଛକ ଦେଇ କାଳିମହଲାଠାରେ ମହମ୍ମଦ ହନିଫ୍‌ଙ୍କ ସମାଧି ପାଠରେ ଶ୍ରଦ୍ଧାଞ୍ଜଳି ଦିଆଯିବ ଓ ସର୍ବଧର୍ମ ପ୍ରାର୍ଥନା କରାଯିବାକୁ ବୈଠକରେ ସ୍ଥିର ହୋଇଛି।



ପ୍ରସ୍ତୁତି ବୈଠକରେ ସ୍ମୃତି ସଂସଦ କର୍ମକର୍ତ୍ତା ଓ ଅନ୍ୟମାନେ।

# ଶିକ୍ଷକ ଫେଡେରେଶନରେ ଫାଟ





ଟାଉନହଲ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିବାଦ କରୁଛନ୍ତି।

### ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ବିରୋଧ କଲେ ଗୋଟିଏ ଗୋଷ୍ଠୀ

ଭଦ୍ରକ,୨୦।୯(ସନାତନ ରାଉତ/ରବିନାରାୟଣ ଖଲାର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନରେ ଫାଟ ସୃଷ୍ଟି ହୋଇଛି। ଶୁକ୍ରବାର ଗୋଟିଏ ଗୋଷ୍ଠୀ ଭଦ୍ରକ ଟାଉନ ହଲରେ ନୂତନ ଜାତୀୟ ଶିକ୍ଷାନୀତି ସମ୍ବନ୍ଧରେ ଆଲୋଚନାଚକ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି। କାର୍ଯ୍ୟକ୍ରମ ପୂର୍ବରୁ ପୂର୍ବାହ୍ନରେ ଏହାକୁ ବିରୋଧ କରି ଟାଉନ ହଲ୍ ଗେଟ୍ ଆଗରେ ପ୍ରତିବାଦ କରିଥିଲେ। ଗତ ୨ଦିନ ଧରି ୨ ଗୋଷ୍ଠୀ ଖବରଦାତା ସମ୍ମିଳନୀ କରି ପରସ୍ପର ବିରୋଧରେ ବିଷୋଦ୍ଗାର କରିଥିଲେ। ଏପରିକି ଗୋଟିଏ ଗୋଷ୍ଠୀ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି। କାର୍ଯ୍ୟ ଦିବସରେ ସ୍କୁଲରେ ପାଠ ନ ପଢ଼ାଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିଛନ୍ତି।

ଫେଡେରେଶନର ବ୍ୟାନର ଓ ପଞ୍ଜୀକରଣକୁ ବ୍ୟବହାର କରି ଏହି କାର୍ଯ୍ୟକ୍ରମ କରାଯାଉଛି। ସେମାନଙ୍କ ନିକଟରେ ସଂଘର କୌଣସି କାଗଜପତ୍ର ନ ଥିବାବେଳେ ହଠାତ୍ ଅସାମ୍ବିଧାନିକ ଭାବେ ଜିଲା ସଭାପତି ଓ ସମ୍ପାଦକ ତରବରିଆ ମନୋନୀତ କରାଯାଇଛି। ସଂଘରୁ ବହିଷ୍କୃତ କରାଯାଇଥିବା ଲୋକଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଉଛି ବୋଲି ନିଜକୁ ଫେଡେରେଶନର ମହାସଚିବ ବୋଲି ଦାବି କରୁଥିବା ଚାରୁଲତା ମହାପାତ୍ର କହିଛନ୍ତି। ସସ୍ମିତା ମହାନ୍ତି, ସୁପ୍ରୀତି ଖୁଣ୍ଟିଆ, ଗୌରୀ ଶତପଥୀ, କନକ କାନ୍ତି ମିଶ୍ର, ସମୀର ଜେନା, ବାବୁଲା ରାଉତ, ରାଜେଶ ଦାଶ, ବଂଶୀଧର ଦାଶ, ମାୟାଧର ସାହୁ, ରାଧାଶ୍ୟାମ ବାରିକ, ଷ୍ଟାଲିନ ଦାଶ, ମୁକ୍ତିକାନ୍ତ ପଣ୍ଡା, ଲକ୍ଷ୍ମୀଧର ଦାଶ, ଗିରିଧାରୀ ଚନ୍ଦ, ଅରୁଣ ମଲ୍ଲିକଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇ ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ମୁତୟନ ରହିଥିଲା। ଏନେଇ ଫେଡେରେଶନର ଜିଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଛନ୍ତି, ଏହି ବିବାଦ କୋର୍ଟରେ ବିଚାରାଧୀନ ଅଛି। କୋର୍ଟଙ୍କ ଆଦେଶ ପରେ କେଉଁ ସଂଘ ଠିକ୍ ତାହା ପ୍ରମାଣିତ ହେବ। ସାମ୍ବିଧାନିକ ଭାବେ ତାଙ୍କ ସଂଘ ଗଠନ କରାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ମୋରଡ଼ା,(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତ ଅଫିସ ନିକଟରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସେହି ଗ୍ରାମର ସୃଷ୍ଟିଧର ମହାନ୍ତ (୩୫)। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

**ମୟୂରଭଞ୍ଜ**

# ଅମୃତ ସହର ନିର୍ମାଣରେ ଅର୍ଥର ଅଭାବ ରହିବ ନାହିଁ: ମନ୍ତ୍ରୀ

**ପୌରାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ**

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ସମ୍ମିଳନୀ କକ୍ଷରେ ବିକଶିତ ଓ ବିସ୍ତାରିତ ବାରିପଦା ସମ୍ପର୍କିତ ଏକ ପୌରାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ.ମଧୁସ୍ମିତା ସାମନ୍ତରାୟଙ୍କ ପୌରାହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ଅନ୍ୟତମ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଦେବାଶିଷ ସିଂ, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ, ଜିଲାପାଳ ହେମକାନ୍ତ ସାଏ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ବୈଠକରେ ମନ୍ତ୍ରୀ ଡା. ମହାପାତ୍ର କହିଥିଲେ ଯେ, ରାଜ୍ୟର ୯ଟି ଅମୃତ ସହର ମଧ୍ୟରେ ବାରିପଦା ସହର ରହିଛି। ସହରର ବିକାଶ ହେବା ସହିତ ଜିଲାର ରାଇରଙ୍ଗପୁର ପୌର ପରିଷଦ ଏବଂ ଉଦଳା ଓ କରଞ୍ଜିଆ ବିଜ୍ଞାପିତ ପରିଷଦର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ବାରିପଦା ପୌର ପରିଷଦକୁ ବିସ୍ତାରିତ କରିବା ସହିତ ସବୁଜ ସୁନ୍ଦର ଓ ସ୍ୱଚ୍ଛ ସହର ଭାବେ ଗଢ଼ି ତୋଳିବାକୁ ପ୍ରୟାସ ଆରମ୍ଭ କରାଯାଇଛି। ମୟୂରଭଞ୍ଜ ଜିଲାକୁ ଏକ ପାଇଲଟ ପ୍ରକଳ୍ପ ଭାବେ ରାଜ୍ୟରେ ପରିଚୟ ଦେବାକୁ ମନ୍ତ୍ରୀ ଡା.ମହାପାତ୍ର କହିଥିଲେ। ବାରିପଦା ପୌର ପରିଷଦକୁ ଲକ୍ଷ୍ମୀପୋଷୀ, ରଙ୍ଗାମଟିଆ ମେଡିକାଲ କଲେଜ ଓ ଚିପଟଅସ୍ତିଆ ପର୍ଯ୍ୟନ୍ତ ବିସ୍ତାରିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାରିପଦା ସହରର ତିନୋଟି ପ୍ରବେଶ ପଥରେ ଶାନ୍ତି ପ୍ରୀତିର ପ୍ରତୀକ ନୂତନ ଫାଟକ ନିର୍ମାଣ କରିବା ସହ ସହରରେ ଟାଉନ ବସ୍ ଚଳପ୍ରଚଳ କରିବ। ବାରିପଦା ମ୍ୟୁନସିପାଲିଟି ପରିସରରେ ଏକ ସମ୍ମିଳନୀ କକ୍ଷ ନିର୍ମାଣ, ଲକ୍ଷ୍ମୀପୋଷି ଓ ରଙ୍ଗାମାଟିଆ ମଧ୍ୟ ଭାଗରେ ଏକ ୨୦୦୦ ସିଟ୍ ବିଶିଷ୍ଟ ଏକ କନ୍‌ଭେସନ ହଲ୍ ନିର୍ମାଣ ସହ ପାର୍କ, ମାର୍କେଟ, ସିନେମାହଲ୍ ଆଦି ନିର୍ମାଣ କରିବା, ଗୋଶାଳା, ରାସ୍ତାଘାଟ ପ୍ରଶସ୍ତୀକରଣ, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଆଲୋକୀକରଣ, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱଚ୍ଛତା ଓ ସବୁଜ ସୁନ୍ଦର, ଜରାଳୀ ଓ ସରାଳୀ ନଦୀର ପୁନରୁଦ୍ଧାର ସହିତ ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ, ଗୋଟିଏ ପରିସରରେ ବୃଦ୍ଧାଶ୍ରମ ଓ ବାଳାଶ୍ରମ ନିର୍ମାଣ କରିବା, ରାଜପ୍ରାସାଦରେ ଚାଲୁଥିବା ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରି ଐତିହ୍ୟ ଭାବେ ଅବସ୍ଥାପିତ କରିବା, ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇ ବେକାର ଯୁବତୀଯୁବକଙ୍କୁ ରୋଜଗାର ଯୋଗାଇ ଦାଦନମୁକ୍ତ ଜିଲା ଭାବେ ପରିଗଣିତ କରିବାକୁ ମନ୍ତ୍ରୀ କହିଥିଲେ। ଏହି ସବୁ ଯୋଜନାଗୁଡ଼ିକର ଡିପିଆର(ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ନୂତନ ଭାବେ ଜିଲାର ଯଶିପୁର ଓ ବେତନଟୀକୁ ବିଜ୍ଞାପିତ ପରିଷଦ ଭାବେ ଘୋଷଣା କରାଯିବ ବୋଲି ମନ୍ତ୍ରୀ ଡା.ମହାପାତ୍ର ପ୍ରକାଶ କରିଛନ୍ତି। ଆବଶ୍ୟକତା ଅନୁଯାୟୀ ବିଜ୍ଞାପିତ ପରିଷଦକୁ ପୌର ପରିଷଦର ମାନ୍ୟତା ପ୍ରଦାନ କରାଯିବ। ଜିଲାର ୯ ଭାଜପା ବିଧାୟକ, କ୍ୟାବିନେଟ ମନ୍ତ୍ରୀ ଓ ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମୟରେ ଏହି ବିକାଶ କରାଯାଇପାରିବ ବୋଲି କହିବା ସହ ଏବେ ନୁହେଁ ତ କେବେ ନୁହେଁ ବୋଲି ଦୃଢ଼ତାର ସହ କହିଥିଲେ। ବିକଶିତ ମୟୂରଭଞ୍ଜ ଗଢ଼ି ତୋଳିବା ନିମନ୍ତେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ଲାଗି ଏକ ବିକାଶ ମଞ୍ଚ ଗଠନ କରିବାକୁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜନୀତିଠାରୁ ଦୂରରେ ରହି ଅଧିକାରୀ, କର୍ମଚାରୀ ଓ ନେତୃବୃନ୍ଦ ବିକାଶର ପଥରେ ବ୍ରତୀ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଡା. ମହାପାତ୍ର ଆହ୍ୱାନ ଦେଇଥିଲେ।

## ‘ବଦଳିବ ଉଦଳା ଏନ୍‌ଏସିର ରୂପରେଖ’

**ସମୀକ୍ଷା ବୈଠକରେ ପାନୀୟ ଜଳ, ଡ୍ରେନେଜ ଉପରେ ଗୁରୁତ୍ୱ ଦେଲେ ମନ୍ତ୍ରୀ**

ଉଦଳା,୨୦।୯(ସନ୍ତୋଷ କୁମାର ବାଛିନୀ)

ଖୁବ୍‌ଶୀଘ୍ର ଉଦଳା ଏନ୍‌ଏସିର ରୂପରେଖ ବଦଳିବ। ସ୍ୱଚ୍ଛତା ସହିତ ବିଭିନ୍ନ ଦିଗ ଉପରେ କାର୍ଯ୍ୟ ହେବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ କହିଛନ୍ତି। ଉଦଳା ଗସ୍ତରେ ଆସିଥିବା ମନ୍ତ୍ରୀ ମହାପାତ୍ରଙ୍କୁ କଲିଆ ଛକ ନିକଟରେ ଏନ୍‌ଏସି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସ୍ଥାନୀୟ ସନ୍ଧାନୀ ଗୃହଠାରେ ଆୟୋଜିତ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ଉଦଳା ସ୍ଥାନୀୟ ଭାସ୍କର ଚନ୍ଦ୍ର ମଢ଼େଇ, ନଗରପାଳ ପ୍ରମିଳା ପଣ୍ଡା, ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବିଶେଷକରି ଉଦଳା ଏନ୍‌ଏସିରେ ଥିବା ୧୨ଟି ୱାର୍ଡରେ ପାନୀୟ ଜଳ, ଡ୍ରେନେଜ୍, ବୃକ୍ଷରୋପଣ, ରାସ୍ତା ଆଦି ସମ୍ପର୍କରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ। ସ୍ୱଚ୍ଛତା ସହିତ କିଭଳି ଉଦଳା ଏନ୍‌ଏସିକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତି ୱାର୍ଡରେ ଘରେ ଘରେ ଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରୁ ନ ଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଦଳା ଏନ୍‌ଏସିକୁ କିପରି ଆଗାମୀ ଦିନରେ ମ୍ୟୁନିସିପାଲଟିରେ ପରିଣତ କରାଯିବ ସେ ନେଇ ସମସ୍ତଙ୍କ ସହିତ ଆଲୋଚନା କରିବା ସହିତ ସବୁସ୍ତରରେ ଉଦ୍ୟମ କରାଯିବ ବୋଲି କହିଥିଲେ। ବୈଠକରେ ଉଦଳା ଏନ୍‌ଏସିର ୧୨ଟି ୱାର୍ଡର କାଉନସିଲରଙ୍କ ସମେତ ଉପାଧ୍ୟକ୍ଷା ଲିଲି ଭୋଳ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

**ସଂକ୍ଷେପରେ**

### କାଠ ବୋଝେଇ ଗାଡ଼ି ଜବତ

ବେତନଟୀ,୨୦।୯(ଧରଣୀଧର ମହାନ୍ତି): ବେତନଟୀ ରେଞ୍ଜ କାର୍ଯ୍ୟାଳୟ ଅଧୀନ ସୁନାହଜା ନିକଟରୁ ଶାଗୁଆନ ଓ ନିମ କାଠ ଗଣ୍ଡି ବୋଝେଇ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ବନ ବିଭାଗ ଜବତ କରିଛି। ଏହି ଭ୍ୟାନ୍‌ରେ ୧୭ ଖଣ୍ଡ ଶାଗୁଆନ ଓ ନିମ କାଠ ଗଣ୍ଡି ଥିଲା। ବେତନଟୀ ରେଞ୍ଜ ଅଧିକାରୀ ମନୋୱର ଖାଁ, ଦୁର୍ଗାପୁର ଫରେଷ୍ଟ ଗାର୍ଡ ବିଜୟ ମହାନ୍ତ ଓ ବନ ବିଭାଗର କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

### ମାଈ ହାତୀ ମୃତ୍ୟୁ ଘଟଣା, ପୁଣି ଜଣେ ଗିରଫ

ମୋରଡ଼ା,(ସ୍ମାରକ ମାଜୀ)/ ବୈଶିଙ୍ଗା(ରତନ ଦାଶ)୨୦।୯- ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳି ଗ୍ରାମରେ ଗତ ୧୨ ତାରିଖରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଧାନ କ୍ଷେତର ସୁରକ୍ଷା ପାଇଁ ବିଦ୍ୟୁତ୍ ତାର ବିଛା ଯାଇଥିବା କାରଣରୁ ଉକ୍ତ ହାତୀର ମୃତ୍ୟୁ ଘଟିଥିବା ବେତନଟୀ ରେଞ୍ଜର ମନୱାର ଖାଁ ଏବଂ ଫରେଷ୍ଟର ଦୀପକ କୁମାର ପାତ୍ର ତଦନ୍ତ ପରେ ଜାଣିବାକୁ ପାଇଥିଲେ। ଏହି ଘଟଣାରେ ବନ ବିଭାଗ ପୂର୍ବରୁ ଉକ୍ତ ଗ୍ରାମର ସୁରେନ୍ଦ୍ର ହେମ୍ବ୍ରମ, ଦୁଖିଆ ମୁର୍ମୁ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ଭାଗିରଥି ହେମ୍ବ୍ରମଙ୍କୁ କୋର୍ଟ ଚାଲାଣ କରିଛି।

### ବିଦ୍ୟାଳୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜ ମୋହନ ମୁର୍ମୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ନୋଡାଲ କ୍ରୀଡ଼ା ପ୍ରଶିକ୍ଷକ କଳ୍ପନା ମହାପାତ୍ରଙ୍କ ସମେତ ନଳିନୀ ସେନାପତି, କ୍ଷୀରୋଦ ବେହେରା, ସୋନାଲି ପରିଡ଼ା, ଅଭିଷେକ ବେହେରା, ନାଦିଆ ଦାସ ଓ ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ବିଭିନ୍ନ ବିଭାଗରେ ପାୟଲ ହାଁସଦା, କିସୁନ ବାସ୍କେ, ସଲମା ହାଁସଦା, ରଘୁନାଥ ମୁର୍ମୁ, ଜସ୍ମିତା ସିଂ, ଧନୁର୍ଜୟ ମାର୍ଣ୍ଡି, ତରୁଣକାନ୍ତି ମାର୍ଣ୍ଡି, ଗୀତାଞ୍ଜଳି ମୁର୍ମୁ, ଚନ୍ଦନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୪ ବର୍ଷରୁ କମ୍ ବିଭିନ୍ନ ବିଭାଗରେ ପାପାଲି ସିଂ, ଖେଲେ ସୋରେନ, ରିଷିକ ସୋରେନ, ପାପାଲି ସିଂ, କିସୁନ କିସ୍କୁ ଓ ସରସ୍ୱତୀ ମୁର୍ମୁ ପ୍ରଥମ ସ୍ଥାନ ସ୍ଥାନ ଅଧିକାର କରିଥିଲେ। ଶନିବାର ବିଦ୍ୟାଳୟସ୍ତରୀୟ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ।

## ଶିମିଳିପାଳରୁ ୩ ଶିକାରୀ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ),୨୦।୯

ଶିମିଳିପାଳ ଅଭୟାରଣ୍ୟ କୋର ଅଞ୍ଚଳରେ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ବନ କର୍ମଚାରୀମାନେ ମିଳିତ ପାଟ୍ରୋଲିଂ କରୁଥିବା ସମୟରେ ୩ ଶିକାରୀଙ୍କୁ ଧରିଛନ୍ତି। ସେମାନେ ହେଲେ ମହୁଲଡିହା ଥାନା ଅନ୍ତର୍ଗତ ମନଡାଳଝରି ଗ୍ରାମର ସୁଦର୍ଶନ ପୂର୍ତ୍ତି(୩୬),ଦୁର୍ଯ୍ୟୋଧନ ପୂର୍ତ୍ତି (୫୨) ଓ ଚିରିପୋଦା ଗ୍ରାମର ଶ୍ରୀକୃଷ୍ଣ ସୁଣ୍ଡି(୨୫)। ସେମାନଙ୍କଠାରୁ ଶିକାର କାର୍ଯ୍ୟରେ ବ୍ୟବହୃତ ୮ଟି ଧନୁ, ୫ଟି ତୀର ଓ ୨ଟି ସମ୍ବର ସିଙ୍ଗ ଜବତ କରାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ ପରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ଉପ ନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି।



ବନ କର୍ମଚାରୀଙ୍କ ଉପସ୍ଥିତିରେ ଗିରଫ ୩ ଶିକାରୀ।

## ଡିହିରାକୁଳରେ ଭାଗବତ ଜନ୍ମ ଉତ୍ସବ

ଉଦଳା,୨୦।୯(ସନ୍ତୋଷ କୁମାର ବାଛିନୀ)- ଉଦଳା ବ୍ଲକ ଡିହିରାକୁଳ ଗ୍ରାମରେ ବୁଧବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ବାସୁଦେବ ମନ୍ଦିରରେ ଥିବା ସର୍ବପୁରାତନ ଭାଗବତ ଗାଦି ମଣ୍ଡପରେ ଏହି ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ପ୍ରତ୍ୟୁଷରେ ଭାଗବତ ମନ୍ଦିରରେ ମଙ୍ଗଳ ଆଳତି, ସକାଳ ଧୂପ, ବାଲ୍ୟ ଭୋଗ ଆଦି ଲାଗି କରାଯାଇଥିଲା। ପରେ ନୀତିକାନ୍ତି ଅନୁଯାୟୀ କଳସ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଭାଗବତ ଗାଦିର ମୁଖ୍ୟ ସନ୍ତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ଜୟନ୍ତ କୁମାର ବେହେରା, ଧର୍ମପତ୍ନୀ ନଳିନୀ ପ୍ରଭା ବେହେରା ସଙ୍କଳ୍ପ କାର୍ଯ୍ୟ ସମ୍ପାଦନ କରିଥିଲେ। ନାମ ସଂକୀର୍ତ୍ତନ ସହିତ ଶତାଧିକ ଭାଗବତ ପ୍ରେମୀ ଏକତ୍ରିତ ହୋଇ ଭାଗବତ ଗାନ କରିଥିଲେ। ଏଥିସହିତ ଏକ ଆଲୋଚନାଚକ୍ରରେ ଭାଗବତ ଶ୍ରବଣର ମାହାତ୍ମ୍ୟ ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ସର୍ବେଶ୍ୱର ବେହେରା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ବେହେରା, ହେମଲତା ବେହେରା, ଗଣେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଗ୍ରାମରେ ଥିବା ଭାଗବତ ଟୁଙ୍ଗୀ ଜଗନ୍ନାଥ ମନ୍ଦିରରେ ମଧ୍ୟ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି।

## ବିଧାୟକ ସନାତନ ବିଜୁଳିଙ୍କୁ ସ୍ୱାଗତ

**ବିଧାନସଭା ଏଥିକ୍ସ କମିଟି ଅଧ୍ୟକ୍ଷ ନିଯୁକ୍ତ**

ବୈଶିଙ୍ଗା,୨୦।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭାର ଏଥିକ୍ସ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ୨୨ଜଣ ବରିଷ୍ଠ ବିଧାୟକମାନଙ୍କୁ ନେଇ ଏଥିକ୍ସ କମିଟି ଗଠନ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷା, ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକର ଅନୁଧ୍ୟାନ କରିବା ସହିତ ଏ କ୍ଷେତ୍ରରେ ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ସରକାରଙ୍କୁ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ ଏହି କମିଟି କାର୍ଯ୍ୟ କରିବ। ତାଙ୍କ ଦକ୍ଷତା ଉପରେ ଭରସା କରି ବିଧାନସଭା ପକ୍ଷରୁ ଦିଆଯାଇଥିବା ଗୁରୁ ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠାର ସହ ପାଳନ କରିବେ ବୋଲି ବିଧାୟକ ବିଜୁଳି କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ସେ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ଏହି ନିଯୁକ୍ତିକୁ ବଡ଼ସାହି ନିର୍ବାଚନ ମଣ୍ଡଳୀର ଜନ ସାଧାରଣ ସ୍ୱାଗତ କରିଛନ୍ତି।


ବିଧାୟକ ସନାତନ ବିଜୁଳି।

## ମହିଳାଙ୍କ ବେକରୁ ସୁନାହାର ଲୁଟ୍

କରଞ୍ଜିଆ,୨୦।୯(କବିତା ମହାନ୍ତ)

କରଞ୍ଜିଆ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ ସମୟରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ହାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗୌରୀ ଶଙ୍କର ସିହ୍ନାଙ୍କ ସହିତ ସହରର ଲକ୍ଷ୍ମୀ ମାଇତି ଗୋଲେଇ ଛକରେ ଥିବା ବ୍ୟାଙ୍କକୁ ଯାଉଥିଲା ବେଳେପେଟ୍ରୋଲ ପମ୍ପ ନିକଟରେ ହଠାତ୍ ୨ ଲୁଟେରା ଏକ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେଇ ବାଇପାସ ରାସ୍ତା ଦେଇ ସାହାରପଡା ଆଡକୁ ପଳାଇ ଯାଇଥିଲେ। ମାସକ ତଳେ କାଦଡିହା ବିଦ୍ୟାଳୟରେ ପଶି ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଜଣ ଲୁଟେରା ସୁନା ହାର ଲୁଟି ନେଇଥିଲେ। ପୋଲିସ ଲୁଟେରାମାନଙ୍କୁ ଧରିବାରେ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ

ବୈଶିଙ୍ଗା,୨୦।୯(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାଠାରେ ଶୁକ୍ରବାର ଭାଜପା ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଜିଲା ଓବିସି ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରାଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ବୈଶିଙ୍ଗା ଡାକ୍ତରଖାନାଠାରେ ପହଞ୍ଚି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ସପ୍ତାହ ବ୍ୟାପୀ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଓବିସି ମୋର୍ଚ୍ଚାର ବୈଶିଙ୍ଗା ମଣ୍ଡଳ ସଭାପତି ତପନ କୁମାର ମହାନ୍ତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ ବଡ଼ସାହି ବିଧାୟକ ସନାତନ ବିଜୁଳି। ଅନ୍ୟମାନଙ୍କ ମଧ୍ୟରେ ବୈଶିଙ୍ଗା ମଣ୍ଡଳ ଭାଜପା ସଭାପତି ରତିକାନ୍ତ ମହାନ୍ତ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସାମଲ , ବରିଷ୍ଠ ନେତା ଲକ୍ଷ୍ମୀଧର ଦଣ୍ଡପାଟ, ଅମୂଲ୍ୟ ପାଣିଗ୍ରାହୀ,ଗଜେନ୍ଦ୍ର ବିଶ୍ୱାଳ, ଖଗେଶ୍ୱର ରାଉଳ, ଉତ୍ସର୍ଗ ବେହେରା, ଇନ୍ଦ୍ରାବତୀ ମୁର୍ମୁ ପ୍ରମୁଖ ସ୍ୱଚ୍ଛତା ପାଇଁ ଶପଥପାଠ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୦।୯(ମାନସ ମହାନ୍ତି)- ଗୋରୁମହିଷାଣୀ ଥାନା ଅନ୍ତର୍ଗତ ତେଝରଣ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁରା ଦେହୁରୀ (୩୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଲେ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା



କେନ୍ଦୁଝର,୨୦।୯(ଦୀପକ ମିଶ୍ର)

ଓଡ଼ିଶାରେ ଭାଜପା ସରକାରର ସଫଳତମ ୧୦୦ ଦିନ ପୂର୍ତ୍ତି ପରେ ନିଜ ଜନ୍ମମାଟି କେନ୍ଦୁଝରକୁ ୩ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସିଛନ୍ତି। ୩ ଦିନ ଧରି କେନ୍ଦୁଝରରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ବେଳେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ଜିଲା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଛନ୍ତି। ଏ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପାର୍ଟି କାର୍ଯ୍ୟାଳୟରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଇସୁଆଁ ଏୟାର ଷ୍ଟ୍ରିପ୍‌ଠାରେ ହେଲିକେପ୍ଟରରୁ ଅବତରଣ କରିବା ପରେ ଲାଇଫ୍ ସେଭର୍ସ ଗ୍ରୁପର ତୃତୀୟ ବାର୍ଷିକ ଉତ୍ସବରେ ଯୋଗଦେବାକୁ ବାହାରିଥିଲେ। ଏହି ସମୟରେ ଜିଲା ଭାଜପାର ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଯୁବମୋର୍ଚ୍ଚା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଅନେକ ହଜାର କର୍ମୀ ବାଇକ ଶୋଭାଯାତ୍ରା କରି ନେଇଥିଲେ।

# ଖୁଣ୍ଟା ପଞ୍ଚାୟତ ସମିତି ବୈଠକ ବାତିଲ


ଧାରଣାରତ ସରପଞ୍ଚ ସଂଘର ସଦସ୍ୟମାନେ।

**୭ ଦଫା ଦାବି ନେଇ ସଭା ଗୃହରେ ତାଲା ପକାଇଲା ସରପଞ୍ଚ ସଂଘ**

ଖୁଣ୍ଟା,୨୦।୯(ଦେବରଞ୍ଜନ ବେହେରା)

ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ୮ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବାକୁ ଥିଲା। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସରପଞ୍ଚମାନେ ସେମାନଙ୍କ ୭ ଦଫା ଦାବି ନେଇ ବୈଠକ ଗୃହରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପଞ୍ଚାୟତ ସମିତି ବୈଠକ ବାତିଲ ହୋଇଯାଇଥିବା ସୂଚନା ମିଳିଛି।

ବ୍ଲକକୁ ଆସିଥିବା ୧କୋଟି ୬୨ ଲକ୍ଷ ଟଙ୍କାର ଗ୍ରାଣ୍ଟ ଇନ୍ ଏଡ୍ ଅନୁଦାନର ଭାଗବଣ୍ଟାକୁ ନେଇ ଗତ କିଛି ଦିନ ଧରି ଉଭୟ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ମଧ୍ୟର ବିବାଦ ଲାଗି ରହିଥିଲା। ଗତ ୧୩ ତାରିଖରେ ଏହା ସହ ଅନ୍ୟ ୬ ଦଫା ଦାବି ନେଇ ବ୍ଲକ ସରପଞ୍ଚ ସଂଘ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲା। ବିଡିଓ ଗୌରାଙ୍ଗ ଚରଣ ଘୋଷ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସଂଘ ଧାରଣା ପ୍ରତ୍ୟାହାର କରିଥିଲା। ମାତ୍ର ଇତି ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଉକ୍ତ ଦାବିକୁ ନେଇ ବିଡିଓ କୌଣସି ଆଲୋଚନା କରି ନ ଥିବାରୁ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହରେ ତାଲା ପକାଯାଇଥିବା ସରପଞ୍ଚ ସଂଘର ସଭାପତି ନନ୍ଦ କିଶୋର ହାଁସଦା କହିଛନ୍ତି। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ଅଧ୍ୟକ୍ଷା ସୁଧନ୍ୟା ନାଏକ, ବିଡିଓ ଘୋଷ, ଥାନା ଆଇଆଇସି ସୁଜାତା ଖମାରି, ସରପଞ୍ଚ ଓ ସମିତି ସଂଘର ୨ଜଣ ଲେଖାଏ ପ୍ରତିନିଧି ଏକ ବୈଠକରେ ବସି ଦାବିର ସମାଧାନ ଦିଗରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମିତି ବୈଠକରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସରପଞ୍ଚମାନେ ଧାରଣରୁ ଉଠିଥିଲେ ଓ ସମିତି ବୈଠକ ବନ୍ଦ ରହିଥିଲା।

## ବଡ଼ବିଲ ମୁଖ୍ୟ ଡାକଘରେ ଅଚଳାବସ୍ଥା

**ରେଜଷ୍ଟ୍ରି, ସ୍ପିଡ୍ ପୋଷ୍ଟ, ଆଧାର ସେବାରୁ ଲୋକେ ବଞ୍ଚିତ**

ବଡ଼ବିଲ, ୨୦।୯(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ମୁଖ୍ୟ ଡାକଘରେ ଅଚଳାବସ୍ଥା ପରିସ୍ଥିତି ଉପୁଜିଛି। ଗତ ୩ ଦିନ ହେଲାଣି ଲୋକେ ବିଭିନ୍ନ ଡାକସେବା ଯଥା ରେଜଷ୍ଟ୍ରି, ସ୍ପିଡ୍ ପୋଷ୍ଟ, ଜମାଖାତା, ଆଧାର ସେବାରୁ ଲୋକେ ବଞ୍ଚିତ ହୋଇଛନ୍ତି। ଲିଙ୍କ୍ ଫେଲ ଯୋଗୁ କୌଣସି କାର୍ଯ୍ୟ ହୋଇପାରୁ ନ ଥିବାରୁ ଦୈନିକ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ବଡ଼ବିଲ ଡାକଘର ପୋଷ୍ଟ ମାଷ୍ଟର ବସନ୍ତ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଇଣ୍ଟରନେଟ୍ ଲିଙ୍କ୍ ନିମନ୍ତେ ଡାକଘରେ ଏକ ରୋଟର ରହିଛି। ରୋଟରଟି ସେପ୍ଟେମ୍ବର ୧୮ରେ ସର୍ଟ ହୋଇଯାଇଥିଲା। ଏ ନେଇ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ କରାଯାଇଛି। ରୋଟର ବଦଳାଯିବା ନେଇ ପିଏମଜି (ପୋଷ୍ଟ ମାଷ୍ଟର ଜେନେରାଲ) ଭୁବନେଶ୍ୱରଙ୍କ ମଞ୍ଜୁରୀ ଆବଶ୍ୟକ ରହିଥିବା ବେଳେ ପିଏମ୍‌ଜି ଗୁରୁବାର ଏହା ମଞ୍ଜୁର କରି କେନ୍ଦୁଝରକୁ ରୋଟର ପଠାଇଛନ୍ତି। କର୍ମଚାରୀଙ୍କୁ ରୋଟର ଆଣିବା ନିମନ୍ତେ ନିୟୋଜିତ କରାଯାଇଛି। ଶନିବାର କେନ୍ଦୁଝର ଜିଲା ମୁଖ୍ୟ ଡାକଘରୁ ରୋଟର ବଡବିଲରେ ପହଞ୍ଚିଲେ ଇଣ୍ଟରନେଟ ସଂଯୋଗ କରାଯିବ ବୋଲି ପୋଷ୍ଟ ମାଷ୍ଟର କହିଛନ୍ତି।

# ସିଆର୍‌ପିଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ

**ନୂଆପଡ଼ା,୨୦।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଢ଼ା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଦାଥୁନାମା ସିଆର୍‌ପିଏଫ୍ କ୍ୟାମ୍ପରେ ଝାଡୁଦାର ଭାବରେ କାର୍ଯ୍ୟରତ ୨୧୬ ବାଟାଲିଅନ ଯବାନଙ୍କ ଶୁକ୍ରବାର ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ବିହାର ରାଜ୍ୟ ଜମାଇ ଜିଲାର ଗଙ୍ଗା କୁମାର ରାମ (୪୮)। ସୂଚନା ମୁତାବକ ଶୁକ୍ରବାର ଭୋର ସମୟରେ ଗଙ୍ଗା ବ୍ୟାୟାମ କରୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଯବାନ ତାଙ୍କୁ ଉଠାଇଲା ବେଳକୁ ସେ ଅଚେତ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସମସ୍ତଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ନୂଆପଡ଼ା ସିଳଦାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପକୁ ନିଆଯାଇଥିଲା। ସେଠାରେ ତାଙ୍କ ମର ଶରୀରକୁ ସିଆର୍‌ପିଏଫ୍ ୨୧୬ ବାଟାଲିଅନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଷ ଓ ଅନ୍ୟ ଅଧିକାରୀମାନେ ଶେଷ ସମ୍ମାନ ଜଣାଇଥିଲେ। ପରେ ମର ଶରୀରକୁ ତାଙ୍କ ପୈତୃକ ଗାଁକୁ ପଠାଯାଇଥିବା ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଯୋଷଙ୍କ ସୂତ୍ରରୁ ପ୍ରକାଶ ।

## ଭୁବନେଶ୍ୱର ଶ୍ରୀରାମ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ହେଲେ ବିରଞ୍ଚି କୁମାର ରଥ

**ଭୁବନେଶ୍ୱର,୨୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ଶ୍ରୀରାମ ମନ୍ଦିର ସେବା ସମିତି ଭୁବନେଶ୍ୱର ପକ୍ଷରୁ ଟ୍ରଷ୍ଟ ବୋର୍ଡର ବୈଠକ ଶୁକ୍ରବାର ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କୁ ନେଇ ସଭାପତି ମନୋନୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଅବସରପ୍ରାପ୍ତ ବିଚାରପତି ବିରଞ୍ଚି କୁମାର ରଥଙ୍କୁ ଟ୍ରଷ୍ଟ ବୋର୍ଡ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହାପରେ ସଭାପତି ରଥଙ୍କ ଅଧ୍ୟକ୍ଷତାରେ ମନ୍ଦିରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

---

**GOVERNMENT OF ODISHA**

## OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR

**NOTICE INVITING TENDER e-Procurement**

**Bid ID No. 02 SEMID (KJR/2024-2025) Dt.11.09.2024**

No. A-299: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | | |
|---|---|---|
| Name of Work | : | Civil Construction Works |
| No. of Works | : | 2 (Two) Nos. |
| Estimated Cost | : | Rs.137.10 lakhs |
| Tender Paper Cost | : | Mentioned in Column No. 6 of Tender Call Notice |
| Period of Completion | : | 06 (Six) Calendar Months |
| Availability of Bid Documents | : | From 21.09.2024 to 03.10.2024 during office hours in Website **(www.tenderorissa.gov.in)** |
| Period of receipt of Bid through Online | : | From 21.09.2024 to 03.10.2024 through Online |
| Date of Opening of Technical Bid Documents | : | At 11.00 A.M. on 04.10.2024 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | : | At 11.00 A.M. on 08.10.2024 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | : | At 11.00 A.M. on 18.10.2024 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |
| Name and Address of the OIT | : | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: **eemikjr@yahoo.co.in** |

Further details can be seen from the website: **www.tendersorissa.gov.in**.

**Sd./- (Er. Sudhansu Sekhar Sahoo)**

**OIPR-32123/11/0001/2425** **Superintending Engineer, M.I. Division, Keonjhar**

---

idco | ODISHA NEW OPPORTUNITIES

No.CAD-1142

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.-BBSR / ELECT-II / E-88 / 22-23 / 3503 Dt : 17.09.2024

**Notice Inviting Tender Under National Competitive Bidding Through e-Procurement**

Name of the Work : Construction of 11KV line using 55 sqmm AAAC & installation of 100 KVA, 11/0.4 KV Plinth Mounted Substation using 11 mtr WPB pole at Special ITI for PwDs, Jatni

| Procurement Officer | Bid identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-08/24-25 | 25.09.2024 at 12.00 Hrs. | 05.10.2024 at 16.00 Hrs. |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

**Sd./- Divisional Head (Elect-II)**
**IDCO, Bhubaneswar**

OIPR-14003/11/0057/2425

---

## OFFICE OF THE PANCHAYAT SAMITI, BIRMAHARAJPUR

**No. 2725** **Date: 18.09.2024**

**(SHORT TENDER CALL NOTICE)**

No. i-165: Block Development Officer, Birmaharajpur on behalf of Government of Odisha invites sealed tender in Single Cover System from the intending bidder for execution of works mentioned in the table below. The eligible contractors registered with the State Government and contractors of equivalent Grade/Class registered with Central Government/MES/Railways or other Licensing Authority for execution of Civil works on production of definite proof form the appropriate authority can participate in the BID.

| Sl. No. | Name of Work | Estimated Cost put to Tender (in Rs.) | EMD | Class of Contractor | Cost of Tender Paper (in Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Addl. Class Room along with Smart Board at Raghunath High School, Mursundhi | Rs.12,71,187.00 | 12712.00 | "C" | 6000.00 | 6 Months |

The tenderers are requested to submit valid & up-to-date photo copy of licence, GST Certificate, copy of PAN Card along with tender documents. The tender bids complete in all respect must reach in the address of the Block Development Officer, Birmaharajpur through Registered Post/Speed Post on or before 05.30 P.M. of Dt.04.10.2024 and will be opened on Dt.05.10.2024 at 11.30 A.M. in presence of the tenderers or their authorized representatives willing to be present. BID must be accompanied by EMD/BID security of the amount as specified for the work at Column No. 4 of the above table, duly pledged in favour of Block Development Officer, Birmaharajpur. The tender document will be sold from Dt.20.09.2024 to Dt.03.10.2024 10.00 A.M. to 5.30 P.m. on payment of tender paper cost as noted above to be deposited in the Cash Counter of Panchayat Samiti Office, Birmaharajpur. The tenderer must be mentioned the name of the work in Capital Letter on the top of the envelope of tender paper to be submitted.
The authority will not be held responsible for any postal delay in respect of receipt of tender documents and reserves the right to accept or reject any or all tenders without assigning any reason thereof.

**OIPR-19420/11/0001/2425** **Sd./- Block Development Officer, Birmaharajpur**

---

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**2nd Corrigendum to NIT No.34/OMC/CIVIL/2024**

**No.CAD-1136:**The following amendment is hereby incorporated in the above NIT.

The time period of work corresponds to Serial No.1 is hereby revised to 04 (Four) months instead of 06 (Six) months.

All other terms & conditions of the above NIT shall remain unchanged.

Please visit Govt. website www.tendersodisha.gov.in.

**OIPR-30005/11/0084/2425** **Sd./-General Manager (Civil)**

---

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

# ODISHA SCHOOL EDUCATION PROGRAMME AUTHORITY

**" SHIKSHA SOUDHA", UNIT-V, BHUBANESWAR-751001**

**RFP No.8898/TT/2024** **Dated 19.09.2024**

## NOTICE INVITING REQUEST FOR PROPOSAL (RFP)

**No.n-**Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an Event Management Agency (EMA) for branding, overlays & other related activities pertains to the Orientation programme of Junior Teachers (Schematic) Scheduled to be held on 5.10.2024 at Kalinga Hockey Stadium, Bhubaneswar.

The RFP document will be available in the OSEPA website osepa.odisha.gov.in. The bidders fulfilling the prescribed eligibility criteria of the RFP can access download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified in the website mentioned above.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | By 12 Noon of 20.09.2024 |
| 2 | Last Date for Submission of Bid | By 26.09.2024- 5.00 PM |
| 3 | Date of Opening of Technical Bid | On 27.09.2024 - 11.00 AM |
| 4 | Date of technical presentation of qualified bidders | On 27.09.2024 - 11.30 AM onwards |
| 5 | Date of Opening of Financial Bid | On 27.09.2024 - 4 PM |

The proposal complete in all respects must reach the undersigned by Speed Post/ Registered Post/ Courier only latest by 26.09.2024 before 5.00 P.M. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any / all BIDs / cancel the entire selection process at any stage without assigning any reason thereof.

**Address for Submission of Proposal:**

**State Project Director,**
**Odisha School Education Programme Authority (OSEPA)**
**"Shiksha Soudha", Unit-V, Bhubaneswar, Odisha - 751001**

**Sd./-**
**State Project Director**

**OIPR-27068/11/0007/2425**

---

GOVERNMENT OF ODISHA

## HEALTH & FAMILY WELFARE DEPARTMENT
## OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR) ODISHA-768017

**E.mail:vimsarsuptd24@gmail.com**

**No.12992/VIMSAR Dated, Burla, the 18th September, 2024**

**TENDER CALL NOTICE**

**No.E-328:**Sealed tenders are hereby invited by the undersigned from the reputed Manufacturer/Authorized Dealers & Registered firms under GST Act for supply of the Minor Instruments & equipments required for the Dental Department of this hospital, so as to reach this office of the Superintendent, VSS Institute of Medical Sciences & Research, Burla on or before dt.17.10.2024 upto 4.00 P.M. through Regd.Post/ Speed Post/Couriers only and that will be opened in the next working day at 12.30 P.M.
The detail list of the instruments & equipments alongwith terms and conditions of this Tender Call Notice can be downloaded from Dist. website www.Sambalpur.nic.in & www.vimsar.ac.in.
The undersigned/ committee reserves the full right to accept in full or reject any or all the tenders without assigning any reason thereof.

**Sd./- Superintendent**
**VSS Inst. of Med.Sc. & Research, Burla**

OIPR-10187/11/0007/2425

---

ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର

## OFFICE OF THE DIVISIONAL FOREST OFFICER BALASORE WILDLIFE DIVISION

**At/Po:KURUDA, Dist:BLASORE, Pin:756056, ODISHA**
Control Room:+91-9437691870, e-mail:dfowl_bls@yahoo.co.in/ dfo.balasorewl@odisha.gov.in.

**WALK-IN-INTERVIEW**

**No.MM-163:**Interested candidates with essential qualification and eligibility (as detailed in website balasore.odisha.gov.in) are requested to appear the interview on **dt.26.09.2024 at 5.00 PM** in the Conference Hall, New Collectorate Building, Balasore, At/Po/Dist-Balasore for engagement of **Subject Matter Specialist (SMS)** in **Agriculture** through Outsourcing Agency for the Project **"Enhancing Climate Resilience of Indian Coastal Communities (ECRICC)"** in the office of the Division Forest Officer, Balasore Wildlife Division under Department of Forest, Environment and Climate Change Department, Govt. of Odisha.

**Sd./- Divisional Forest Officer**
**Balasore Wildlife Division**
**Balasore**

**OIPR-08036/11/0005/2425**

---

## Zilla Swasthya Samiti, Deogarh
## National Health Mission, Deogarh

No.3311 Date:18.09.2024

**NOTICE**

**No.E-330:** Applications are invited from the contractual employees of NHM working in the same post under OSH&FW Society in other district desiring to be posted in Deogarh district against the vacant post mentioned below.

| Sl. No. | Name of the Post | Category wise vacancy |
|---|---|---|
| 1. | M.O. (MBBS) SNCU | 02 |
| 2. | M.O. (MBBS) DEIC | 01 |
| 3. | Pediatrician, DEIC | 01 |
| 4. | Psychiatric Social Worker | 01 |
| 5. | Psychiatric Nurse | 01 |
| 6. | Accountant-cum-DEO/Block Account Manager | 01 |
| 7. | Counselor, RMNCH+A | 02 |
| 8. | Medical Officer, Ayush (ST) (Ayurvedic) | 01 |
| 9. | Office Assistant | 01 |

Interested eligible in-house candidates may long to www.deogarh.nic.in for details terms and conditions and application form etc. may apply to the relevant post in the prescribed form to the Office of the Chief District Medical & Public Health Officer-cum-District Mission Director, Deogarh on or before 30.09.2024 by 5.00 PM only through speed post / registered post / Courier. Application received after the due date & time will not be considered. Number of vacancies under this advertisement is provisional which may be increase or decrease depending upon the actual vacancy. Time to time notification regarding status of section process will be web hoisted in district website. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any postal delay.

**OIPR-10113/11/0003/2425** **Sd./- CDM & PHO-cum-DMD, Deogarh**

---

GOVERNMENT OF ODISHA

## HEALTH & FAMILY WELFARE DEPARTMENT
## OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017

**E-mail: vimsarsuptd24@gmail.com**

**No. 12954/VIMSAR Dated, Burla, the 18th September, 2024**

**TENDER CALL NOTICE**

No. E-329: Sealed tenders are hereby invited by the undersigned from the reputed Manufacturer/Authorized Dealers and Registered firms under GST Act for supply of Blood Collection Monitor required for the Blood Centre of the VIMSAR, Burla, so as to reach this office of the Superintendent, VSS Institute of Medical Sciences & Research, Burla on or before Dt.21.10.2024 upto 5.00 P.M. through Regd. Post/Speed Post/Couriers only and that will be opened on 22.10.2024 at 11.30 A.M. The delay in receipt of tender paper is the responsibility of the tenderer.
The detail technical specifications of the above equipment along with terms and conditions of this Tender Call Notice can be downloaded from Dist. website **www.sambalpur.nic.in**.
The undersigned/committee reserves the full right to accept in full or reject any or all the tenders without assigning any reason thereof.

**Sd./- Superintendent**
**VSS Inst. of Med. Sc. & Research, Burla**
**OIPR-10187/11/0005/2425**

---

## ODISHA STATE CIVIL SUPPLIES CORPORATION LTD.

**(A Govt. of Odisha Undertaking)**
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894
Tel No. : 0674-239539, Fax No. : 0674-2395291, website : www.oscsc.in

Tender No. 11168/P-II/91/2023/PDS Dt. 18.09.2024

No.CAD-1126 : Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transporation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 19.09.2024 |
| 3 | Last Date / Time for receipt of bids in the portal | Dt. 25.09.2024 up to 5.00 P.M. |
| 4 | Date / Time of Opening of Technical Bid | Dt. 26.09.2024 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2 Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum / cancellation / retenders etc. if any shall be published only in above websites.

**By Order of Managing Director**
**Sd./- General Manager (PDS)**

OIPR-07002/11/0008/2425

---

# Government of Odisha
# "e" Procurement Notice

No.O-289

**Bid Identification No. : Online-AGL-04 of 2024-2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs. 7.64 to 56.00 lakhs |
| 3 | Period of Completion | : | 06 (Six) Calendar Months |
| 4 | Date & time of availability of bid document in the portal | : | From 23.09.2024 to 30.09.2024 upto 5.00 P.M. |
| 5 | Last Date/time for receipt of bids In the portal | : | 30.09.2024 upto 5.00 P.M. |
| 6 | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

**Sd./- Executive Engineer**
**R.W.Division, Angul**

OIPR-25096/11/0005/2425

---

## WORKS DEPARTMENT
## OFFICE OF THE EXECUTIVE ENGINEER

No.B-301

**Mayurbhanj (R&B) Division, Baripada**
e-mail : bpd_eerb@rediffmail.com
Government of Odisha "e" Procurement Notice

**Bid Identification No. - E.E 30/2024-25**

| | | | |
|---|---|---|---|
| 1 | Number of works | : | 02 (Two) number of works |
| 2 | Approximate estimated cost | : | 60.04 lakh to 93.70 lakh |
| 3 | Period of Completion | : | 03 (Three) & 05 (Five) Calendar Months |
| 4 | Date & Time of availability of bid documents in the portal | : | Dt. 30.09.2024 to 14.10.2024 |
| 5 | Last date / Time of receipt of bid in the portal | : | Dt. 14.10.2024 up to 5.00 P.M. |
| 6 | Date of Opening of bid | : | Dt. 15.10.2024 at 11.00 A.M. |
| 7 | Name & address of the Office inviting bid | : | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in

**Sd./- Executive Engineer**
**Mayurbhanj (R&B) Division**

OIPR-34025/11/0008/2425

---

## ଓଡ଼ିଶା ସରକାର
## ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼ ଜିଲ୍ଲା, ସମ୍ବଲପୁର କ୍ଷେତ୍ର

ଇ-ମେଲ୍: mo.bargarh@gmail.com

ତା: ୧୭।୦୯।୨୦୨୪

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No. G-16: ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୧୩ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।
ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।
ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।
ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ଼ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।
ଇଚ୍ଛୁକ ବିଡରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ଫର୍ମ - Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

**ସମୟସାରଣୀ:**
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ: ୧୮।୧୦।୨୦୨୪।
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୮।୧୦।୨୦୨୪।
ନିଲାମ ତାରିଖ: ୨୯।୧୦।୨୦୨୪ରୁ ୦୬।୧୧।୨୦୨୪।

**କ୍ୱାରିଗୁଡ଼ିକର ତାଲିକା:**

| କ୍ର.ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|
| | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ | | | |
| ୧ | ସମ୍ବଲପୁର | ବରଗଡ଼ | ଅମ୍ବାଭୋନା | ସମ୍ବଲପୁରୀ ପଥର ଖଣି | ସମ୍ବଲପୁରୀ | ୫୮ | ୩୩୫(ରୁ) | ଡୁଙ୍ଗୁରୀ | ୨.୮୫୬ | ପ୍ରାପ୍ତବ୍ୟ | ୧୦୦ | ୮୦୦ |
| ୨ | ସମ୍ବଲପୁର | ବରଗଡ଼ | ଅମ୍ବାଭୋନା | ନାକଟି ଛପର ମୋରୁମ ଖଣି | ନାକଟିଛପର | ୪୧ | ୨୬୬(ରୁ) | ଗୋଚର | ୧.୦୧ | ପ୍ରାପ୍ତବ୍ୟ | ୧୦୦ | ୫୦୧ |
| ୩ | ସମ୍ବଲପୁର | ବରଗଡ଼ | ଭେଡ଼େନ | ଝରାପାଲି ପଥର ଖଣି | ଝରାପାଲି | ୫୯୫ | ୯୧୧ | ପଥର ଚଟାଣ | ୪.୮୫୬ | ପ୍ରାପ୍ତବ୍ୟ | ୬୦ | ୨୦୦୦ |
| ୪ | ସମ୍ବଲପୁର | ବରଗଡ଼ | ଭେଡ଼େନ | ଅପାମରା ବାଲି ଖଣି | ଅପାମରା | ୩୨୧ | ୮୧୯ | ନଦୀ | ୫.୦୫ | ପ୍ରାପ୍ତବ୍ୟ | ୪୬ | ୧୫୦୦ |
| ୫ | ସମ୍ବଲପୁର | ବରଗଡ଼ | ଭେଡ଼େନ | ଅଛଣ୍ଡାପାଲି-ଖ ବାଲି ଖଣି | ଅଛଣ୍ଡାପାଲି | ୨୧୨ | ୩୬୧(ରୁ) | ନଦୀ | ୪.୮୫ | ପ୍ରାପ୍ତବ୍ୟ | ୪୬ | ୨୦୦୦ |
| ୬ | ସମ୍ବଲପୁର | ବରଗଡ଼ | ଭେଡ଼େନ | ବରପଦର ବାଲି ଖଣି | ବରପଦର | ୩୮୭ | ୧୫୨୬ (ରୁ) | ନଦୀ | ୪.୮୫ | ପ୍ରାପ୍ତବ୍ୟ | ୪୬ | ୨୦୦୦ |
| ୭ | ସମ୍ବଲପୁର | ବରଗଡ଼ | ବରପାଲି | ଚିକିନିପାଲି ପଥର ଖଣି | ଚିକିନିପାଲି | ୧୪୮ | ୪୭୮ | ପଥର ଚଟାଣ | ୧.୦୮୧ | ପ୍ରାପ୍ତବ୍ୟ | ୧୦୦ | ୨୦୦୦ |
| ୮ | ସମ୍ବଲପୁର | ବରଗଡ଼ | ଭଟଲି | କମଗାଁ ବାଲି ଖଣି | ବଉଲସିଂହା, କମଗାଁ | ୩୪୪, ୮୨୨ | ୧୪୦୦ (ରୁ), ୩୭୦୧ | ନଦୀ | ୫.୬୭ | ପ୍ରାପ୍ତବ୍ୟ | ୮୦ | ୨୦୦୦ |
| ୯ | ସମ୍ବଲପୁର | ବରଗଡ଼ | ଝାରବନ୍ଧ | ବଡ଼ଙ୍କି ବାଲି ଖଣି | ବଡ଼ଙ୍କି | ୧୨୯ | ୧/ ୧୨୩୦ | ନଦୀ | ୪.୮୫ | ପ୍ରାପ୍ତବ୍ୟ | ୮୦ | ୨୦୦୦ |
| ୧୦ | ସମ୍ବଲପୁର | ବରଗଡ଼ | ଝାରବନ୍ଧ | ଲେରଗାଁ ବାଲି ଖଣି | ଲେରଗାଁ | ୧୨୨ | ୧୧୨୨ (ରୁ) | ନଦୀ | ୪.୯୮ | ପ୍ରାପ୍ତବ୍ୟ | ୮୦ | ୨୫୫୦ |
| ୧୧ | ସମ୍ବଲପୁର | ବରଗଡ଼ | ଝାରବନ୍ଧ | ଲଉଡ଼ିଧରା ପଥର ଖଣି | ଲଉଡ଼ିଧରା | ୧୪୫ | ୧୧୩୧/ ୨୫୫୮ | ପଥର ଚଟାଣ | ୧.୦୧ | ପ୍ରାପ୍ତବ୍ୟ | ୮୩ | ୨୦୦୦ |
| ୧୨ | ସମ୍ବଲପୁର | ବରଗଡ଼ | ପାଇକମାଳ | ବ୍ରାହ୍ମଡିହି ବାଲି ଖଣି | ବ୍ରାହ୍ମଡିହି | ୭୯ | ୧୫୪(ରୁ) | ନଦୀ | ୨.୪୦ | ପ୍ରାପ୍ତବ୍ୟ | ୮୦ | ୫୦୦ |
| ୧୩ | ସମ୍ବଲପୁର | ବରଗଡ଼ | ପାଇକମାଳ | ମଣ୍ଡିଆଢ଼ିପା ବାଲି ଖଣି | ମଣ୍ଡିଆଢ଼ିପା | ୧୮୩ | ୧/ ୨୧୬୫, ୧/ ୨୧୬୬ | ନଦୀ | ୪.୯୭ | Ss | ୮୦ | ୫୪୦ |

**OIPR-30036/11/0004/2425** **ଖଣି ଅଧିକାରୀ, ବରଗଡ଼**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


କଲ୍ୟାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଷ୍ଟକ୍ ମାର୍କେଟର ଐତିହାସିକ ରେକର୍ଡ

## ଶେଷ ଦିନରେ ୬ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

ନୂଆଦିଲ୍ଲୀ,୨୦।୯ (ଅଭୟ ଦାଶ)

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ମଧ୍ୟରେ ଭାରତୀୟ ଷ୍ଟକ ମାର୍କେଟ ଏକ ନୂଆ ମାଇଲଖୁଣ୍ଟ ସହ ଐତିହାସିକ ରେକର୍ଡ ସ୍ଥାପନ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରର ଶେଷ ଦିନରେ ନିବେଶକ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ଉଲ୍ଲେଖଯୋଗ୍ୟ, ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ



(ଏନ୍ଏସ୍ଇ) ର କାରବାର ଶୁକ୍ରବାର ନୂଆ କୀର୍ତ୍ତିମାନ ହାସଲ କରିଛି। ଚଳିତ ସପ୍ତାହର ଶେଷ ଦିନରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନ୍ସେକ୍ସ ୧୩୬୦ ପଏଣ୍ଟର କାରବାର ସହିତ ୮୪, ୫୦୦ ଅଙ୍କରେ ରହିଥିଲାବେଳେ ଏନଏସଇ ନିଫ୍ଟି ୪୦୦ ପଏଣ୍ଟ ସହିତ ୨୫,୮୦୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଫଳରେ ଶୁକ୍ରବାର ଶେୟାର ବଜାରର ନିବେଶକ ୬ ଲକ୍ଷ କୋଟି ( ୬.୨୪ ଲକ୍ଷ କୋଟି) ରୁ ଅଧିକ ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଡ଼ିଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ପୁଞ୍ଜି ବଜାରର ମୂଲ୍ୟ ୪୬୫.୪୭ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ଶେଷ ଦିନର କାରାବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୬.୨୪ ଲକ୍ଷ କୋଟି ସହିତ ୪୭୧. ୭୧ ଲକ୍ଷ କୋଟିରେ ପହଞ୍ଚିଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୩୫୯ (୧୩୫୯.୫୧) ପଏଣ୍ଟ ବଢି ୮୪,୫୪୪ (୮୩,୫୪୪.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୭୫ (୩୭୫.୧୫) ପଏଣ୍ଟ ବୃଦ୍ଧି ଘଟି ୨୫,୭୯୧ (୨୫,୭୯୦.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ୱଣ୍ଡେର୍ଲାକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବେ ସରକାର




## ୱଣ୍ଡେର୍ଲା ପାର୍କ ଉଦ୍ଘାଟିତ

ଭୁବନେଶ୍ୱର,୨୦।୯ (ଅଭୟ ଦାଶ)

ଭାରତର ସର୍ବବୃହତ୍ ଆମ୍ୟୁଜମେଣ୍ଟ ପାର୍କ ଚେନ୍ ତଥା ୱଣ୍ଡେର୍ଲା ହଲିଡେଜ୍ସ ଲିମିଟେଡ୍‌ର ପ୍ରମୁଖ ଶାଖା ପାର୍କ 'ୱଣ୍ଡେର୍ଲା' ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମର୍ଥ ବର୍ମା, ଡାଇରେକ୍ଟର ଟୁରିଜମ୍‌ଙ୍କ ସମେତ ୱଣ୍ଡେର୍ଲା ହଲିଡେଜ୍ସ ଲିମିଟେଡ୍‌ର ଏମ୍‌ଡି ଅରୁନ୍ କେ ଚିଟ୍ଟିଲାପିଲେ, ପ୍ରେସିଡେଣ୍ଟ ଶିବଦାସ ଏମ୍, ସିଓଓ ଧୀରେନ ଚୌଧାରୀ ଏବଂ ପାର୍କ ହେଡ୍ ଭୁବନେଶ୍ୱର କଳ୍ପତରୁ ନାୟକ ଓ କାର୍ଯ୍ୟନିର୍ବାହୀଗଣ ଯୋଗଦେଇଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ରାଜ୍ୟର ପ୍ରଥମ ଓ ସର୍ବବୃହତ୍ ଆମ୍ୟୁଜ୍‌ମେଣ୍ଟ ପାର୍କ ୱଣ୍ଡେର୍ଲାକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ପାର୍କ ଯୁବବର୍ଗଙ୍କ ମନକୁ ପ୍ରେରଣା ଦେବା ସହ ରାଜ୍ୟର ମନୋରଞ୍ଜନ କ୍ଷେତ୍ରରେ ବୃଦ୍ଧି ଘଟାଇବ ଏବଂ ପର୍ଯ୍ୟଟନ ଅଭିବୃଦ୍ଧିରେ ଅବଦାନ ରଖିବ। ବିଶ୍ୱ ଶ୍ରେଣୀର ରାଇଡ୍ ଏବଂ ସର୍ବୋଚ୍ଚ ନିରାପତ୍ତା ମାନକ ଅନୁପାଳନ ସହ ୱଣ୍ଡେର୍ଲା ପରିବାର ଓ ପରିଦର୍ଶକଙ୍କ ପାଇଁ ଏକ ଅନନ୍ୟ ଅନୁଭୂତି ଯୋଗାଇଦେଉଛି। ସେହିଭଳି ଅରୁଣ କେ ଚିଟ୍ଟିଲାପିଲେ କହିଥିଲେ, ଆମେ ଓଡ଼ିଶା ସରକାରଙ୍କ ସମର୍ଥନରେ ସମଗ୍ର ଭାରତରେ ଆମର ଉପସ୍ଥିତି ସମ୍ପ୍ରସାରିତ କରୁଥିବାବେଳେ ୱଣ୍ଡେର୍ଲା ଭୁବନେଶ୍ୱରର ଭବ୍ୟ ଉଦ୍ଘାଟନ ଆମ ପାଇଁ ଏକ ଗୌରବର ମୁହୂର୍ତ୍ତ ହୋଇଛି। ସେମାନଙ୍କର ଉତ୍ସାହ ଏବଂ ସହଯୋଗିତା ଏହି ପ୍ରକଳ୍ପକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ଏବଂ ରାଜ୍ୟରେ ପର୍ଯ୍ୟଟନ ଓ ଆମୋଦ ପ୍ରମୋଦକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ଦୂରଦୃଷ୍ଟିକୁ ନେଇ ଆମେ କୃତଜ୍ଞ ମନେକରୁଛୁ।

# ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତାକୁ ବହୁଗୁଣିତ କରିବ

ନୂଆଦିଲ୍ଲୀ,୨୦।୯ (ଅଭୟ ଦାଶ)

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ କୋଇଲା ପରିବହନକୁ ସୁଗମ କରିବା ଲାଗି ଭାରତ ସରକାର ସର୍‌ଡେଗା-ଭାଲୁମୁଣ୍ଡା ରେଳ ଲାଇନ ସଂଯୋଗୀକରଣ ପ୍ରକଳ୍ପକୁ ଅନୁମୋଦନ ଦେବା ସହ କାର୍ଯ୍ୟକାରୀ ମଧ୍ୟ କରାଇଛନ୍ତି। ଏପରିକି ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଦ୍ୱାରା ଏହି ପ୍ରକଳ୍ପକୁ ନିକଟରେ ଅନୁମୋଦନ ଦିଆଯାଇଛି। ଫଳରେ ବେଦାନ୍ତର ଜାମକାନି ଓ ଘୋଗରପାଲୀ କ୍ୟାପ୍ଟିଭ ଖଣିରୁ ୧୦୦% ରେଳଭିତ୍ତିକ କୋଇଲା ଛାଡ଼ିବା ସହ ସଡ଼କ ପରିବହନ ପରିବର୍ତ୍ତେ ଏହି ପ୍ରକଳ୍ପ ଅଙ୍ଗାରକାମ୍ଳ ପଦଚିହ୍ନ ଓ କୋଇଲା ଲଜିଷ୍ଟିକ୍ସ ବ୍ୟୟକୁ ହ୍ରାସ କରିବ। ୩୭କି.ମି. ବିଶିଷ୍ଟ ରେଳଲାଇନ ବେଦାନ୍ତ



କୋଇଲା ଖଣିରୁ କୋଇଲା ପରିବହନକୁ ଶୃଙ୍ଖଳିତ କରିବା ସହିତ ଦ୍ରୁତ ଲୋଡିଂ ସିଷ୍ଟମ ମାଧ୍ୟମରେ କ୍ରମାଗତ କୋଇଲା ଗୁଣ ଓ ଲଜିଷ୍ଟିକ୍ସକୁ ନିଶ୍ଚିତ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ (ଡ୍ରାଇଭିଂ) ପାଇଁ ଆମେ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ, ଯାହା ଆମର ଯୋଗାଣ ଶୃଙ୍ଖଳା କାର୍ଯ୍ୟଦକ୍ଷତାକୁ ବହୁଗୁଣିତ କରିବ। ଏପରିକି ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ ପ୍ରତି ଆମର ପ୍ରୟାସରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିବ।

# ମ୍ୟାକ୍ସ ଫ୍ୟାଶନର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୦।୯ (ଅଭୟ ଦାଶ)

ଦେଶର ପ୍ରମୁଖ ତଥା ଦୁବାଇସ୍ଥିତ ଲ୍ୟାଣ୍ଡମାର୍କ ଗ୍ରୁପ୍‌ର ଫ୍ୟାଶନ ବ୍ରାଣ୍ଡ୍ ମ୍ୟାକ୍ସ ଫ୍ୟାଶନର ନୂତନ ଅଭିଯାନ (କ୍ୟାମ୍ପେନିଂ) 'ନ୍ୟୁ ନ୍ୟୁ ୟୁ' ର ଶୁଭାରମ୍ଭ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଏହି କ୍ୟାମ୍ପେନିଂ ପାଇଁ ବ୍ରାଣ୍ଡ ଷ୍ଟାଇଲ ଆଇକନ ତଥା ଅଭିନେତ୍ରୀ କଲ୍‌କି କୋଚ୍‌ଲିନଙ୍କ ସହ ଏକ ସ୍ୱତନ୍ତ୍ର ସହଭାଗିତା ସ୍ଥାପନ କରିଛି। ଏହା ସହ ବ୍ରାଣ୍ଡ୍ ଏକ ନୂଆ ଅଧ୍ୟାୟରେ ମଧ୍ୟ ପ୍ରବେଶ କରିବା ଲାଗି ପ୍ରସ୍ତୁତ ହୋଇଛି। ସେହିଭଳି ଏହି କ୍ୟାମ୍ପେନିଂ ଜରିଆରେ ଏକ ପରିଭାଷିତ କଲେକ୍ସନ ମଧ୍ୟ ସାମିଲ ରହିଛି, ଯାହା ଚଳିତ ପାର୍ବଣର ଉତ୍ସାହ ହେଉ କିମ୍ବା ବନ୍ଧୁମିଳନ ପାଇଁ ପୁନଃ ଆବିଷ୍କାରର ଭାବନାକୁ କ୍ୟାପ୍ଟର କରୁଛି, ଯେଉଁଥିରେ ୱର୍କୱେୟାର, କାଜୁଆଲ ଆଉଟଫିଟ,ଫ୍ୟୁଜନ ଫେଷ୍ଟିଭ ୱେୟାର କିମ୍ବା ହାଇ-ଗ୍ଲାମ ଅକେଜନ ୱେୟାର ଭଳି ଷ୍ଟାଇଲଗୁଡ଼ିକ ସାମିଲ ରହିଛି। ସେହିପରି ମ୍ୟାକ୍ସ ଫ୍ୟାଶନ ଓ କଲ୍‌କି କୋଚଲିନ 'ନ୍ୟୁ ନ୍ୟୁ ୟୁ' କ୍ୟାମ୍ପେନିଂ ଦେଶବ୍ୟାପୀ ସମସ୍ତ ମ୍ୟାକ୍ସ ଫ୍ୟାଶନ ଷ୍ଟୋର ଏବଂ ବ୍ରାଣ୍ଡ୍‌ର ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ମଧ୍ୟ ୨୦୨୪ ସେପ୍ଟେମ୍ବର ୨୦ରୁ ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ମ୍ୟାକ୍ସ ଫ୍ୟାଶନର ଡେପୁଟି ସିଇଓ ସୁମିତ ଚନ୍ଦନା କହିଛନ୍ତି, ନ୍ୟୁ ନ୍ୟୁ ୟୁ' କ୍ୟାମ୍ପେନିଂ ସହିତ ଆମେ କେବଳ ଏକ ନୂଆ କଲେକ୍ସନ ଲଞ୍ଚ କରି ନାହୁଁ ବରଂ ୨୧୦ରୁ ଅଧିକ ଭାରତୀୟ ସହରରେ ଥିବା ବ୍ରାଣ୍ଡ୍‌ର ୫୨୦ରୁ ଅଧିକ ଷ୍ଟୋରରେ ନିରନ୍ତର ଉଦ୍ଭାବନ ଆଣିବା ପ୍ରତି ଆମର ଖୁଚୁରା ରଣନୀତିକୁ ମଜଭୁତ କରିଛୁ। ଏହି ଅଭିଯାନ (କ୍ୟାମ୍ପେନ) ଆମର ବ୍ୟବସାୟରେ ଏକ ନୂଆ ଅଧ୍ୟାୟକୁ ଚିହ୍ନିତ କରୁଛି, ଯେଉଁଠାରେ ଆମେ ଗ୍ରାହକ ସନ୍ତୁଷ୍ଟୀକରଣ ଓ ଷ୍ଟାଇଲରେ ପରିବର୍ତ୍ତନ ପ୍ରତି ଆମର ଦୃଢ ପ୍ରତିଶ୍ରୁତିବଦ୍ଧତା ସହ ଉଭୟ ଫିଜିକାଲ ଷ୍ଟୋର ଓ ଅନ୍‌ଲାଇନରେ ଆମର ଉପସ୍ଥିତିକୁ ବିସ୍ତାର କରିବା ଉପରେ ଧ୍ୟାନ ଦେଉଛୁ।

# ୟୁବିଆଇର ନୂତନ ଶାଖା ଉଦ୍ଘାଟିତ



ଭୁବନେଶ୍ୱର,୨୦।୯ (ଅଭୟ ଦାଶ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ନୂତନ ଶାଖା 'ନିଶ୍ଚିନ୍ତକୋଇଲ ଶାଖା' ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ସମେତ ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପକ୍ଷେତ୍ରୀୟ ମୁଖ୍ୟ ଦିଲୀପ କୁମାର, ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ନିଶ୍ଚିନ୍ତକୋଇଲି ଶାଖାର ଶାଖା ପ୍ରବନ୍ଧକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନ କହିଥିଲେ, ନିଶ୍ଚିନ୍ତକୋଇଲି ଶାଖା ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟାଙ୍କର ସମସ୍ତ ସୁବିଧା ସହି ଉତ୍ତମ ସେବା ଯୋଗାଇଦେବ। ଏପରିକି ଉକ୍ତ ଅଞ୍ଚଳର ଆର୍ଥିକ ବିକାଶରେ ମଧ୍ୟ ବ୍ୟାଙ୍କ ଆବଶ୍ୟକ ସହାୟକ ହେବ।

ଉଲ୍ଲେଖଯୋଗ୍ୟ, ୟୁବିଆଇର ଏହି ନୂତନ ଶାଖା ବ୍ୟାଙ୍କର କଟକ କ୍ଷେତ୍ର ଅଧୀନରେ ଆସୁଥିବା ନିଶ୍ଚିନ୍ତକୋଇଲିଠାରେ ଆରମ୍ଭ ହୋଇଛି। ଏପରିକି ୟୁବିଆଇ କଟକ କ୍ଷେତ୍ର ଅଧୀନରେ ଆସୁଥିବା ଏହା ୫୭ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ପୋକୋ ଇଣ୍ଡିଆର ଏମ୍ଆର୍‌ପି କ୍ୟାମ୍ପେନିଂ

ନୂଆଦିଲ୍ଲୀ,୨୦।୯ (ଅଭୟ ଦାଶ)

ପୋକୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଭିଯାନ 'ଏମ୍ଆର୍‌ପି କ୍ୟାମ୍ପେନିଂ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଜାରର ପାରମ୍ପରିକ 'ଏମ୍ଆର୍‌ପି' ଉପରେ ଏକ ଟ୍ୱିଷ୍ଟ ଆଣିବା ସହିତ ପୋକୋର ସ୍ୱତନ୍ତ୍ର ମୂଲ୍ୟସୂଚୀ 'ମ୍ୟାଡ୍ ରିଟେଲ ପ୍ରାଇସ୍' ନିକଟରେ ଉନ୍ମୋଚିତ ହୋଇଯାଇଛି। ସେହିଭଳି ଏହି ଅଭିନବ ପଦକ୍ଷେପ ଗ୍ରାହକଙ୍କୁ ମ୍ୟାଡ୍ ଡିଲ୍ ପ୍ରଦାନ କରିବା ସହ ଖୁଚୁରା ମୂଲ୍ୟର ଧାରଣାକୁ ପୁନଃ ବ୍ୟାଖ୍ୟା କରିଛି, ଯାହା ପ୍ରିମିୟମ ଟେକ୍ନୋଲୋଜିକୁ ଉଲ୍ଲେଖନୀୟ ଭାବେ ସୁଲଭ କରୁଛି। ସେହିପରି ବ୍ରାଣ୍ଡର ଶୀର୍ଷସ୍ତରର ଡିଭାଇସ୍‌ଗୁଡିକ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ରିହାତି ସହିତ ଅତ୍ୟାଧୁନିକ ଟେକ୍ନୋଲୋଜି ସମସ୍ତଙ୍କ ପହଞ୍ଚ ମଧ୍ୟରେ ରହିବ ବୋଲି ପୋକୋ ସୁନିଶ୍ଚିତ କରୁଛି। ଏହାବ୍ୟତୀତ ଗ୍ରାହକମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କର ଅଫର ସହ ତତ୍କାଳ ସଞ୍ଚୟର ଲାଭ ମଧ୍ୟ ପାଇପାରିବେ,ଯାହା ଏହି ସେଲ୍‌କୁ ଟେକ୍ ଉତ୍ସାହୀଙ୍କ ପାଇଁ ସବୁଠାରୁ ବଡ ପର୍ବରେ ପରିଣତ କରୁଛି। ଅପରପକ୍ଷରେ ବ୍ରାଣ୍ଡ ଫ୍ଲିପ୍‌କାର୍ଟର ବିଗ୍ ବିଲିୟନ ଡେଜ୍ (ବିବିଡି)କୁ ଆଲୋକିତ କରିବା ପାଇଁ ପ୍ରସ୍ତୁତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୨୬ରୁ ଆରମ୍ଭ ହେଉଥିବା ବିଗ୍ ବିଲିୟନ ଡେଜ୍ ସେଲ୍ ସମୟରେ ପୋକୋ ଏଫ୍୬ ୫ଜି, ଏକ୍ସ୬ ପ୍ରୋ ୫ଜି ଓ ଏକ୍ସ୬ ନିଓ ୫ଜି କ୍ରୟ ପାଇଁ ଉପଲବ୍ଧ ହେଉଥିବାବେଳେ ପୋକୋ ସି୬୫ ୫ଜି, ସି୬୧ ୫ଜି, ଏମ୍୬ ୫ଜି, ଏମ୍୬ ପ୍ଲସ୍ ୫ଜି ଓ ଏକ୍ସ୬ ୫ଜି ବ୍ରାଣ୍ଡର ଏକ୍ସକ୍ଲୁସିଭ ବିବିଡି ମୂଲ୍ୟ ବର୍ତ୍ତମାନ ପ୍ଲାଟ୍‌ଫର୍ମର https://www.flipkart.com/bbd24-pre-tease-poco-ik2df-store ରେ ଉପଲବ୍ଧ ହେଉଛି।


# Classified Everyday
0674-2580101, 2549949




REAL ESTATE
SALE

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1394

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1393

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA by expert therapist. Contact- 9938843929. D-76155

Newly open health benefits SPA special offer @ 799 Bapujinagar. 8018429809. D-76156

LOST

ମୁଁ ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, ପି- ଅକ୍ଷୟ କୁମାର ବଳ ଜଣାଉଅଛିକି ମୋର ଦଶମ, ଦ୍ୱାଦଶ ଏବଂ ବି.ଟେକ୍ (ଗ୍ରାଜୁଏସନ୍ ସି.ଭି. ରମଣ କଲେଜ ଅଫ୍ ଇଂଜିନିୟରିଙ୍ଗ୍‌ର ସମସ୍ତ ସାର୍ଟିଫିକେଟ୍ କେଉଁଠାରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ।
ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, କଣ୍ଟାପଡ଼ା ତହସିଲ, 7978635409. D-1398

I, Sri Rahul Pradhan, Son of Tankadhara Pradhan, age-24, Village- Sikaketa, P.S.- Daringbadi, Dist.- Kandhamal, Odisha declare by this affidavit No.-682, on dt. 17.08.2024. I missed my Board of Higher Secondary Education Certificate Sr No.-1601333966 and Mark Sheet, Migration Certificate, School Leaving Certificate, Conduct Certificate which could not be traced out after several efforts. D-1401

I, DRUPATI GANJU, W/o- Bandhanu Ganjhu, R/o- Village- Dhobatoli, Ghoghia, P.O.- Kenderkela, P.S.- Hatibari, Dist.- Sundargarh, Odisha. That I purchase a Policy from India Post vide number R-OR-EA-361298 of the um assured 30,000/- bearing a premium of Rs. 267/- per month payable up to February 2021, and I have applied to India Post for the settlement of my maturity claim and payment of money in respect of the said policy has been lost/ untraceable and it is not forthcoming and whereas I have not produced the said policy issued to DRUPATI GANJU by Indian Post. D-1404

AFFIDAVIT

I, Prasant Kumar Dash, S/o- Managobinda Dash, resident of At- Chunabhati Sainagar, P.O.- College Square, P.S.- Chauliaganj, Dist.- Cuttack, PIN-753003, Odisha declare by this affidavit No.-7244, Dtd.- 19.09.2024, that now onwards I shall be known as PRASANTA KUMAR DASH for all future purposes. D-1392

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Mr. Pradip Kumar Panda, S/o- Late Pravakar Panda, resident of Markona Bazar, Simulia, Balasore, PIN-756126, Odisha declare by this affidavit No.-2176, dtd. 17.09.2024, that now onwards I shall be known as PRADEEP KUMAR PANDA for all future purposes. D-1400

I, Sangita Patnaik, W/o- Janapriya Debata, resident of Plot No.-799/A, Kotitirtha Road, P.S.-Shree Lingaraj, BBSR-2, Dist.-Khordha, Odisha, declare by this affidavit sworn before the Executive Magistrate, BBSR, Vide C. F. No.-123, dt.19.09.2024, that now onwards, I shall be known as Sangita Patnaik for all future purposes. D-1403

I, Haraprasad Das, my daughter is Mehek Das, In my daughter's Birth Certificate my name is Hara Prasad Das whereas it should be Haraprasad Das. I did Magistrate affidavit No.- CF No.- 121/19.09.2024 for this change. D-1391

By virtue of an affidavit sworn before Notary Public, Dabugaon, I, Tilottama Bhatra, D/o- Padmani Bhatra & Rathiram Bhatra of Vill- Kamata, P.S.- Dabugaon do hereby declare that I have been using Tilottama Bhatra as my name in all purposes, not Tula Bhatra and my Date of Birth is 19.02.2002. D-1399

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚିରଞ୍ଜୀବ ମହାରଣା (ଟୁନା)
ମାଧବଚୌଧୁରୀ ପାଟଣା, କଣ୍ଟିଲୋ
ନୀଳମାଧବ ପୀଠ
ଆବିର୍ଭାବ: ତା୧୭।୧୦।୧୯୭୭
ତିରୋଧାନ: ତା୧୧।୦୯।୨୦୨୪

ତୋର ସ୍ନେହବୋଳା ମିଠା କଥା ଓ ସମସ୍ତଙ୍କୁ ଭଲ ପାଇବା ଆମ ସହପାଠୀମାନଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ। ତୋର ହସ ହସ ମୁହଁ ସର୍ବଦା ଆଖି ଆଗରେ ନାଚି ଉଠୁଛି। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ତୋର ନୀଳମାଧବ ବିଦ୍ୟାପୀଠ, କଣ୍ଟିଲୋ, ୧୯୯୩ ମାଟ୍ରିକ୍ ବ୍ୟାଚ୍ ସହପାଠୀମାନେ। ଧ-୧୪୦୭

### ତେତିଶିତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧

'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ଫଗ ସକାଳ' ଘୋଷି ଜାଣ ବଞ୍ଚିଥିବ ଯଶରାଶି
'ତୁମ ପାଇଁ କବିତା' ର ଗାତି କେତେ ଫଗ ବୁଣିଯେ ଦେଇଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-୭୪୮୨୨

## ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା

# ନ୍ୟାୟିକ ତଦନ୍ତ କରାଯାଉ: ନବୀନ

■କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା: ରାଜସ୍ୱ ମନ୍ତ୍ରୀ ପୂଜାରୀ

■ ତୁରନ୍ତ ଆଇଆଇସି, ଅନ୍ୟ କର୍ମଚାରୀଙ୍କୁ ଗିରଫ କରାଯାଉ: ସୋଫିଆ

ଭୁବନେଶ୍ୱର, ୨୦ା୯(ସୁନିତ୍ ମିଶ୍ର)


ନବୀନ ପଟ୍ଟନାୟକ


ସୁରେଶ ପୂଜାରୀ


ସୋଫିଆ ଫିର୍ଦ୍ଦୋଶ

ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି ଭରତପୁର ଥାନା ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ କରାଯାଇଥିବା ଅତ୍ୟାଚାର ଓ ନିର୍ଯାତନା ଘଟଣାକୁ ଏବେ ଚାରିଆଡୁ ନିନ୍ଦା କରାଯାଉଛି। ଏହି ଘଟଣାକୁ ନେଇ ଏବେ ରାଜନୀତି ମଧ୍ୟ ଜୋର୍ ଧରିବା ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାରେ ପ୍ରତିକ୍ରିୟା ରଖି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ନବୀନଙ୍କ ପ୍ରତିକ୍ରିୟା ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ପାଲଟା ଜବାବ ରଖିଛନ୍ତି। ସେହିପରି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ଏମ୍ସ ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶଙ୍ଖ ଭବନଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ନବୀନ କହିଛନ୍ତି, ଭରତପୁର ଥାନାରେ ଯେପରି ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଗଲା ଏହା ନିନ୍ଦନୀୟ ଓ ଲୋମହର୍ଷଣକାରୀ। ଥାନା ଭିତରେ ପୋଲିସ ଯେଭଳି ନିର୍ଦ୍ଦୟ ବ୍ୟବହାର କରିଥିବା ଅଭିଯୋଗ ହୋଇଛି ତାହା ସାରା ଦେଶର ବିବେକକୁ ଦୋହଲାଇ ଦେଇଛି। ଓଡ଼ିଶାରେ ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କ ପ୍ରତି ଏଭଳି ଅତ୍ୟାଚାର ଅତ୍ୟନ୍ତ ଦୁଃଖଦାୟକ। ଏହି ନାରକୀୟ ଘଟଣାକୁ ବିଜେଡି ଦୃଢ଼ ଭାବେ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଭାଜପା ସରକାର ଗ୍ରହଣ କରିବେ ବୋଲି ଆଶା। ଭରତପୁର ଥାନାରେ ଜଣେ ମିଲିଟାରି ଅଧିକାରୀ ଓ ଜଣେ ମହିଳାଙ୍କ ଉପରେ ଯେଭଳି ଜଘନ୍ୟ ଅତ୍ୟାଚାର କରାଗଲା ତା'ର କୋର୍ଟ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ ସହ ବିଚାରବିଭାଗୀୟ ତଦନ୍ତ ହେଉ। ତାଙ୍କ ସରକାର ସମୟରେ ମୋ ସରକାର ବ୍ୟବସ୍ଥା ଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଥାନା ଏବଂ ଡାକ୍ତରଖାନା ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ନାଗରିକଙ୍କଠାରୁ କର୍ମଚାରୀମାନଙ୍କ ବ୍ୟବହାର ଓ ବୃତ୍ତିଗତ ଦକ୍ଷତା ସମ୍ପର୍କରେ ଫିଡ୍‌ବ୍ୟାକ୍ ସଂଗ୍ରହ କରୁଥିଲେ। ଭାଜପା ସରକାର ଶାସନକୁ ଆସିବା ପରେ ତୁରନ୍ତ ମୋ ସରକାର ପରି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ, ଯାହାର ପରିଣାମ ଏବେ ସର୍ବତ୍ର ଦୃଶ୍ୟମାନ। ପୁରୀ ରାଜଭବନ ଘଟଣାରେ ଦାୟିତ୍ୱ ସମ୍ପାଦନ କରୁଥିବା ଜଣେ ସରକାରୀ ଅଧିକାରୀଙ୍କ ଉପରେ ରାଜ୍ୟପାଳଙ୍କ ପୁଅ ଆକ୍ରମଣ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ମନା କରିଦେବା ଦ୍ୱାରା ଏହା ଅପରାଧୀଙ୍କୁ ଉତ୍ସାହିତ କରିଛି। ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁଣି ଥରେ ସରକାରଙ୍କୁ ଅନୁରୋଧ କରୁଛି ବୋଲି ନବୀନ କହିଛନ୍ତି।

ଏନେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନବୀନ ଯଦି ନ୍ୟାୟିକ ତଦନ୍ତ କଥା କହୁଛନ୍ତି, ତେବେ କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା। ନବୀନବାବୁଙ୍କ ସମୟରେ ୨୪ ନ୍ୟାୟିକ ତଦନ୍ତ ହେଲା। ସେସବୁ ରିପୋର୍ଟ କୁଆଡ଼େ ଗଲା। ଗତ ୨୪ ବର୍ଷର ସରକାର ଚାହିଁଥିଲେ ହିଂସାମୁକ୍ତ ଓଡ଼ିଶା ଗଠନ କରିପାରି ଥାଆନ୍ତେ। ନବୀନ ଆଦର୍ଶ ଥାନା କରୁଥିଲେ, ଭାଜପା ସରକାର ଆଦର୍ଶ ପୋଲିସ ପାଇଁ ଚେଷ୍ଟା କରିବ। ନବୀନ ଯଦି ତାଙ୍କ ସମୟରେ ବୁଝୁଥାଆନ୍ତେ ତେବେ ଆଜି ନାରୀ ନିର୍ଯାତନା ହୋଇ ନ ଥାଆନ୍ତା। ନିଜେ ରାଜଧର୍ମ ପାଳନ କଲେନି, ଏବେ ଶହେ ଦିନର ସରକାରକୁ ପାଠ ପଢ଼ାଉଛନ୍ତି।

ଏମ୍ସରେ ପୀଡ଼ିତାଙ୍କୁ ଭେଟିବା ପରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଥାନାରେ ଡ୍ୟୁଟିରେ ଥିବା ମହିଳା କର୍ମଚାରୀ ଯଦି ନାଇଟି ପିନ୍ଧି ବସିବେ ଏବଂ ଏପରି କମେଣ୍ଟ କରିବେ କି ତୁମେ ଇଂରାଜୀ କିମ୍ବା ହିନ୍ଦୀରେ କୁହ ନାହିଁ ତେବେ ମହିଳାଙ୍କୁ ସୁରକ୍ଷା କିପରି ମିଳିବ। ସେହି ଆଇଆଇସିଙ୍କ ବିଷୟରେ ସମସ୍ତଙ୍କୁ ଭଲ ଭାବେ ଜଣାଅଛି। ସେ କଟକ କ୍ୟାଣ୍ଟୋନମେଣ୍ଟ ଥାନାରେ ଥିଲା ବେଳେ ବାଲିଯାତ୍ରା ସମୟରେ ବଟି ମାଗୁଥିବାର ଅଭିଯୋଗ ହୋଇଥିଲା। ତେବେ କେବଳ ସସ୍‌ପେଣ୍ଡ କରି ତାଙ୍କୁ କାହିଁକି ବସାଇ ଦିଆଯାଇଛି। ତୁରନ୍ତ ତାଙ୍କୁ ଗିରଫ କରାଯାଉ। ଆଗକୁ ଏନେଇ ଧାରଣା ଦିଆଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବ ବୋଲି ସୋଫିଆ କହିଛନ୍ତି।

## ହରିୟାଣା ନିର୍ବାଚନ ପ୍ରଚାରରେ ସାମିଲ ହେଲେ କେଜ୍‌ରିୱାଲ

ଚଣ୍ଡିଗଡ଼,୨୦ା୯(ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ହରିୟାଣାରେ ଦଳର ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ସେ ଯମୁନାନଗର ଜିଲାର ଜଗଧ୍ରୀ ନିର୍ବାଚନ ମଣ୍ଡଳୀରେ ରୋଡ୍ ଶୋ' କରିଛନ୍ତି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୫ରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିୱାଲ ଗତ ସପ୍ତାହରେ ତିହାର ଜେଲରୁ ମୁକୁଳିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ଶୁକ୍ରବାର ଅପରାହ୍ନରେ କେଜ୍‌ରିୱାଲ ଜଗଧ୍ରୀରେ ପହଞ୍ଚି ରୋଡ୍‌ଶୋ'ରେ ସାମିଲ ହୋଇଥିଲେ। ତାଙ୍କ ସହ ହରିୟାଣା ଆପ୍ ସଭାପତି ସୁଶୀଲ ଗୁପ୍ତା ରହିଥିଲେ। କଂଗ୍ରେସ ସହ ଆସନ ବୁଝାମଣା ହୋଇ ନ ପାରିବାରୁ ଆପ୍ ହରିୟାଣାରେ ଏକାକୀ ନିର୍ବାଚନ ଲଢୁଛି।

## ନବ ଦାସ ହତ୍ୟା ଘଟଣାରେ ପ୍ରଥମେ ନବୀନ ଉତ୍ତର ଦିଅନ୍ତୁ: କନକବର୍ଦ୍ଧନ

କଟକ, ୨୦ା୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ଉପର ପଡିଆରେ ଶୁକ୍ରବାର ଗଣେଶ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇଥିଲେ। ଏହାପରେ ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଦିଆଯାଇଥିବା ନିର୍ଯାତନା ଘଟଣା ଏବଂ ରାଜ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ସିଂଦେଓ କହିଛନ୍ତି, ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାହା ପଦକ୍ଷେପ ନିଆଯିବା କଥା ତାହା ନିଆଯାଇଛି। ଏହି ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଛନ୍ତି। ନବୀନ ଯେଉଁ କଥା କହିଛନ୍ତି ତାହାକୁ ବିଚାର କରିବା ପୂର୍ବରୁ ପ୍ରଥମେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାରେ ସେ କ'ଣ ପଦକ୍ଷେପ ନେଇଛନ୍ତି ତାହାର ଉତ୍ତର ରଖନ୍ତୁ ବୋଲି ସିଂଦେଓ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଯୁବକଂଗ୍ରେସର ବିରୋଧ

କେନ୍ଦୁଝର,୨୦ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)


ଥାନାରେ ଅଟକ କେନ୍ଦୁଝର ଯୁବକଂଗ୍ରେସର କର୍ମୀମାନେ।

କେନ୍ଦୁଝର ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦୁଝର ଯୁବ କଂଗ୍ରେସ ବିରୋଧ କରିଛି। କଂଗ୍ରେସ କାର୍ଯ୍ୟକର୍ତ୍ତା କଳା ପୋଷାକ ପିନ୍ଧି କଂଗ୍ରେସ ଭବନ ନିକଟରେ ଉପସ୍ଥିତ ରହି ଗୋ ବ୍ୟାକ୍ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ପୋଲିସ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇନେଇଥିଲା।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝର ଜିଲ୍ଲାରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। କିନ୍ତୁ ନିଜେ ନିଜ ଜିଲ୍ଲାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ରାଜ୍ୟରେ ମୋହନ ସରକାର ୧୦୦ ଦିନର ପୂର୍ତ୍ତି ମନାଉଥିବା ବେଳେ ଖଣି ଚୋରଙ୍କୁ ଜେଲରେ ଭର୍ତ୍ତି କରିବେ ଓ ଡିଏମ୍ଏଫ୍ ଦୁର୍ନୀତିର ତଦନ୍ତ କରିବେ ବୋଲି କହିଥିଲେ। ଅତୀତରେ ମୋହନ ମାଝୀ ବିଧାୟକ ଥାଇ ମଧ୍ୟ ଡିଏମ୍ଏଫ୍ ମିଟିଂରେ ବସିବାକୁ ସୁଯୋଗ ମିଳୁ ନ ଥିଲା। ଆଉ ଏବେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ, ତଥାପି ଏଠାରେ ପୂର୍ବଭଳି ଦୁର୍ନୀତି ଚାଲିଛି। ସେତେବେଳେ ବିରୋଧୀ ଦଳରେ ଥାଇ ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ ଏବେ ଦୁର୍ନୀତି ହଟାଇବା ଲାଗି କିଛି ବି କଲେ ନାହିଁ। ପ୍ରତିଶ୍ରୁତି ପାଣିରେ ଗାର ହୋଇ ରହିଗଲା। ସରକାରରେ ଥାଇ ୧୦୦ ଦିନ ଭିତରେ ନିଜ ଜିଲାରେ କୌଣସି ଆଖି ଦୃଶିଆ କାର୍ଯ୍ୟ କଲେ ନାହିଁ। ତେଲକୋଇରେ ସମକୋଇ ଚକଦର ଜଳସେଚନ ପ୍ରକଳ୍ପ କରି କେନ୍ଦୁଝର ଜନସାଧାରଣଙ୍କ କ୍ଷତି କରି ଅନ୍ୟ ଜିଲ୍ଲାରେ ବିକାଶ କରିବାକୁ ମସୁଧା କେତେ ଦୂର ଠିକ୍ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ତେବେ ପ୍ରଶ୍ନର ଉଚିତ ଜବାବ ନ ମିଳିଲେ ସ୍ୱରକୁ ଆହୁରି ତୀବ୍ର କରାଯିବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣ ମାଧ୍ୟମରେ କହିଥିଲେ, ତାଙ୍କୁ କାହିଁକି ବିରୋଧ କରାଯାଉଛି। ସେ ତ ଜିଲାର ଅଟନ୍ତି। ଜିଲାର ବିକାଶ ପାଇଁ କାମ କରିବେ। ତେବେ ଜିଲାର ବିକାଶରେ ସେମାନେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ରାଜଭବନ ଆଗରେ ଧାରଣା ଦେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୨୦ା୯(ଅନିଲ ଦାସ)

**ଭରତପୁର ଥାନା ଅମାନବୀୟ ଘଟଣା**

ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଶନିବାର ସକାଳେ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ, ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି। ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀ ପ୍ରତି ହୋଇଥିବା ଅମାନବୀୟ ଘଟଣାକୁ ନେଇ ମହିଳା ପ୍ରବକ୍ତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, ୨୦ା୯(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାର ୧୦୦ ଦିନର ସଫଳତା ବଖାଣୁଥିବା ବେଳେ, ଦିନକୁ ଦିନ ନାରୀ ନିର୍ଯ୍ୟାତନା, ଗଣବଳାତ୍କାର, ଆଦିବାସୀ, ଦଳିତ, ନାବାଳିକା ବଳାତ୍କାର, ପୋଲିସ ଅତ୍ୟାଚାର ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବଢି ଚାଲିଛି। ଜଣେ ସେନାଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ଥାନା ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କ ବେପାରୁଆ ମନୋଭାବ ତଥା ବର୍ବରୋଚିତ ବ୍ୟବହାର ନିନ୍ଦନୀୟ। ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାର ଯଦି ଯତ୍ନଶୀଳ ନ ହୁଅନ୍ତି କିମ୍ବା ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ ତେବେ ଆଗାମୀ ଦିନରେ ରାଜ୍ୟ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ। ଏହାସହ ସବୁ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବ। ଏହା ସହିତ ଭାଜପା କାର୍ଯ୍ୟାଳୟ ମଧ୍ୟ ଘେରାଉ କରିବାକୁ ପଛାଇବ ନାହିଁ ବୋଲି କଂଗ୍ରେସ ନେତ୍ରୀ ମନୀଷା ଦାସ ପଟ୍ଟନାୟକ କହିଛନ୍ତି।

## ବିଜେଡିକୁ ଫେରିବା ଲାଗି ପତ୍ର ଲେଖିଲେ ଭାଗୀରଥି

ଘସିପୁରା,୨୦ା୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ପୁଣି ବିଜେଡିକୁ ଫେରିବେ। ୨୦୨୪ ସାଧାରଣ ନିର୍ବାଚନରେ ଟିକେଟ ମିଳି ନ ଥିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ତେବେ ତାଙ୍କ ଇସ୍ତଫାପତ୍ରକୁ ପ୍ରତ୍ୟାହାର କରିବା ପାଇଁ ଭାଗୀରଥି ଶୁକ୍ରବାର ବିଜେଡି ହାଇକମାଣ୍ଡଙ୍କ ନିକଟକୁ ପତ୍ର ଲେଖିଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲ ୩୦ରେ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ସେ ସମୟରେ ଗଣମାଧ୍ୟମକୁ ସୂଚନା ଦେବାବେଳେ ବିଜେଡିରେ ଟିକେଟ ପାଇବାକୁ ହେଲେ ମୋଟା ଅଙ୍କ ଦେବାକୁ ପଡ଼େ ବୋଲି ଭାଗୀରଥି କହିଥିଲେ। ଏଥିସହ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେଡିକୁ ଜିତାଇଦେବେ ନାହିଁ ବୋଲି ବଦ୍ଧପରିକର ହୋଇଥିଲେ। ଭାଗୀରଥିଙ୍କ ଏଭଳି ମନ୍ତବ୍ୟ ସେ ସମୟରେ ଚର୍ଚ୍ଚା ଜୋର ଧରିଥିଲା। ନିର୍ବାଚନରେ ପରୋକ୍ଷ ଭାବେ ସେ କଂଗ୍ରେସକୁ ସମର୍ଥନ କରିଥିବା କଥା ମଧ୍ୟ ଚର୍ଚ୍ଚାର ପରିସରକୁ ଆସିଥିଲା। ତେବେ ଏସବୁ ଘଟଣାକୁ ସେ ଖଣ୍ଡନ କରିଛନ୍ତି। ତାଙ୍କ ଶାରିରୀକ ଅସୁସ୍ଥତା କାରଣରୁ ସେ ଦଳରୁ ଇସ୍ତଫା ଦେଇଥିଲେ। ଏବେ ସୁସ୍ଥ ଅନୁଭବ କରୁଥିବାରୁ ସେ ଦଳକୁ ପୁନର୍ବାର ଫେରିବା ପାଇଁ ବିଜେଡି ସୁପ୍ରିମୋଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଏପରିକି ବିଜେଡି ଏକ ଶୃଙ୍ଖଳିତ ଦଳ ବୋଲି ମଧ୍ୟ ଭାଗୀରଥି କହିଛନ୍ତି।

# ବିଡିଓଙ୍କ ବଦଳି ଦାବିରେ ବିଜେଡିର ବିକ୍ଷୋଭ

**ବ୍ଲକ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା**

କୁଜଙ୍ଗ, ୨୦ା୯(ମନୋଜ ପ୍ରଧାନ)



ବିକ୍ଷୋଭ ସମାବେଶରେ ବିଜେଡି ନେତୃବୃନ୍ଦ।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ସେପ୍ଟେମ୍ବର ୧୩ରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଓ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ବଦଳି ଦାବିରେ ଶୁକ୍ରବାର ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଏହାର ନେତୃତ୍ୱ ନେଇଥିଲେ। ଉକ୍ତ ସମାବେଶରେ ବିଜେଡିର ବହୁ ରାଜ୍ୟସ୍ତରୀୟ ନେତା ଯୋଗଦେଇ ଭାଜପା ଓ ବିଡିଓଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଘୁନନ୍ଦନ ଦାସ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମ୍ବିତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଗୀତାଞ୍ଜଳି ରାଉତରାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ, ବାପି ସର୍ଖେଲ ପ୍ରମୁଖ ଯୋଗଦେଇ ୧୩ ତାରିଖ ଗଣ୍ଡଗୋଳରେ ଭାଜପା କର୍ମୀମାନେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଉକ୍ତ ଦଳର କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଭିତରକୁ ପଶି ଆସି ଜନପ୍ରତିନିଧିଙ୍କୁ ଆକ୍ରମଣ କରିଥିଲେ। ଏନେଇ ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେମାନେ ଅଭିଯୋଗ କରିଥିଲେ।

## ବିଡିଓଙ୍କ ବଦଳି ଦାବି ଲଜ୍ଜାଜନକ: ଭାଜପା

କୁଜଙ୍ଗ,୨୦ା୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ କାର୍ଯ୍ୟାଳୟର ଗଣ୍ଡଗୋଳ ଘଟଣାରେ ବିଡିଓଙ୍କ ବଦଳି ଦାବି ହାସ୍ୟାସ୍ପଦ ଓ ଲଜ୍ଜାଜନକ ବୋଲି ବରିଷ୍ଠ ଭାଜପା ନେତା ସଞ୍ଜୟ ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ପାଖାପାଖି ଏକ ବର୍ଷ ପୂର୍ବେ ତତ୍କାଳୀନ ବିଧାୟକ ତଥା ବିଜେଡି ନେତା ସମ୍ବିତ ରାଉତରାୟଙ୍କ ସୁପାରିସକ୍ରମେ କୁଜଙ୍ଗ ବିଡିଓ ଭାବେ ଦୀପକ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସେତେବେଳେ ବିଭିନ୍ନ ଅନୁଦାନକୁ ବିଜେଡି ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ବ୍ୟାପକ ଦୁର୍ନୀତି କରିଥିଲା। ମାତ୍ର ସରକାର ବଦଳିବା ପରେ ଓ ଭାଜପା ସରକାର ଆସିବା ପରେ ସମୀକରଣ ପୂରା ବଦଳିଯାଇଛି। ବିଶେଷକରି ବ୍ଲକର ବାସିନ୍ଦା ସମ୍ପଦ ଚନ୍ଦ୍ର ସ୍ୱାଇଁ ମନ୍ତ୍ରୀ ହେବା ପରେ ବିଜେଡି କରିଥିବା ଦୁର୍ନୀତି ଧରାପଡ଼ିଯିବା ଭୟରେ ୧୩ ତାରିଖରେ ଦଳ ପକ୍ଷରୁ ବିଡିଓଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବାଧ୍ୟହୋଇ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବେହେରା କହିଛନ୍ତି।

**ଫୁର୍‌ସତ୍**

# ବ୍ରେନ୍, ସ୍ୱାସ୍ଥ୍ୟର ଯତ୍ନ ବଡ଼ କଥା

**ଆଜି ବିଶ୍ୱ ଆଲଜିମର୍ସ ଦିବସ**



ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା କେତୋଟି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଆଲଜିମର୍ସ ଅନ୍ୟତମ। ଏ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ 'ବିଶ୍ୱ ଆଲଜିମର୍ସ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି 'ବ୍ରେନ୍, ହେଲ୍‌ଥ ଆଣ୍ଡ ରିସ୍କ ରିଡକସନ'। ଏହି ରୋଗ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ଏହି ରୋଗର ଆବିଷ୍କାରକ ଆଲୋଏ ଆଲଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟିର ନାମକରଣ କରାଯାଇଛି। ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଦୀର୍ଘ ୭୦ ବର୍ଷ ପରେ ଚିକିତ୍ସା ବିଜ୍ଞାନୀଙ୍କର ସ୍ୱୀକୃତି ପାଇଥିଲା। ଉକ୍ତ ରୋଗରେ ସ୍ମରଣ ଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି 'ମନ ହଜି ଯାଇଥିବା ରୋଗ' ଓ ରୋଗୀକୁ କୁହାଯାଉଛି 'ମନ ନ ଥିବା ମଣିଷ'। ସୁତରାଂ ଆଲଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲଜିମର୍ସ ରୋଗୀ ସଂଖ୍ୟା ଯଥେଷ୍ଟ କମ୍। ଆଲଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ଜମି ଯାଏ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ହୋଇପଡ଼ନ୍ତି କାର୍ଯ୍ୟରହିତ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିଲକ୍ଷିତ ହୁଏ ପରିବର୍ତ୍ତନ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ ! ହେଲେ ସ୍ନାୟୁକୋଷଗୁଡ଼ିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା।

ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶି ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।"

## ନଭେମ୍ବର-ଡିସେମ୍ବରରେ ବିବାହ: ଖର୍ଚ୍ଚ ହେବ ୪.୨୫ ଲକ୍ଷ କୋଟି

ନୂଆଦିଲ୍ଲୀ



ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ଭାରତରେ ପ୍ରାୟ ୩୫ ଲକ୍ଷ ଯୋଡ଼ି ବିବାହ କରିବେ। ଏଥିପାଇଁ ୪.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏକ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ପ୍ରଭୁଦାସ ଲୀଲାଧେର ଏହାର ସଦ୍ୟ ରିପୋର୍ଟ 'ବ୍ୟାଣ୍ଡ, ବାଜା, ବାରାତ୍ ଆଣ୍ଡ ମାର୍କେଟ'ରେ ଲେଖିଛି ୨୦୨୩ ନଭେମ୍ବର-ଡିସେମ୍ବରରେ ୩୨ ଲକ୍ଷ ବିବାହ ଅନୁଷ୍ଠିତ ହୋଇଥିବାବେଳେ ଆଗାମୀ ୨ ମାସ ମଧ୍ୟରେ ପୂର୍ବ ତୁଳନାରେ ଆଉ ୩ ଲକ୍ଷ ଅଧିକ ଯୋଡ଼ି ବିବାହ କରିବାକୁ ଯାଉଛନ୍ତି। ସେମାନଙ୍କ ବିବାହ ପାଇଁ ମ୍ୟାରେଜ୍ ମାର୍କେଟର ବ୍ୟୟ ୪.୨୫ ଲକ୍ଷ କୋଟି ଛୁଇଁବ। ଚଳିତ ବର୍ଷ ଜାନୁଆରୀ ୧୫ରୁ ଜୁଲାଇ ୧୫ ମଧ୍ୟରେ ବିବାହ ଋତୁରେ ୪୨ ଲକ୍ଷ ବାହାଘର ହୋଇଥିଲା। ସେଥିରୁ ପ୍ରାୟ ୬୬.୪ ବିଲିୟନ ଡଲାର (୫.୫ ଲକ୍ଷ କୋଟି ଟଙ୍କା) ରାଜସ୍ୱ ସୃଷ୍ଟି ହୋଇଥିଲା ବୋଲି କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସର୍ଭେରୁ ଜଣାପଡ଼ିଛି।

ପ୍ରଭୁଦାସ ଲୀଲାଧେର ଏହାର ରିପୋର୍ଟରେ ଆହୁରି କହିଛି ଯେ, ସୁନାର ଆମଦାନି ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ଦେଶବ୍ୟାପୀ ଆସନ୍ତା ୨ ମାସ ମଧ୍ୟରେ ପାର୍ବଣ ଓ ବିବାହ ପାଇଁ ସୁନା କ୍ରୟ ବଢ଼ିବ। ସୁନାର ସାଂସ୍କୃତିକ ଓ ଧର୍ମୀୟ ମହତ୍ତ୍ୱ ଏବଂ ନିବେଶ ଯୋଗ୍ୟତା ଯୋଗୁ ଏହି ମୂଲ୍ୟବାନ ଧାତୁର ଚାହିଦା ବୃଦ୍ଧି ପାଇଛି। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ପ୍ରତିବର୍ଷ ୧ କୋଟି ବିବାହ ଅନୁଷ୍ଠିତ ହୋଇଥାଏ। ଏଥିଯୋଗୁ ଭାରତର ୱେଡିଂ ଇଣ୍ଡଷ୍ଟ୍ରି ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

# ଥାକଟ

ଗଳ୍ପ

ଘନଶ୍ୟାମ ପଲେଇ



କଲିଂ ବେଲ୍ ବାଜିଉଠିଲା। ନିଶିକାନ୍ତ ବାବୁ ଚା' ପିଉଥିଲେ। ଅଧାପିଆ କପ୍‌ଟା ଟେବୁଲ ଉପରେ ଥୋଇ ଉଠିପଡ଼ିଲେ। କବାଟ ଖୋଲି ଦେଖନ୍ତି ତ ଗାଁରୁ ଆସିଛି ସମ୍ବାରୁ। ଡାକିଲେ ଭିତରକୁ। ପ୍ଲାଷ୍ଟିକ୍ ଚେୟାର ଖଣ୍ଡିକ ଠେଲି ଦେଲେ ତା'ଆଡ଼କୁ। କହିଲେ– ବସ। ପଚାରିଲେ– ଗାଁରେ ସବୁ ଭଲ ତ? ସମ୍ବାରୁ ଏଣ୍ଟୁଅ ଭଳି ମୁଣ୍ଡ ଟୁଙ୍ଗାରି କହିଲା ହଁ।

ସମ୍ବାରୁ କହିବାକୁ ଗଲେ ନିଶିକାନ୍ତ ବାବୁଙ୍କର କେହି ନୁହନ୍ତି। ହେଲେ ସମ୍ବାରୁ ନିଜର, ଅତି ନିଜର। ନିଶିକାନ୍ତ ବାବୁ ହେତୁ ପାଇଲା ଦିନୁ ଜାଣନ୍ତି, ତାଙ୍କ ବାପା ଜେଜେ ଅମଳରେ ସମ୍ବାରୁର ବାପା ତାଙ୍କ ଘରେ ବାରମାସିଆ ମୂଲିଆ ଥିଲା। ସେ ତା' ବାପାଙ୍କ ସହିତ ଆସୁଥିଲା ଛୋଟବେଳୁ। ବାପାଟା କାମ କରୁଥିଲାବେଳେ ତାକୁ ସାହାଯ୍ୟ କରିବାକୁ ଯାଇ କେତେବେଳେ ଇଟା ଖଣ୍ଡେ ବୋହି ଦେଉଥିଲା ତ କେତେବେଳେ ବାପ ହଳ କଲାବେଳେ ଇଏ ଘୂରି ବୁଲୁଥିଲା ବିଲହୁଡ଼ାରେ। ସମ୍ବାରୁ ଛୋଟବେଳୁ ହିଁ ଭାରି ପରିଶ୍ରମୀ।

ପନ୍ଦର କୋଡ଼ିଏ ବର୍ଷ ହେବ ବାପ ଆରପୁରକୁ ଚାଲିଗଲା ପରେ ଗାଁ ଘରଦ୍ୱାର ବିକି ନିଜ ଚାକିରି ସ୍ଥାନ ଅର୍ଥାତ୍ ପାଖ ସହରକୁ ଚାଲି ଆସିଲେ ନିଶିକାନ୍ତ। ଏଇଠି ରହିଗଲେ ଘରଦ୍ୱାର କରି। ସମ୍ବାରୁ କି ତା' ପରିବାର କିନ୍ତୁ ତା' ପୁରୁଣା ମାଲିକକୁ ଛାଡ଼ି ପାରିଲେନି। ଗାଁରେ ଭଲ ମନ୍ଦ ଯାହା ହେଲେ ଆଗ ଭୋଗ ପହଞ୍ଚୁଥିଲା ନିଶିକାନ୍ତ ବାବୁଙ୍କ ଘରେ। ଏଇ ଯେମିତି ଆଜି କଦଳୀ କାନ୍ଦିଟେ ଆଣି ଥୋଇ ଦେଇଚି ଦାଣ୍ଡଦୁଆରେ।

ନିଶିକାନ୍ତ ଟିକିଏ ରହି ପୁଣି ପଚାରିଲେ– ତୋ ପୁଅର ଏଥର ଦ୍ୱିତୀୟ ଶ୍ରେଣୀ ହେଲା ନା? ଭଲ ପଢୁଛି ଶୁଣିଥିଲି। ଭଲ... ଭଲ..! ଭଲ ପଢ଼ାପଢ଼ି କରୁ। ଯେତେ ପଢ଼ିବ କହୁଛି ପଢୁ। ସୁବିଧା ଅସୁବିଧାକୁ ମୁଁ ଅଛି।

ଖୁସି ହୋଇଗଲା ସମ୍ବାରୁ ତା'ର ଗୋଟିଏ ବୋଲି ପିଲାର ପ୍ରଶଂସା ଶୁଣି। ତା' ପଛରେ ମାଲିକ ଅଛନ୍ତି ଜାଣି।

ହଁ ବାବୁ! ଦୁଇ କ୍ଲାସକୁ ଗଲା। ଟିକିଏ ଚଗଲାଟା। ଦେଖିବା ତା' ଭାଗ୍ୟ କେଉଁ ଆଡ଼କୁ କଢ଼ାଉଚି। ତମ ଭଳି ବାବୁ ହେବ କି ମୋ' ଭଳି ସମ୍ବାରୁ ମୂଲିଆଟେ ହେବ, ଦେଖିବା ଆଗକୁ।

ଟିକିଏ ହସି ନିଶିକାନ୍ତ କହିଲେ– ହଉ... ହଉ...! ଆଚ୍ଛା ସମ୍ବାରୁ। ଖରାଦିନ ତ ଅଧାଅଧି ଗଲାଣି। କାଇଁ ଜଙ୍ଗଲ ମାଉଁସ ତ ଟିକିଏ ପାଟିରେ ବାଜିଲା ନାଇଁ। ଜଙ୍ଗଲରେ ଆଉ ନିଆଁ ଲାଗୁନି କିରେ?

ବାବୁ! କି କହିବି। କଡ଼ାକଡ଼ି ହେଲାଣି ସରକାର। ଫରେଷ୍ଟବାଲାଏ ପଇଁତରା ମାରୁଛନ୍ତି। କହିଛନ୍ତି ଜଙ୍ଗଲରେ ନିଆଁ ଲଗେଇଲା ବେଳେ ଧରାପଡ଼ିଲେ ସିଧା ଜେଲ। ଲାଗିବାକୁ ଦେବେନି ନିଆଁ ଗାଁ ଜଙ୍ଗଲରେ। ନିଆଁ ନ ଲାଗିଲେ ଏଡ଼େ ବଡ଼ ଜଙ୍ଗଲରେ ପଶି ହେବନି କି କରି ହେବନି ଶିକାର।

ହେସ୍... ବେକାର କଥା। ସରକାର ନା ଫରେଷ୍ଟବାଲା, କ'ଣ ଚବିଶ ଘଣ୍ଟା ଜଗି ପାରିବେ ଏଡ଼େ ବଡ଼ ଜଙ୍ଗଲକୁ, ନା ତମମାନଙ୍କୁ। ଚୁପ୍‌କିନା ସଞ୍ଜ ସଞ୍ଜ ଦେଖି ମାରିଦେବୁ ମାଚିସ୍‌ଟା। ଜଳୁଥିବ ଗୋଟା ରାତି। ସକାଳକୁ ସବୁ ଫରଚା। ତା' ପରେ ଗାଁ ଲୋକେ ମିଶି କରିବ ଆରାମରେ ପାରିଧି।

ମନେମନେ ବିରକ୍ତ ହେଲା ସମ୍ବାରୁ– ତମ ଭଳି ସହରୀବାବୁଙ୍କ ଲାଳସାରେ ତ ବେଶୀ ହେଉଛି ଜଙ୍ଗଲ ନଷ୍ଟ। ମନକଥାକୁ ମନରେ ଚାପି କହିଲା– ହଉ ବାବୁ! ଉଠିପଡ଼ିଲା ଘରକୁ ଯିବାକୁ।

ନିଶିକାନ୍ତ ବାବୁ ଟଙ୍କା ପଚାଶଟା ବଢ଼େଇ ଦେଇ କହିଲେ– ଖରା ବେଶୀ ହେଲାଣି ସାଇକେଲ ଦେଖିକି ଚଲେଇବୁ। ଆଉ ହଁ... ବାଟରେ କ'ଣ ଟିକିଏ ଖାଇନେବୁ।

ଏଇଟା କେତେ ବାଟ ବାବୁ! ମାତ୍ର ଛଅ କିଲୋମିଟର ତ। ଦେଖୁ ଦେଖୁ ପହଞ୍ଚି ଯିବି।

ଦିନେ ଦ୍ୱିପ୍ରହର ବେଳା, ବାପପୁଅ ଚାଲିଲେ ଜଙ୍ଗଲ। ଜଙ୍ଗଲ ମଝାମଝି ହେଲେଣି। ସମ୍ବାରୁ ଦେଖିଲା କାମ ଦେଇଛି। ସବୁ ଶୁଖିଲା ଡାଳପତ୍ର ଯାଇଛି ଜଳି। ଦିଶୁଛି ଫର୍ଚ୍ଚା। କାଁ ଭାଁ ଟିକିଏ ଟିକିଏ ବାହାରୁଛି ସଜ ସଜ ଲିଭିଥିବା ନିଆଁରୁ ଧୂଆଁ। ଭାବିଲା କାଲି ଗାଁବାଲାଙ୍କୁ କହିବ। ମିଶି କି କରିବେ ପାରିଧି। ଯାହା ମିଳିବ ଶିକାରରୁ ସହର ଯାଇ ବାବୁକୁ ଦେଇ ଆସିବ ପୁଳେ।

ସମ୍ବାରୁର ପୁଅ ଡାକଛାଡ଼ିଲା– ଦେଖ ତ ବାପା! ଏଇଟା କି' ଟା? କୁକୁରାଟା ଭଳି ଦୁଉଚି।

ଜୀବଟା ଫସିଯାଇଥିଲା ନିଆଁ ମଝିରେ। ଯାଇଛି ପୋଡ଼ି। ଭଲ କି ଦେଖିଲେ ବାପ ପୁଅ। ମୁଣ୍ଡ ଯାଇଛି ପୂରାପୂରି ପୋଡ଼ି। ଜଣାପଡୁନି କ'ଣ! ବାର୍‌ହା ନା କୁକୁରା।

ବିନା ପରିଶ୍ରମରେ ଶିକାର ଦେଖି ଖୁସି ହୋଇଗଲେ ବାପ ପୁଅ। ଟେକି ଆଣିଲେ ଗୋଟାପଣେ। ସଫାସଫି କରି କାଟିଲାରୁ ଦଶ ବାର କିଲୋ ହେଲା ଗୋଡ଼, ମୁଣ୍ଡ ପୋଟୁନି ଛାଡ଼ି।

ଗାମୁଛାରେ ବାନ୍ଧିଲା ପାଞ୍ଚ ଛଅ କିଲୋ ଆଗ। ଆଉ ଚାଲିଲା ସହରମୁହାଁ, ଆଗ ବାବୁକୁ ଦେବ। ତା' ପରେ ଯାଇ ଗାଁର ସାଇ ଭାଇ କଥା।

ରାତିକୁ ସହରରୁ ଫେରି ବାକିତକ ବାଣ୍ଟିକୁଣ୍ଟି ଦେଲା ଗାଁ ଲୋକଙ୍କୁ। ଶେଷକୁ ତା' ଭାଗକୁ ବଳିଲା ନାଇଁ ବେଶୀ। କୁନି ପୁଅଟା ବିଦ୍ରୋହ କରି ଉଠିଲା– ବାପା! ଆମର କାଇଁ? ସବୁ ତ ବାଣ୍ଟିଦେଲ। ଆମ ଭାଗକୁ ଏତିକି ଟିକିଏ!

ସମ୍ବାରୁ ଆଶ୍ୱାସନା ଦେଇ କହିଲା– ଆଜି ରାତିକ ଏତିକି ଚଳେଇନେବା। କାଲି ପାଇଁ ଅଛି ଅବକାରୀ। ମାନେ ମୁଣ୍ଡ, ପୋଟୁନି।

ସକାଳୁ ଉଠୁଉଠୁ ଲାଗିପଡ଼ିଥିଲା ସମ୍ବାରୁ ମୁଣ୍ଡ ଗୋଡ଼ ଆଉ ପୁଟା ସଫା କରିବାରେ। ସମ୍ବାରୁର ପୁଅ ପଛ ଆଡ଼ିକି କେତେବେଳୁ ଛିଡ଼ା ହେଲାଣି ଜଣାନାଇଁ। ପୁଟା ସଫା କଲାବେଳେ ବାହାରିଲା ଭାତ। ଦେଖିଦେଇ ପାଟି କରି ଉଠିଲା ପିଲାଟି– ବାପା ଭାତ!

ମୁଣ୍ଡ କାମ କଲାନି ସମ୍ବାରୁର। ଆଶ୍ଚର୍ଯ୍ୟ ଆଉ ଭୟମିଶା ସ୍ୱରରେ କହିଲା– ବାବୁରେ! କାହାକୁ କହିବୁ ନାଇଁ ଏ କଥା। ତୋତେ ଗୋଟେ ନୂଆ ଗାମୁଛା କିଣିଦେବି।

ପିଲାଟି କହିଲା– ଆଜି ବସିବ ଗାଁ ହାଟ, କିଣି ଦେବୁ।

ଛୋଟ ପିଲାଟି ନୂଆ ଗାମୁଛାଟେ କାନ୍ଧରେ ପକାଇ ଗାଁସାରା ବୁଲିଲା ଘିରିଘିରି। ସମସ୍ତେ ପଚାରିଲେ– ନୂଆ ଗାମୁଛା କିରେ। କେବେ ଆଣିଲୁ? କିଏ ଦେଲା?

ପିଲାଟି ବାଟୁଳି ନ ବାଜିଲା ପରି କହୁଥାଏ– କାହାକୁ କିଛି କହିବୁନି କହି ଖୁସିରେ କିଣି ଦେଇଛି ମୋ' ବାପା।

ଧୀରେ ଧୀରେ କଥାଟା ଗାଁସାରା ପ୍ରଘଟ ହେଲା। ଧୀରେ ଧୀରେ ରହସ୍ୟମୟ ହେଇଉଠିଲା ଛୋଟିଆ କଥାଟି। ସମ୍ବାରୁ କିଛି ଲୁଚାଉଛି। ତା' ପୁଅକୁ କିଛି ନ କହିବାକୁ କରିଛି ଆକଟ। କିଏ କିଏ ତ କହୁଥାନ୍ତି– ସିଏ ପକା ଚୋରି କରିଛି କେଉଁଠୁ। ସେ କଥା ଲୁଚାଉଛି।

କିଏ ତ ପୁଣି କହିଉଠିଲା– କାଲି ସନ୍ଧ୍ୟାରେ ପରା ମୁଁ ସହରରୁ ଫେରୁଥିବାର ନିଜ ଆଖିରେ ଦେଖିଚି। ପକା ତା' ମାଲିକ ଘରୁ କିଛି ତ କରିଛି ଚୋରି।

ବିଭିନ୍ନ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଗାଁ ବରଗଛ ମୂଳେ ଅପରାହ୍ଣକୁ ବସିଲା ମିଟିଂ। ନିଶିକାନ୍ତ ବାବୁଙ୍କୁ ବି ଡକାହେଲା।

ସଭାପତି ସିଧାସିଧା ପ୍ରଶ୍ନ ରଖିଲେ ସମ୍ବାରୁକୁ– କହ କ'ଣ ଲୁଚାଉଛୁ ଗାଁବାଲାଙ୍କୁ? କାହିଁକି ତୋ' ପୁଅକୁ ନାଲି ଗାମୁଛା କିଣିଦେଲୁ କହ? କାହାରିକି କିଛି ନ କହିବାକୁ କାହିଁକି କହିଲୁ? ସଫା ସଫା କହ, ନହେଲେ ପୋଲିସଯାଏଁ କଥା ଯିବ।

ପୋଲିସ ନାଁ ଶୁଣି ବିଚରା କାନମୁଣ୍ଡା ଭାଁ ଭାଁ ହୋଇଗଲା। ସବୁ କଥା ଦେଲା କହି। କହିଲା– ସଫାକଲା ବେଳେ ଭାତ ବାହାରିଲାରୁ ଜାଣିଗଲି, ଏଇଟା କୁକୁରା ନୁହେଁ। ଖାଇ ତ ସାରିଲେଣି ସବୁ। ଆଉ କଥା ନ ବଢ଼େଇବାକୁ, କାହାରିକୁ ନ କହିବାକୁ କହିଥିଲି ପୁଅକୁ।

ଜଣେ କିଏ ପାଟି କରି କହିଲା– ଆମ ଗାଁର ଲୋମ ନ ଥିବା ସେ ପାଗଳା କୁକୁରଟା କାଇଁ ଦି' ଦିନ ହେଲା ଆଉ ଦେଖାଯାଉନି ତ?

କଥାଟା ଆଉ ରହିଲାନି ଅବୁଝା। ଗାଁସାରା ହେଉଥିଲେ ଥୁ ଥୁ। ନିଶିକାନ୍ତ ବାବୁ ବି ପାଟିରେ ଆଙ୍ଗୁଠି ପୂରେଇ କୁକୁର ମାଂସ ସବୁକୁ ବାନ୍ତି କରିବାକୁ ଚେଷ୍ଟା କରୁଥିଲେ। ଭାବୁଥିଲେ ଆଉ ଜୀବନରେ କେବେ ଜଙ୍ଗଲରେ ନିଆଁ ଲଗାଇବାକୁ କହିବେନି କି ଶିକାର କରିବାକୁ ଉସୁକେଇବେନି ନିରୀହ ସମ୍ବାରୁମାନଙ୍କୁ।

ମୋ: ୯୪୩୭୭୧୮୫୦୦

## ବର୍ଷା ବିଘାତ

ମିନିଗଳ୍ପ

ସୁଦର୍ଶନ ମହାପାତ୍ର


ସେତେବେଳକୁ ପ୍ରାୟ ରାତି ଦଶଟା। ବର୍ଷାର ତାଣ୍ଡବ ଏଇମାତ୍ର ବନ୍ଦ ହୋଇଛି। ବସ୍‌ଷ୍ଟାଣ୍ଡ ଯାତ୍ରୀ ପ୍ରତୀକ୍ଷାଳୟର ଗୋଟିଏ କୋଣରୁ ପାଟିଗୋଳ ଶୁଭିଲା। ସମସ୍ତଙ୍କର ନଜର ସ୍ୱାଭାବିକ ଭାବେ ସେଇଆଡ଼କୁ ହିଁ ଗଲା। ପ୍ରତୀକ୍ଷାଳୟ ଚଟାଣ ଉପରେ ଶୋଇବାକୁ ଦରକାର ହେଉଥିବା କାଗଜପଟିକୁ ନେଇ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିଲା। ସେଦିନ ବର୍ଷା ହେଉଥିବାରୁ ବିକ୍ରେତା ଜଣକ ପଟିର ଦାମ୍ ଦଶ ଟଙ୍କାରୁ ପନ୍ଦର ଟଙ୍କା ବଢ଼େଇ ଦେଇଥିଲା। ଆଉ କ୍ରେତା ଜଣକ ନାରାଜ। ସେଥିପାଇଁ ଏ ବାକ୍‌ଯୁଦ୍ଧ କିଛି ସମୟ ଧରି ଚାଲିଲା। ଶେଷକୁ ବିକ୍ରେତାଙ୍କର ଜିତାପଟ ହେଲା, ଆଉ ଟଙ୍କା ଆଦାୟ କରି ଚାଲିଗଲା। ତା' ପଛରେ ଅଶ୍ରାବ୍ୟ ଭାଷାରେ ଚିତ୍କାର କରିକରି ଥମିଗଲା କ୍ରେତା ଜଣକ ଆଉ ଶେଷକୁ କ'ଣ ସବୁ ଗୁଣୁଗୁଣୁ ହୋଇ କହୁଥିଲା। ତା'ର ହାରିଯିବାର ଘଟଣାକୁ ନିଜ ସହ ବାଣ୍ଟି ଦୁଃଖଭାର ଲାଘବ କରୁଥିଲା ବୋଧହୁଏ।

ସେତିକିବେଳେକୁ ଆଉଥରେ ବର୍ଷା ଆରମ୍ଭ ହୋଇଗଲା। ଯାତ୍ରୀ ପ୍ରତୀକ୍ଷାଳୟର ଚଟାଣ ବର୍ଷା ପାଣିରେ ଲହଡ଼ି ଖେଳିଲା। ପ୍ରାୟ ଦଶ ପନ୍ଦର ମିନିଟ ପରେ ପୁଣି ଥରେ ପାଟି ଶୁଭିଲା ମୋତେ। ସେଇ ଲୋକଟି କିଛି ସମୟ ପୂର୍ବରୁ କିଣିଥିବା ଭିଜାପଟି ଖଣ୍ଡକୁ ହାତରେ ଧରି ଆକାଶ ଆଡ଼େ କଣେଇ ଚାହିଁଥିଲା ଆଉ ତା' ମୁହଁରୁ ଉଦ୍‌ଗିରଣ ହେଉଥିଲା ନିଛକ ଅଭାଷା। ଏଥର କାହା ଉପରେ ସେ ଘନଘନ ବର୍ଷୁଥିଲା ବେଶ ବୁଝିହେଉଥିଲା।

ମୋ: ୯୪୩୮୧୭୫୫୪୨



## କାଳକାଳକୁ




"ଦିନ ଶେଷରେ କେତେ ଅମଳ କଲ ନୁହେଁ,
କେତେ ମଞ୍ଜି ବୁଣିଲ ଗଣତି କର।"
– ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍

ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍‌ଙ୍କ ଜନ୍ମ ୧୩ ନଭେମ୍ବର ୧୮୫୦ରେ ଓ ପରଲୋକ ୩ ଡିସେମ୍ବର ୧୮୯୪ରେ। ସ୍କଟିଶ୍ ଭାଷାର ଏହି ଖ୍ୟାତନାମା ଲେଖକ ଏକାଧାରରେ କବି, ଔପନ୍ୟାସିକ, ପ୍ରାବନ୍ଧିକ ଓ ଭ୍ରମଣବୃତ୍ତାନ୍ତ ଲେଖକ। 'ଟ୍ରେଜର୍ ଆଇଲ୍ୟାଣ୍ଡ୍', 'ଷ୍ଟ୍ରେଞ୍ଜ୍ କେଶ୍ ଅଫ୍ ଡ. ଜେକିଲ ଆଣ୍ଡ୍ ମି. ହାଇଡ୍', 'କିଡ୍‌ନାପ୍‌ଡ' ଓ 'ଏ ଚାଇଲ୍‌ଡସ୍ ଗାର୍ଡେନ୍ ଅଫ୍ ଭର୍ସେସ୍' ହେଉଛି ତାଙ୍କର ପ୍ରସିଦ୍ଧ ପୁସ୍ତକ ମଧ୍ୟରୁ କେଇଟି। ରୋମାଣ୍ଟିସିଜମ୍‌ରୁ ଆରମ୍ଭ ତାଙ୍କ ସୃଜନଯାତ୍ରା ପରିଣତି ଲଭେ 'ତମସ–ବାସ୍ତବତା' (Darker Realism)ରେ। ଷ୍ଟିଭେନ୍‌ସ ହେଉଛନ୍ତି ଚାର୍ଲସ୍ ଡିକେନ୍‌ସଙ୍କ ପଛକୁ ପୃଥିବୀର ସବୁଠୁଁ ଅଧିକ ଅନୂଦିତ ଲେଖକ। ସେ କହନ୍ତି: "ମୁଁ ମୋ' ପକେଟ୍‌ରେ ସବୁବେଳେ ଦୁଇଟି ବହି ରଖିଥାଏ, ଗୋଟିଏ ପଢ଼ିବା ପାଇଁ ଓ ଅନ୍ୟଟି ଲେଖିବା ପାଇଁ।" ଆଉ କହନ୍ତି ବି: "ତମେ ତମ ଡରକୁ ତମ ପାଖରେ ରଖ, ତମ ସାହସରେ ଅନ୍ୟମାନଙ୍କୁ ଭାଗୀଦାରି କରାଅ।"

## ପୁସ୍ତକ ପରିଚୟ


### ଜୀବନ ନଈର କୂଳେ



**କବି:** ରବି ନାରାୟଣ ସେନାପତି
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୪୦/–

ମୋଟ ୮୦ଟି ଗୀତି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ। ଏହା ହେଉଛି କବିଙ୍କର ତୃତୀୟ ଗୀତି କବିତା ସଂକଳନ। ଜୀବନ ହେଉଛି ସଙ୍ଗୀତମୟ। ଏହି ସଙ୍ଗୀତର ମୂର୍ଚ୍ଛନାକୁ କାନଡେରି ଶୁଣିବା ପାଇଁ ଆମ ପାଖରେ ସମୟ ଥାଉ ବା ନ ଥାଉ। ସଂକଳନରେ ସ୍ଥାନିତ ଗୀତି କବିତାଗୁଡ଼ିକ ଜୀବନଧର୍ମୀ ଓ ଏଥିରେ ଆଧାତ୍ମିକ ଚେତନା ପ୍ରତିଫଳିତ ହୋଇଥିବା 'ଆଦ୍ୟକଥନ'ରେ କବି ସୂଚନା ଦେଇଛନ୍ତି। ସଂକଳନର କବିତାଗୁଡ଼ିକ ମଧ୍ୟରୁ କେଇଟିର ଦୃଷ୍ଟାନ୍ତ ନେଇ ଆମେ କବିଙ୍କ ମତକୁ ପରଖିପାରିବା। ଯଥା: ୧. "ଇଚ୍ଛାଶୂନ୍ୟ ମୋତେ/ କରିଦିଅ ଯଦି/ ତୁମକୁ କେମିତି ପାଇବି/ x x ଆକାଶରେ ଯେବେ ଜହ୍ନ ଉଇଁ ଆସେ/ ଶୁଭ୍ର ଜୋଛନାରେ ପୃଥିବୀଟା ହସେ/ ଜୋଛନା ପାଗଳ/ ନିଶିଥେ ତୁମକୁ/ ଅଧୀରେ କୋଳାଇ ଧରିବି।" (ଇଚ୍ଛାଶୂନ୍ୟ ମୋତେ–ପୃ:୨୦), ୨. "ବେଳ ବୁଡ଼ିଲାଣି/ ସଞ୍ଜ ହେଲାଣି/ ଅନ୍ଧାର ଆସେ ଘେରି/ ଯିବାକୁ ତ ହେବ ନଈ ଆରପାରି/ ନାଉରିଆ କର ପାରି।" (ବେଳ ବୁଡ଼ିଲାଣି–ପୃ:୫୭)। ଏହିପରି ଅଶୀଟିଯାକ ଗୀତି କବିତାରେ କବି ସେନାପତି ଜୀବନ ଓ ଜୀବନୋତ୍ତର ଅଭୀପ୍ସାକୁ ନନ୍ଦନଧର୍ମୀ ଶବ୍ଦାବଳୀରେ ଅତି ଯତ୍ନ କରି ତୋଳିଛନ୍ତି। ପ୍ରାୟ କବିତା ଘୋଷାପଦକୁ ଛାଡ଼ି ଦ୍ୱିପଦୀ, ଅଥଚ ଏହାର ଆବେଦନ ପାଠକଙ୍କୁ ଭକ୍ତି ଭାବନାରେ ଅଧୀର କରି ତୋଳେ। ଜୀବନ ନଈର କୂଳେ କୂଳେ କବି କଣ୍ଠରୁ ନିଃସୃତ ଏହି ଭାବାବେଗପୂର୍ଣ୍ଣ ଗୀତିକାଗୁଡ଼ିକ ଓଡ଼ିଆ ଗୀତି କବିତା ଧାରାରେ ପ୍ରତ୍ୟାଶିତ ସଂଯୋଗ ହେବ ବୋଲି ଆଶା।

### ନରେନ୍ଦ୍ର ନାଗଦେବଙ୍କ ନିର୍ବାଚିତ କାହାଣୀ



**ଅନୁବାଦିକା:** ଡ. କନକ ମଞ୍ଜରୀ ପଟ୍ଟନାୟକ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୮୦/–

ମୋଟ ୧୦ଟି ଅନୂଦିତ କାହାଣୀ। ମୂଳ ହିନ୍ଦୀ ଲେଖକ ନରେନ୍ଦ୍ର ନାଗଦେବ ଓ ଓଡ଼ିଆ ରୂପାନ୍ତର କରିଛନ୍ତି କନକ ମଞ୍ଜରୀ ପଟ୍ଟନାୟକ। ପ୍ରଚ୍ଛଦଲେଖରେ ନାଗଦେବଙ୍କ ଗଳ୍ପକାରିତା ସମ୍ପର୍କରେ କୁହାଯାଇଛି: "କଥାକାରଙ୍କ କାହାଣୀରେ ଅନ୍ତର୍ମନର ଦ୍ୱନ୍ଦ୍ୱ, ବାହ୍ୟଜଗତର ଘଟଣାବଳୀ ତଥା ବିଡ଼ମ୍ବନାର ରୂପ ଦେଖିବାକୁ ମିଳେ। x x ମନର ଅନ୍ଧକାର ଓ ଆଲୋକ ମଧ୍ୟରେ ତାଙ୍କ କାହାଣୀ ଦୋଳାୟମାନ। x x ରଚନାଗୁଡ଼ିକର ଭାଷା ମୋହକ ଓ ଶୈଳ୍ପିକ ସୂକ୍ଷ୍ମତା ତଥା ପ୍ରସ୍ତୁତିରେ ଆତ୍ମୀୟତାର ସ୍ପର୍ଶ ବିଦ୍ୟମାନ।" ଦଶଟି ଗଳ୍ପର ଅନୂଦିତ ଶୀର୍ଷକ: ହାଉସ ଅଫ୍ ଲଷ୍ଟ, ତମାଖୁ ଟିକେ ଆଣ, ମୁଁ ମେଧା ପାଟକରଙ୍କୁ ଭେଟିବି, ଲଞ୍ଚ, ପାହାଚ ମଧ ଓହ୍ଲାଏ, ସମାପନ, ସାଦାସିଧା ଶାନ୍ତି, ଆଗାମୀ ଅମାବାସ୍ୟା, ଲିଷ୍ଟ ଓ ବିସ୍ମୃତ। ମୂଳ ଭାଷାରେ ଶୀର୍ଷକଗୁଡ଼ିକ କ'ଣ ଥିଲା, ତାହା ଅନୁବାଦିକା ଉଲ୍ଲେଖ କରିନାହାନ୍ତି। ତେବେ ଗଳ୍ପଗୁଡ଼ିକ ଯେ ଯାପିତ ମାନବ ଜୀବନ ସହ ଓତପ୍ରୋତ ସାମୀପ୍ୟ ରକ୍ଷା କରନ୍ତି ଓ ଅବତାରଣାରେ ଭାଷିକ ସଜୀବତା ପ୍ରକଟି ଉଠେ, ଏକଥା ପାଠକ ମାତ୍ରେ ଅନୁଭବ କରିବେ। ଅଧିକାଂଶ ଗଳ୍ପର ଆରମ୍ଭରେ ରହିଛି ଆକସ୍ମିକତା ଓ ଶେଷରେ ସବୁ ଭଲ ଗପ ପରି 'ଅତୃପ୍ତି'। ଭାଷା କୋମଳ, ଅନ୍ତରକୁ ଛୁଇଁଦେବା ଭଳି। ଯଥା: "ନଦୀ ଆର ପାରି, ଦୂର ଦିଗ୍‌ବଳୟଯାଏ ପ୍ରସାରିତ ପଡ଼ିଆମାନଙ୍କ ବିସ୍ତାରିତ ରୂପ ଉପରେ ମଖମଲି ଅନ୍ଧାର ପ୍ରସରି ଚାଲିଥିଲା" ଓ "ଦୀପାଳିର ମା' ସହ ସ୍ୱୟଂ ମୁଁ ସେଠାରୁ ଚାଲିଯିବାକୁ ଖୁନ୍ଦୁମୁନ୍ଦୁ ହେଲି।"(ଲଞ୍ଚ)। ଆଶା, ବହିଟି ନାଗଦେବଙ୍କର ଏକ ଛାପ ଓଡ଼ିଆ ପାଠକଙ୍କ ମଧ୍ୟରେ ଛାଡ଼ିଯିବ।

## କବିତା

### ନଈ କଥା

କିଶୋର ପାଣିଗ୍ରାହୀ

ଶୋଷବିକଳ ନଈକୂଳ
ମୁନ୍ଦେକୁ ବୁନ୍ଦେକୁ ହଣହଣ।
ଏଣେ ଦେଖ ତ କେମିତି
ତାଉରେ ଉତୁରୁଚି ରତୁହୀନା ନଈଛାତି
ଛାତି? ନା ଖଇ ହାଣ୍ଡି ବାଲି ତାତି!

ଛାତିଚରା ଗୋଛାଚେର
କଳାଟାଟୁ, କଳାଶିର
ତାତିବାଲି ଛାତି ଫୁଲି ଓଃ, କି ଡହକ!
ଧର୍ମଛଡ଼ା ନଈ ଫୁଟାଣି ତ ଦେଖ!

ଏ କ'ଣ ବାଲି
ନା ଥାକଥାକ ପଞ୍ଜରା–ପଟାଳି!
ଡେଇଁଡେଇଁ ଫଳି ପରେ ଫଳି
ରତୁଟିଏ ପଛଆଡୁ
ଗୋଡ଼ରେ ଦେଲା କି ଆଡ଼େଇ
ଚିତ୍‌ପଟାଙ୍ଗ୍ ଖରାର ଏ ଶିଡ଼ି!

ଏ କ'ଣ ବାଲିର ସିଆର
ନା କୁଞ୍ଚରେଖା!
ଆରମ୍ଭ କି ଶେଷହୀନ
ବୟସର ଛକିଶୂନ ପରା
ଅସୁରୁଣୀ ବୁଢ଼ୀ ମୁହଁସାରା।
କାତି ଛାଡ଼ିବାକୁ ପଡ଼ି ରହିଥିବା
ନାଗୁଣୀର ପିଠି ପରି
ବେଳେବେଳେ ଲାଗେ
ଏଇ ବାଲିର ପଟାଳି।

ଅଧା ମୁହଁପୋଡା ମାରା ଆଟିକା,
ଖପୁରି, ଖପରା, ଛିଣ୍ଡା ଛାଞ୍ଚୁଣି,
ଭଙ୍ଗା ଠେକି, ଠିପି,
ଗେଣ୍ଡା, ଶାମୁକା ଖୋଳପା,
ଛିଡ଼ା ସାଇଆ ସୁତୁଲି କାଞ୍ଚୁଲି, କର୍ଚୁଲି
ଟିପା ବୋତାମ, ଘଷରା ଚପଲ
ଠାଆକୁଠାଆ ଖଣ୍ଡେ ଦୂରୁ ଦିଶେ
କଳା କଳା ଦାଗ ପରି
ବିଗତ ବୟସ ବ୍ରଣ
କି ରାମ୍ପୁଡ଼ା ଚିହ୍ନ ଚିହ୍ନିବା ମୁସ୍କିଲ୍।

ଏ ଦେହ, ଏ ମୁହଁ କାହାର?
ରତୁହୀନା ନଈ, କାତିଛଡ଼ା ନାଗୁଣୀ,
ନା ଚନ୍ଦ୍ରା ବେହେରାଣୀ? କୁହ, କୁହ
କାହାର ଏ ମୁହଁ; କାହାର ଏ ଦେହ!

ମୋ: ୭୦୦୮୧୧୭୯୬୪

### ଏକାନ୍ତ ସେ

ତେଜସ୍ୱିନୀ ପଣ୍ଡା

ଆଜି ବି ଏକାନ୍ତ ସେ
ଆସିଯାଏ ମୌସୁମୀ ନ ଆସୁଣୁ,
ଲିପିଦିଏ ଭଙ୍ଗା କାନ୍ଥରେ
ବିରହର ଇନ୍ଦ୍ରଧନୁ।

ଆଜି ବି ଏକାନ୍ତ ସେ
ବୁଝେ ନାହିଁ ବୟସର ଅନୁପାତ,
ଆଙ୍କିଦିଏ ଉଜୁଡ଼ା ସପନେ
ଆଦିମ ପ୍ରଣୟର ସୂର୍ଯ୍ୟାସ୍ତ।

ଆଜି ବି ଏକାନ୍ତ ସେ
ଭୋଗିଚାଲେ ବାକି ଆୟୁଷର ଅନ୍ଧକାର,
କହିଦିଏ ମୋ ହୃଦୟେ
କ'ଣ ବା ପରିଚୟ ତୁମର?

ଆଜି ବି ଏକାନ୍ତ ସେ
ଉପଭୋଗ କରେ ଆଞ୍ଜୁଳାଏ କୋହ,
ଲେଖିଦିଏ କେତେ ଶତାବ୍ଦୀର
ଏହା ଥିଲା ଅନାସକ୍ତ ମୋହ।

ଆଜି ବି ଏକାନ୍ତ ସେ
ଗଣୁଥାଏ ଜୀବନର ଅଭିଯୋଗ,
ବୁଝିଯାଏ ମୂଲ୍ୟହୀନ ସମ୍ପର୍କେ
କାହିଁକି ଏତେ ସଂକ୍ଷିପ୍ତ ଅବସୋସ!

ଆଜି ବି ଏକାନ୍ତ ସେ
ପାନ୍ଥଶାଳା ଆଶ୍ରୟ ତାହାର
ପୋଛିଦିଏ ସ୍ଥାଣୁ ନୟନରୁ
ପୂର୍ବ ଆବେଗର ଅଶ୍ରୁଝର।

ମୋ: ୯୬୯୨୩୬୧୪୦୪

### ଦୁଇଟି କବିତା

ଶିବ ମିଶ୍ର

**॥ ଅମୃତ ପରଶ॥**

ଚାଲିବାକୁ କହିଛ ତମେ
ଚାଲୁଛି ମୁଁ ତୁମରି ପାଇଁ,
ବାଟସାରା ବିଛାଇ ଦେଉଛ ତମେ
ମୁଠାଏ ଆଲୁଅ କେବେ,
କେବେ ପୁଣି ମୁଠାଏ ଛାଇ।

ଦେଖା ଦେଉନ କି କଥା ବି କହୁନ,
ତଥାପି ଅତୁଟ ଅଛି ମୋ ବିଶ୍ୱାସ,
ବାଟ ତ ସରିବନି,
ଯୋଉ ଦିନ ସରିଯିବ ପାଦ ମୋର,
ସେହିଦିନ ତମେ ଆସି
ଆଉଁଶି ଦେବ ମୋତେ
ମିଳିଯିବ ତୁମ ଅମୃତ ପରଶ।

**॥ ମନେରଖିଥିବ॥**

ଏବେ ତ ପୁରୁଣା ହେଲାଣି
ଚିତ୍ରର ରଙ୍ଗ ଉଡ଼ିଲାଣି,
ପୁଣି ଥରେ ଯେବେ ତୁମେ
ଆଙ୍କି ବସିବ ନୂଆ ଚିତ୍ର,
ମୋ' ରୂପ ଭୁଲିଯାଇଥିଲେ ବି,
ବେରଙ୍ଗରେ ହେଉ ପଛେ,
ମୋର ଛାଇଟିଏ ଆଙ୍କିଦେବ।

ଛାଇର ଆଖିରେ ମୁଁ ଦେଖୁଥିବି
ତମ ରୂପ ସୁଷମା ବିଭବ।
ଆଶା କରୁଛି ଏଇ ଛୋଟିଆ
କଥାଟି ମୋର ମନେରଖିଥିବ।

ମୋ: ୯୮୫୩୦୭୦୦୧୮

ଗୀତି–କବିତା

### ଅଚାନକ ଯଦି...

ନିରଞ୍ଜନ ସାହୁ

ଅଚାନକ ଯଦି ପ୍ରିୟା ଦେଖାହୁଏ
ମନଟା ଏପରି ନାଚେ
ସତେ କି ଯେପରି ଶ୍ରାବଣ ବରଷା
ଅଦିନରେ ଆସି କାଚେ।

ହଜିଲା ଦିନର କଥା ମନେପଡ଼େ
ଆଖିରେ ଭରଇ ଲୁହ
କିଏ ସେ କାହାକୁ ଆଗ ପଚାରିବ
କେମିତି ବଞ୍ଚିଛ କୁହ
ମନର ଭାବକୁ ଗୋପନ ରଖିକି
ଆତିଥ୍ୟ ଟିକିଏ ଯାଚେ।

ଏବେ ବି ଅବୁଝା ମନଟା ତାହାକୁ
ଭାରି ଆପଣାର କରେ
ନିଜଠାରୁ ବଳି ନିଜର ଲାଗେ ସେ
ଏତେ ଦିନ ଗତ ପରେ
ଲାଗଇ ଯେମିତି ସତେକି ଏମିତି
ପ୍ରତୀକ୍ଷାର ଫଳ ପାଚେ।

ମୋ: ୯୯୩୮୭୪୧୫୮୩

## ପ୍ରେମିକ

ଲଘୁଗଳ୍ପ

ଦୀପ୍ତି ମିଶ୍ର

ପ୍ରେମ, ପ୍ରତାରଣା ଓ ପ୍ରବଞ୍ଚନାର କପଟ ଜାଲରେ ପଡ଼ି ଛଟପଟ ହେଉଥିଲା ରୂପା। ଅତୀତର ସ୍ମୃତି ତାକୁ କିଲିବିଲି କରି ଖାଇ ଯାଉଥିଲେ।

ଦିନେ ସେ ଜଣେ ବିକୃତମନା ପ୍ରେମିକର ମିଛ ପ୍ରେମରେ ଫସିଯାଇ ବାଟବଣା ହୋଇ ଯାଇଥିଲା। ସେ ପ୍ରେମିକ ତାକୁ କହୁଥିଲା– "ରୂପା! ତୁମେ ସତରେ ମୋର ରୁପା ଜହ୍ନ, ସଞ୍ଜୁଆ ତାରା... ହଜିଲା ପ୍ରେମ, ପ୍ରୀତି ପସରା... ଆହୁରି କେତେ କ'ଣ ମତୁଆଲା କରିବାର ଶବ୍ଦ ଶତକ।" ରୂପା ତା' କଥାରେ ପଡ଼ି ନିଜକୁ ଭୁଲି ଯାଇଥିଲା। ତା' ପ୍ରେମରେ ପାଗଳ ହୋଇ ନିଜକୁ ସମ୍ପୂର୍ଣ୍ଣ ଦେଇ ଦେଇଥିଲା। ରୂପା ତାକୁ କହିଲା– "ତୁମେ ଆଉ କାହାକୁ ପ୍ରେମ କରିନ ତ?" ସେ କହିଲା– "ମୁଁ ପୂରା ଅକ୍ଷତ। ତୁମେ ମୋର ପ୍ରଥମ ପ୍ରେମ। ମୋ' ଜୀବନରେ ଆଉ କେହି ଆସିନାହାନ୍ତି କିମ୍ବା ଆଗକୁ କେହି ଆସିବେ ନାହିଁ।"

ଏମିତି ଗୋଟେ ମିଛ ପ୍ରେମିକର ସମ୍ମୋହନ ଜାଲରେ ପଡ଼ି ତା'ରି କଥା ଅନୁସାରେ ଉଠ୍‌ବସ ହେଉଥିବା... ନିଜର ସବୁ କିଛି ଦେଇ ସାରି ତା'ର ପ୍ରେମିକା ଭାବରେ ଖୁବ୍ ଗର୍ବ ଅନୁଭବ କରୁଥିବା... ରୂପା ହଠାତ୍ ଅନୁଭବ କଲା ସେ ପ୍ରେମିକ ରୂପାକୁ ବ୍ୟଙ୍ଗୋକ୍ତି କରିବା ଆରମ୍ଭ କରିଛି। ରୂପା ପ୍ରତି ତା'ର ଆଉ ଆଗ ଭଳି ଆସକ୍ତି ନାହିଁ। ପ୍ରତି କଥାରେ ଥଟ୍ଟା, ପରିହାସ, ଉପହାସ କରିଚାଲିଛି।

ସେ ପ୍ରେମିକ ଦିନେ ରୂପାକୁ କହିଲା– ତୁମେ ମୋତେ ଏତେ ଭଲପାଉଛ... ତୁମେ ରସବତୀ ନା ହୃଦୟବତୀ? ଆଶ୍ଚର୍ଯ୍ୟ ହୋଇଗଲା ରୂପା। କହିଲା– "ଏମିତି କ'ଣ କହୁଛ? ତୁମେ କ'ଣ ସତରେ ମୋତେ ଭଲପାଅନି? ତୁମ ପ୍ରେମ କ'ଣ ମିଛ? ଏମିତି ଥଟ୍ଟା କରିବାର ମାନେ କ'ଣ?"

ରୂପା ତା' ନିଜ ମନର ଦୁଃଖକୁ ସହି ନ ପାରି ତା'ର ଜଣେ ଘନିଷ୍ଠ ସାଙ୍ଗ ସିପ୍ରା ଆଗରେ ପ୍ରକାଶ କଲା। ସିପ୍ରା କହିଲା "ଆରେ ମୋ' ସହିତ ବି ସେଇ ପ୍ରେମିକ ମିଛ ପ୍ରେମର ଫନ୍ଦା ପକାଇଥିଲା ଆଉ ତୋ' ପ୍ରତି ଯାହା ହୋଇଛି, ମୋ' ପ୍ରତି ବି ସେଇଆ ହୋଇଛି।"



"ଏମିତି ଅନେକ ପ୍ରବଞ୍ଚକ ଅଛନ୍ତି... ପ୍ରେମ ନାଁରେ କଳଙ୍କ ସୃଷ୍ଟି କରୁଛନ୍ତି। ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣାର ଜାଲରେ ବାନ୍ଧି ଛଟପଟ କରି ମାରୁଛନ୍ତି। ଜଣକୁ ମାରି ସାରିବା ପରେ ଆଉ ଜଣକୁ ପଞ୍ଜା ଲଗାଉଛନ୍ତି। ଏଇଟା ସେମାନଙ୍କର ଗୋଟେ ହବି।"

"ସେମାନେ ଗଣତାନ୍ତ୍ରିକ ଆଭିମୁଖ୍ୟ ନେଇ ବଞ୍ଚିବାର ବାହାନା କରନ୍ତି, କିନ୍ତୁ ମିଛ ପ୍ରେମ କରିବାର ବିକୃତ ମାନସିକତାରୁ ବାହାରି ପାରନ୍ତି ନାହିଁ। ଏଇଟା ସେମାନଙ୍କର ଟାଇମ୍ ପାସ୍। ବାହାରେ ନିଜକୁ ଖୁବ୍ ଗୋଟେ ଜ୍ଞାନୀ ରୂପେ ଦେଖେଇ ହୁଅନ୍ତି, ସାମାଜିକ କର୍ମୀ ଭାବରେ ମହତ୍ କାର୍ଯ୍ୟ କରୁଥିବା ଦେଖେଇ ହୁଅନ୍ତି। କିନ୍ତୁ ଭିତରଟା ନିମ୍ନ ଚେତନାରେ ଏତେ ବୁଡ଼ି ରହିଥାଏ ଯେ ସେଥିରୁ ସେମାନେ ଜମା ମୁକୁଳି ପାରନ୍ତି ନାହିଁ। ଏଇମାନେ ହେଉଛନ୍ତି ସମାଜରେ ମୁଖାପିନ୍ଧା ଭଦ୍ରଲୋକ।"

"ବରଂ ଜୀବନରେ ନିଃସଙ୍ଗତାକୁ ସାଥି କରି ବଞ୍ଚିଯିବା ଭଲ... କିନ୍ତୁ ଏ ପ୍ରକାର ପ୍ରବଞ୍ଚନାରୁ ଦୂରରେ ରହିଲେ ହିଁ ଶାନ୍ତି।"

ସିପ୍ରା ବୁଝେଇ ଦେଲା ରୂପାକୁ।

ମୋ: ୯୪୩୮୪୦୪୩୦୮

# ଓଏଫ୍‌ସିର କ୍ରମାଗତ ପରାଜୟ

ଭୁବନେଶ୍ୱର, ୨୦।୯ (ସରୋଜ ଜେନା)

ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍ଏଲ୍) ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସି ନିକଟରୁ ୨-୧ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହା ସହ ଚଳିତ ସିଜନରେ ଓଏଫ୍‌ସି କ୍ରମାଗତ ଦ୍ୱିତୀୟ ମ୍ୟାଚରେ ପରାଜିତ ହୋଇଛି। ଗତ ସିଜନର ସେମି ଫାଇନାଲିଷ୍ଟ ଓଏଫ୍‌ସି

## ଇଣ୍ଡିଆନ୍ ସୁପର୍ ଲିଗ୍

ବଲ୍ ନିୟନ୍ତ୍ରଣରେ ଆଗୁଆ ରହିଥିଲେ ମଧ୍ୟ ସ୍କୋର କରି ପାରି ନ ଥିଲା। ପଞ୍ଜାବ ଏଫ୍‌ସି ପକ୍ଷରୁ ନିହାଲ ସୁଦୀଶ(୨୮) ଓ ଲିଓନ୍ ଅଗଷ୍ଟିନ(୮୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଏଫ୍‌ସି ୧-୪-୨-୩-୧ କମ୍ବିନେଶନ ସହ ଓହ୍ଲାଇଥିଲା। ଏପରିକି ମିଡ ଫିଲ୍ଡରେ ଦଳର ଖେଳାଳି ମାନେ ପ୍ରଭାବୀ ପ୍ରଦର୍ଶନ ମଧ୍ୟ କରିଥିଲେ। ମ୍ୟାଚ୍‌ରେ ୭୦ ପ୍ରତିଶତ ସମୟ ଓଏଫ୍‌ସି ବଲ ନିୟନ୍ତ୍ରଣରେ ରଖିଥିଲା। ତେବେ ଦଳ ପଞ୍ଜାବ ଡିଫେନ୍ସକୁ ଭେଦିବାରେ ସଫଳ ହୋଇ ନଥିଲା। ମ୍ୟାଚ୍‌ର ୨୮ ତମ ମିନିଟରେ ନିହାଲ ପଞ୍ଜାବ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୦-୧ରେ ପଛୁଆ ରହିବା ପରେ ଓଏଫ୍‌ସି ଆକ୍ରମଣ ଜୋରଦାର କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୮୯ ତମ ମିନିଟରେ ଲିଓନ୍ ଅଗଷ୍ଟିନ ଆଉ ଏକ ଗୋଲ ଦେଇ ପଞ୍ଜାବକୁ ବିଜୟୀ କରିଥିଲେ। ୯୦+୬ ମିନିଟରେ ରବି କୁମାର ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ପଞ୍ଜାବ ୨ ମ୍ୟାଚ୍‌ରୁ ୨ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।



ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# କୋଣାର୍କ ସୂର୍ଯ୍ୟସର ପଦାର୍ପଣ

ଯୋଧପୁର, ୨୦।୯ (ତପନ ସ୍ୱାଇଁ)

ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଲିଜେଣ୍ଡସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ। ଏଥିସହ ଓଡ଼ିଶା ଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ପ୍ରତିଯୋଗିତାରେ ପଦାର୍ପଣ କରିଛି। ମାତ୍ର ସ୍ଲୋ ପିଚ୍‌ରେ କୋଣାର୍କ ସୂର୍ଯ୍ୟସ ବଡ଼ ସ୍କୋର କରିବାରେ ସକ୍ଷମ ହୋଇନାହିଁ। ଦଳ ୨୦ ଓଭରରେ

## ଲିଜେଣ୍ଡସ ଲିଗ୍

୯ ଉଇକେଟ ହରାଇ ୧୦୪ ରନ କରିଛି। ଅଧିନାୟକ ଇରଫାନ ପଠାନ ସର୍ବାଧିକ ୧୮ ରନ କରିଛନ୍ତି। ବିପକ୍ଷ ଦଳର ଅନୁରିତ ସିଂ ଓ ଆମେରିକୀୟ ଦ୍ରୁତ ବୋଲର ଓବୁସ ପିନାର ୨ଟି ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମଣିପାଲ ଟାଇଗର୍ସର ଅଧିନାୟକ ହରଭଜନ ସିଂ। ଶେଲଡନ କଟ୍ରେଲଙ୍କ ପ୍ରଥମ ଓଭରରେ ୯ ରନ ନେଇ ଭଲ ଆରମ୍ଭ କରିଥିଲା କୋଣାର୍କ ସୂର୍ଯ୍ୟସ। ମାତ୍ର ପରବର୍ତ୍ତୀ ୩ ଓଭରରେ ୩ ଉଇକେଟ ପରିଣତ କରିପାରି ନ ଥିଲେ। ଚତୁର୍ଥ ଉଇକେଟ ପତନ ପରେ ଇରଫାନ କ୍ରିଜକୁ ଆସିଥିରୁ ସେ ଦଳକୁ ସେ ଦଳକୁ ସଙ୍କଟରୁ ଉଦ୍ଧାର କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ସେ ୨୩ ବଲ୍‌ରୁ ୨ ଚୌକା ସହାୟତାରେ ୧୮ ରନ କରିଥିବାବେଳେ ହରଭଜନଙ୍କୁ ଖେଳିବାରେ ତ୍ରୁଟି କରି କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଫଳରେ କୋଣାର୍କ ସୂର୍ଯ୍ୟସ ସ୍କୋର ୫୪/୫ ହୋଇ ଯାଇଥିଲା। ଏତିକିରେ ଦଳ ଉପରୁ ବିପଦ ଟଳି ନ ଥିଲା। ଦଳର ସବୁଠାରୁ ବିସ୍ଫୋରକ ବ୍ୟାଟର ୟୁସୁଫ ପଠାନ ମାତ୍ର ୩ ରନକରି ଆଉଟ ହେବାରୁ ସୂର୍ଯ୍ୟସର ବଡ଼ ସ୍କୋର ଆଶା ଶେଷ ହୋଇ ଯାଇଥିଲା। ତେବେ ଶେଷ ଭାଗରେ ନବିନ ଷ୍ଟିୱାର୍ଟଙ୍କ ୧୨ ବଲ୍‌ରୁ ୧୭ (୧ ଚୌକା, ୧ ଛକା) ଓ ବିନୟ କୁମାରଙ୍କ ୫ ବଲ୍‌ରୁ ଅପରାଜିତ ୧୧ (୧ ଚୌକା, ୧ ଛକା) ରନ ଯୋଗୁ ଓଡ଼ିଶା ଦଳ ରନ ସଂଖ୍ୟା ୧୦୦ ଅତିକ୍ରମ କରିଥିଲା। ରସ୍ ଟେଲର ଧିମା ବ୍ୟାଟିଂ କରି ୨୮ ବଲ୍‌ରୁ ଯଦିଓ ମାତ୍ର ୧୪ ରନ କରିଥିଲେ ତେବେ ତାଙ୍କ ଉପସ୍ଥିତି ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା ଇରଫାନ ପଠାନଙ୍କ ଦଳ। ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ମଣିପାଲ ଟାଇଗର୍ସକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ଦ୍ରୁତ ବୋଲରୀ ଅନୁରୀତ ସିଂ। ଅମ୍ବାତି ରାୟୁଡୁ ୭ ବଲ୍‌ରୁ ୮ ରନ କରିଥିଲେ। ମ୍ୟାଚର ତୃତୀୟ ଓଭରର ୩ୟ ବଲ୍‌ରେ ରିଚାର୍ଡ ଲେଭିଙ୍କୁ ହରଭଜନଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ପଠାଇଥିଲେ କଟ୍ରେଲ। କେବଳ ସେତିକି ନୁହେଁ ୪ର୍ଥ ଓଭରରେ ବୋଲିଂ ଭାର ପାଇଥିବା ରାହୁଲ ଶୁକ୍ଳା ୩ୟ ଓଭରରେ କେଭିନ ଓ'ବ୍ରାଏନଙ୍କୁ ଆଉଟ କରିଥିବାବେଳେ ୭ମ ଓଭରର ୪ର୍ଥ ବଲ୍‌ରେ ଦିଲସାନ ମୁନାବୀରାଙ୍କୁ ଆଉଟ କରି ବିପର୍ଯ୍ୟୟ ଘଟାଇଥିଲେ ଓବୁସ ପିନାର। ଲେଭି ଓ ଓ'ବ୍ରାଏନ ୬ ରନ ଲେଖାଏ ଏବଂ ମୁନାୱିରା ୧୧ ରନ କରିଥିଲେ।

ଓଡ଼ିଶା ଦଳସହ ଇରଫାନ ପଠାନଙ୍କ ଆରମ୍ଭ ଭଲ ହୋଇଥିଲେ ମଧ୍ୟ ସେ ତାହାକୁ ବଡ଼ ସ୍କୋରରେ ଯୋଗୁ ଦଳ ପୂରା ୨୦ ଓଭର ଖେଳିବାକୁ ସକ୍ଷମ ହୋଇଥିଲା। ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିଲା କୋଣାର୍କ ସୂର୍ଯ୍ୟାସ। ମଣିପାଲ ଟାଇଗର୍ସ ପକ୍ଷରୁ ଅନୁରୀତ ସିଂ ଓ ଓବୁସ ପିନାର ୨ଟି ଲେଖାଏ ଏବଂ ଶେଲଡନ କଟ୍ରେଲ, ରାହୁଲ ଶୁକ୍ଳା ଓ ହରଭଜନ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୧୦୪/୯ (ଇରଫାନ ପଠାନ-୧୮, ନବିନ ଷ୍ଟିୱାର୍ଟ-୧୭, ରସ୍ ଟେଲର-୧୪, ଅନୁରୀତ ସିଂ-୨/୨୬, ଓବୁସ ପିନାର-୨/୧୦, ଶେଲଡନ କଟ୍ରେଲ-୧/୨୬, ରାହୁଲ ଶୁକ୍ଳା-୧/୨୩, ହରଭଜନ ସିଂ-୧/୧୧)।



କୋଣାର୍କ ସୂର୍ଯ୍ୟସ୍ ଅଧିନାୟକ ଇରଫାନ ପଠାନ ଆଉଟ୍ ହୋଇ ଫେରୁଛନ୍ତି।




### ଯୋଧପୁର କ୍ରିକେଟ କ୍ରେଜ୍

## ଉତ୍ସାହ ଭରିଲେ ଦର୍ଶକ

ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଲିଜେଣ୍ଡସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଷ୍ଟାଡିୟମର ଅର୍ଦ୍ଧାଧିକ ଦର୍ଶକରେ ଭରି ଯାଇଥିଲା। ଏହା ଉଭୟ ଖେଳାଳି ଓ ଆୟୋଜକଙ୍କୁ ବେଶ୍ ଉତ୍ସାହିତ କରିଥିଲା। ୱେଷ୍ଟ ଷ୍ଟାଣ୍ଡ ପରିପୂର୍ଣ୍ଣ ହୋଇ ଯାଇଥିବାବେଳେ ଅନ୍ୟ ୩ ଷ୍ଟାଣ୍ଡ ଅଧା ଦର୍ଶକରେ ଭରି ରହିଥିଲା। ପ୍ରତିଟି ଛକା, ଚୌକା, ଉଇକେଟ ପତନ ଏବଂ ଚମତ୍କାର ଫିଲ୍ଡିଂ ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୋଧପୁରର ଉଷ୍ମ ଏବଂ ଗୁଳୁଗୁଳି ପରିବେଶର ପ୍ରଭାବ ପଡ଼ିଥିରେ ଦେଖିବାକୁ ମିଳିଥିଲା। ମାତ୍ର ଏହା ସତ୍ତ୍ୱେ ଦର୍ଶକମାନେ ମ୍ୟାଚ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମରେ ଉପସ୍ଥିତ ରହି ସେମାନଙ୍କ ପ୍ରିୟ କିମ୍ବଦନ୍ତୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ନଟରାଜ ଇମ୍ପାକ୍ଟ ପ୍ଲେୟର

କୋଣାର୍କ ସୂର୍ଯ୍ୟସ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ନଟରାଜ ବେହେରା ସାମିଲ ଅଛନ୍ତି। ଟିମ୍ କମ୍ବିନେଶକୁ ଦେଖି ତାଙ୍କର ମଧ୍ୟ ଖେଳିବା ସମ୍ଭାବନା ରହିବ ବୋଲି ପୂର୍ବତନ ସାକ୍ଷାତକାର ଅବସରରେ ପ୍ରକାଶ କରିଥିଲେ ଦଳର ଅଧିନାୟକ ଇରଫାନ ପଠାନ। ମାତ୍ର ପ୍ରଥମ ମ୍ୟାଚର ଗୁରୁତ୍ୱ ଏବଂ ଦଳରେ ବହୁ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଥିବାରୁ ନଟରାଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନ ଥିଲା। ମାତ୍ର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ପକ୍ଷରୁ ପ୍ରକାଶିତ ଇମ୍ପାକ୍ଟ ଖେଳାଳି ତାଲିକାରେ ନଟରାଜଙ୍କ ନାଁ ସାମିଲ ଥିଲା। ଫଳରେ ଆବଶ୍ୟକ ହେଲେ ନଟରାଜ ଖେଳିବା ସମ୍ଭାବନା ବଢ଼ିଥିଲା।

# ୧୭ ଜଣଙ୍କୁ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ୍




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୨୦।୯(ସରୋଜ ଜେନା)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ନବମ ବ୍ୟାଚ୍‌ରେ ମୋଟ ୧୭ ଜଣ ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଇଫଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ଆଇଏସ୍ଏସ୍ଏଫ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ୩ ଦିନିଆ ଶିବିରରେ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍‌ର ବ୍ୟବହାର, ସୁରକ୍ଷା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। କୃତକାର୍ଯ୍ୟ ହୋଇଥିବା ଶିବିରାର୍ଥୀଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଓ ସଭାପତି ଡ. ଗୌରୀ ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପ ସଭାପତି କଳିକେଶ ନାରାୟଣ ସିଂଦେଓ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତ ୩୦୮ ରନ୍‌ରେ ଆଗୁଆ

ଚେନ୍ନାଇ,୨୦।୯(ପି.ଟି.)

ଚେନ୍ନାଇରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ପେସ୍ ବୋଲର ଚମତ୍କାର ବୋଲିଂ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୩୦୮ ରନ୍‌ରେ ଆଗୁଆ ରହିଛି। ରବିଚନ୍ଦ୍ରନ ଅଶ୍ୱିନଙ୍କ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ୮୬ ରନ୍ ବଳରେ ଭାରତ ପ୍ରଥମ ଇନିଂସରେ ୩୭୬ ରନ୍ କରିଥିଲା। ଜବାବରେ ଭାରତୀୟ ପେସରଙ୍କ ଘାତକ ବୋଲିଂ ବଳରେ ବାଂଲାଦେଶ ମାତ୍ର ୧୪୯ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ଦ୍ୱିତୀୟ

## ପ୍ରଥମ ଟେଷ୍ଟ

ଇନିଂସ ଆରମ୍ଭ କରି ୩ ଉଇକେଟ ହରାଇ ୮୧ ରନ୍ କରିଛି। ଭାରତ ହାତରେ ୭ ଉଇକେଟ ରହିଥିବା ବେଳେ ଏହା ୩୦୮ ରନ୍‌ରେ ଆଗୁଆ ରହିଛି।

### ଜାଡେଜା-ଅଶ୍ୱିନଙ୍କ ୧୯୯

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୩୯/୬ରୁ ଖେଳ ଆରମ୍ଭ କରି ଭାରତ ଆଉ ୩୭ ରନ୍ ଯୋଡିଥିଲା। ରବୀନ୍ଦ୍ର ଜାଡେଜା ପୂର୍ବ ଦିନର ସ୍କୋରରେ କୌଣସି ରନ୍ ଯୋଡିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନ ୧୧୩ ଓ ଆକାଶ ଦୀପ୍ ୧୭ ରନ୍ ସ୍କୋର କରିଥିଲେ। ଲୋକାଲ ବୟ ଅଶ୍ୱିନ ୧୩୩ ବଲ୍ ଖେଳି ୧୧ ଚୌକା ଓ ୨ ଛକା ସହ ୧୧୩ ରନ କରିଥିଲେ। ଅନ୍ୟପକ୍ଷରେ ଜାଡେଜା ୧୨୪ ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୮୬ ରନରେ ଆଉଟ ହୋଇଥିଲେ। ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟମ ଉଇକେଟରେ ୧୯୯ ରନ୍ ଯୋଡିଥିଲେ। ବାଂଲାଦେଶ ପକ୍ଷରୁ ହସନ୍ ମେହମୁଦ୍ ୫ ଉଇକେଟ ନେଇଥିବା ବେଳେ ଟାସ୍କିନ୍ ଅହମଦ୍ ୩, ମେହିଦୀ ହସନ ମିରାଜ ଓ ନାହିଦ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। କ୍ୟାରିୟରର ଚତୁର୍ଥ ଟେଷ୍ଟ ଖେଳୁଥିବା ହସନ୍ ଦ୍ୱିତୀୟ ଥର ପାଇଁ ୫ ଉଇକେଟ ନେଇଛନ୍ତି।



ଉଇକେଟ ନେବା ପରେ ଉଲ୍ଲସିତ ଆକାଶ ଦୀପ।

### ବୁମ୍‌ରାଙ୍କ ଘାତକ ବୋଲିଂ

ବାଂଲାଦେଶ ଇନିଂସ ଆରମ୍ଭରୁ ପ୍ରଥମ ଓଭରରେ ଶଦମାନ ଇସଲାମଙ୍କୁ ଆଉଟ କରିଥିଲେ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଆକାଶ ଦୀପ୍ ଅଷ୍ଟମ ଓଭରର ଲଗାତର ବଲ୍‌ରେ ଦୁଇଟି ଉଇକେଟ ନେଇ ବାଂଲାଦେଶକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ। ବାଂଲାଦେଶ ପକ୍ଷରୁ ଶାକିବ୍ ଅଲ ହସନ ସର୍ବାଧିକ ୩୨ ରନ୍ କରିଥିବା ବେଳେ ମେହିଦୀ ହସନ ମିରାଜ ୨୭, ଲିଟନ୍ ଦାସ ୨୨ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଆକାଶ ଦୀପ୍, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ବାଂଲାଦେଶକୁ ଫଲୋଅନ ଡାକରା ନ ଦେଇ ଭାରତ ବ୍ୟାଟିଂ କରିଥିବା ବେଳେ ଷ୍ଟମ୍ପସ ବେଳକୁ ୩ ଉଇକେଟରେ ୮୧ ରନ୍ କରିଛି। ଶୁବମାନ ଗିଲ୍ ୩୩ ଓ ରିଷଭ ପନ୍ତ ୧୨ ରନ୍‌ରେ ବ୍ୟାଟିଂ କରୁଛନ୍ତି। ବାଂଲାଦେଶ ପକ୍ଷରୁ ଟାସ୍କିନ୍ ଅହମଦ୍, ନାହିଦ ରାଣା ଓ ମେହିଦୀ ହସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୯୧.୨ ଓଭରରେ ୩୭୬/୧୦(ରବିଚନ୍ଦ୍ରନ ଅଶ୍ୱିନ-୧୧୩, ରବୀନ୍ଦ୍ର ଜାଡେଜା-୮୬, ଯଶସ୍ୱୀ ଜୟସ୍ୱାଲ-୫୬, ହସନ ମେହମୁଦ-୫/୮୩, ଟାସ୍କିନ ଅହମଦ-୩/୫୫, ମେହିଦୀ ହସନ ମିରାଜ-୧/୭୭, ନାହିଦ୍ ରାଣା-୧/୮୨)। ବାଂଲାଦେଶ ପ୍ରଥମ ଇନିଂସ ୪୭.୧ ଓଭରରେ ୧୪୯/୧୦(ଶାକିବ୍ ଅଲ ହସନ-୩୨, ମେହିଦୀ ହସନ ମିରାଜ-୨୭, ଲିଟନ୍ ଦାସ-୨୨, ଯଶପ୍ରୀତ୍ ବୁମ୍‌ରା-୪/୫୦, ଆକାଶ ଦୀପ୍-୨/୧୯, ରବୀନ୍ଦ୍ର ଜାଡେଜା-୨/୧୯)।

# ଆଭେଶ, ଆକ୍ୱିବଙ୍କ ପ୍ରଭାବୀ ପ୍ରଦର୍ଶନ

ଅନନ୍ତପୁର, ୨୦।୯ (ପି.ଟି.)

ଦୁଲୀପ ଟ୍ରଫି କ୍ରିକେଟ ଫାଇନାଲ ରାଉଣ୍ଡରେ ଆଭେଶ ଖାନ୍ ଓ ଆକ୍ୱିବ ଖାନ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ 'ସି' ବିପକ୍ଷରେ ସୁବିଧାଜନକ ସ୍ଥିତିରେ ରହିଛି ଭାରତ 'ଏ' ଦଳ। ଶୁକ୍ରବାର ଥିଲା ମ୍ୟାଚର ଦ୍ୱିତୀୟ ଦିବସ। ପେସର ଆଭେଶ ପ୍ରଥମେ ଅପରାଜିତ ଅର୍ଦ୍ଧଶତକ ହାସଲ କରିବା ପରେ ବିପକ୍ଷ ଦଳର ଇଶାନ କିଶନଙ୍କ ପ୍ରାଇଜ ଉଇକେଟ ଅକ୍ତିଆର କରିଛନ୍ତି। ଭାରତ ତରଫରୁ ୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୩ ଟି୨୦ ଖେଳିଥିବା ୨୭ ବର୍ଷୀୟ ଆଭେଶ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ସେ ୬୮ ବଲ୍ ସାମ୍ନା କରି ୫ ଚୌକା ଓ ୪ ଛକା ସହ ୫୧ ରନ କରି ଅପରାଜିତ ରହିଥିଲେ। ଭାରତ 'ଏ' ଏହାର ପ୍ରଥମ ଇନିଂସରେ ୨୯୭ ରନ କରିବାରେ ସମର୍ଥ ହୋଇଛି। ପରେ ୟଙ୍ଗଷ୍ଟର ଆକ୍ୱିବ (୩/୪୩) ଓ ଆଭେଶ (୧/୫୨)ଙ୍କ ଚମତ୍କାର ବୋଲିଂ କରି ଭାରତ 'ସି' ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ଭାରତ 'ସି' ୭ଉଇକେଟ ବିନିମୟରେ ୨୧୬ ରନ କରିଥିଲା। ଦଳ ଭାରତ 'ଏ'ଠାରୁ ଆହୁରି ୮୧ ରନ ପଛରେ ରହି ଏହି ୪ ଦିନିଆ ମୁକାବିଲାରେ ପ୍ରଥମ ଇନିଂସ ଅଗ୍ରଣୀ ପାଇଁ ସଂଘର୍ଷ ଚଳାଇଛି। ଭାରତ 'ସି' ୯ ପଏଣ୍ଟ ସହ ବର୍ତ୍ତମାନ ଟେବୁଲ ଶୀର୍ଷରେ ରହିଥିବା ବେଳେ ଏହାପଛକୁ ଭାରତ 'ବି' (୭) ଓ ଭାରତ 'ଏ' (୬) ରହିଛି। ଏହି ରାଉଣ୍ଡ ଖେଳ ପରେ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ଦୁଲୀପ ଟ୍ରଫି ଟାଇଟଲ ବିଜୟୀ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ପ୍ରଥମ ଇନିଂସ: ୨୯୭ (ଶାଶ୍ୱତ ରାଓ୍ୱତ-୧୨୪, ଆଭେଶ ଖାନ୍-୫୧*, ଶାମ୍ସ ମୁଲାନୀ-୪୪, ପ୍ରସିଦ୍ଧ କ୍ରିଷ୍ଣା-୩୪; ବିଜୟ କୁମାର ଭିସାକ୍-୪/୫୧, ଅଂଶୁଲ କାମ୍ବୋଜ-୩/୪୯, ଗୌରବ ଯାଦବ-୨/୫୭)। ଭାରତ 'ସି' ପ୍ରଥମ ଇନିଂସ: ୨୧୬/୭ (ଅଭିଷେକ ପୋରେଲ-୮୨, ପୁଲକିତ ନାରଙ୍ଗ-୩୫*; ଆକ୍ୱିବ ଖାନ୍-୩/୪୩, ଶାମ୍ସ ମୁଲାନୀ-୨/୩୦)।

# ଅଂଶିକା, ଦୀପ୍ତିରାଣୀଙ୍କୁ ଡବଲ୍ ଗୋଲ୍ଡ

ଭୁବନେଶ୍ୱର, ୨୦।୯ (ସରୋଜ ଜେନା)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିନରେ ଅଂଶିକା ରାଉତରାୟ ଓ ଦୀପ୍ତିରାଣୀ

## ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ସାହୁ ଡବଲ୍ ଗୋଲ୍ଡ ଜିତିଛନ୍ତି। ରାଜ୍ୟର ୩୦ ଜିଲାରୁ ୯୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଡିସକସ୍ ଥ୍ରୋୟର ଅଂଶିକା ରାଉତରାୟ ୨୩ ବର୍ଷରୁ କମ୍ ଡିସକସ୍ ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ୨୩ ବର୍ଷରୁ କମ୍ ୫୦୦୦ ମିଟର ଦୌଡ ଓ ୧୫୦୦ ମିଟର ଦୌଡରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି କେନ୍ଦ୍ରାପଡାର ଦୀପ୍ତିରାଣୀ। ୫ହଜାର ମିଟର ଦୌଡରେ ଦୀପ୍ତିରାଣୀ ୧୯:୫୩:୪୧ ସେକେଣ୍ଡର ସମୟ ନେଇଥିଲେ। ଅନ୍ୟ ପକ୍ଷରେ ୧୫୦୦ ମିଟର ଦୌଡରେ ଦୀପ୍ତି ୫.୦୧.୭୮ ସେକେଣ୍ଡର ସମୟ ନେଇଥିଲେ।





ଅଂଶିକା ରାଉତରାୟ ଓ ଦୀପ୍ତିରାଣୀ ସାହୁ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Cheil 22495/24